

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୨ ଜୁଲାଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 12 July 2024
Vol.No. 35 ■ No.186 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସ୍ୱଦେଶ ଫେରିଲେ ମୋଦି: କହିଲେ - ଭାରତ ଯୁଦ୍ଧରେ ନୁହେଁ, ବୁଦ୍ଧରେ ରଖେ ବିଶ୍ୱାସ

ନୂଆଦିଲ୍ଲୀ, ୧୧/୭ : ବିଶ୍ୱରେ ଶାନ୍ତି ଏବଂ ସମୃଦ୍ଧତା ପାଇଁ ଭାରତର ଦୀର୍ଘ ଦିନର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଏନାରେସମ୍ବୋଧିତ କରି କହିଛନ୍ତି ଯେ ଭାରତ ବିଶ୍ୱକୁ 'ଯୁଦ୍ଧ' ନୁହେଁ, 'ବୁଦ୍ଧ' ଦେଇଛି। ଏକବିଂଶ ଶତାବ୍ଦୀରେ ବିଶ୍ୱ ନେତୃତ୍ୱ ପାଇଁ ଭାରତର ଆକାଂକ୍ଷାକୁ ପ୍ରଧାନମନ୍ତ୍ରୀ ମୋଦୀ ଆଲୋକିତ କରି କହିଥିଲେ ଯେ ଦେଶ "ସର୍ବୋତ୍ତମ, ଉଜ୍ଜ୍ୱଳ, ବୃହତ୍ତମ ହାସଲ କରିବା ଏବଂ ସର୍ବୋଚ୍ଚ ମାଇଲଖୁଣ୍ଟରେ ପହଞ୍ଚିବା" ଦିଗରେ କାର୍ଯ୍ୟ କରୁଛି। "ହଜାରେ ବର୍ଷ ଧରି ଆମେ ଆମର ଜ୍ଞାନ ଏବଂ ପାରଦର୍ଶୀତା ବାଣ୍ଟୁଛୁ। ଆମେ ଯୁଦ୍ଧ ଦେଇ ନାହୁଁ, ଆମେ ବିଶ୍ କୁ ବୁଦ୍ଧ ଦେଇଛୁ। ଭାରତ ସର୍ବଦା ଶାନ୍ତି ଏବଂ ସମୃଦ୍ଧତା ଦେଇଛି'' ବୋଲି ପ୍ରଧାନମନ୍ତ୍ରୀ ମୋଦୀ ବୁଧବାର



ଭିଏନାରେ କହିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କର ଦୁଇ ଦେଶ ଗସ୍ତ ସମୟରେ ଅଷ୍ଟ୍ରିଆରେ ଏହି ମନ୍ତବ୍ୟ ଦେଇଛନ୍ତି। ଅଷ୍ଟ୍ରିଆ ପୂର୍ବରୁ ସେ ରୁଷ୍ ଯାଇଥିଲେ। ମସ୍କୋରେ ସେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଆଲୋଚନା ସମୟରେ ୟୁକ୍ରେନ ଯୁଦ୍ଧର ଶାନ୍ତିପୂର୍ଣ୍ଣ ସମାଧାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ୪୧ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଷ୍ଟ୍ରିଆ ଗସ୍ତ ପ୍ରଥମ ଥର ପାଇଁ ହୋଇଥିଲା। ସେ ଏହି ଗସ୍ତକୁ ଏକ "ଅର୍ଥପୂର୍ଣ୍ଣ" ବୋଲି କହିଥିଲେ। ଭାରତ ଏବଂ ଅଷ୍ଟ୍ରିଆ ସେମାନଙ୍କର ବନ୍ଧୁତ୍ୱର ୭୫ ବର୍ଷ ପାଳନ କରୁଛନ୍ତି। ଭାରତ ଏବଂ ଅଷ୍ଟ୍ରିଆ ଭୌଗୋଳିକ ଦୃଷ୍ଟିରୁ ଦୁଇଟି ଭିନ୍ନ ପ୍ରାନ୍ତରେ ଅଛନ୍ତି, କିନ୍ତୁ ଆମର ଅନେକ ସମାନତା ଅଛି। ଗଣତନ୍ତ୍ର ଉଭୟ ଦେଶକୁ ଯୋଡ଼ିଥାଏ। ଆମର ସହଭାଗୀ ମୂଲ୍ୟବୋଧ ହେଉଛି ସ୍ୱାଧୀନତା, ସମାନତା, ବହୁବଚନତା ଏବଂ ଆଇନର ଶାସନ ପ୍ରତି ସମ୍ମାନ। ଆମର ସମାଜ ବହୁ ସଂସ୍କୃତି ଏବଂ ବହୁଭାଷୀ। ଉଭୟ ଦେଶ ବିବିଧତାକୁ ପାଳନ କରେ ଏବଂ ଏହି ମୂଲ୍ୟବୋଧକୁ ପ୍ରତିଫଳିତ କରିବା ପାଇଁ ଏକ ବଡ଼ ମାଧ୍ୟମ ହେଉଛି ନିର୍ବାଚନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାର କିଙ୍ଗପିନ୍ 'ରକି' ଗିରଫ

ପାଟନା, ୧୧/୭ : ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇକୁ ବଡ଼ ସଫଳତା ମିଳିଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ରାକେଶ ରଂଜନ ଓରଫ ରକିକୁ ଗିରଫ କରାଯାଇଛି । ଗିରଫ କରିବା ପରେ ସିବିଆଇ ଆଜି ତାକୁ ପାଟନା କୋର୍ଟରେ ହାଜର କରିଥିଲା। କୋର୍ଟ ରକିଙ୍କୁ ୧୦ ଦିନିଆ ସିବିଆଇ ରିମାଣ୍ଡକୁ ପଠାଇ ଦେଇଛନ୍ତି। ରକି ମୂଳତଃ ବିହାରର ନୱାଡାର ବାସିନ୍ଦା। କିନ୍ତୁ ଗତ କିଛି ବର୍ଷ ହେବ ସେ ରାଞ୍ଚିରେ ଏକ ରେଷ୍ଟୁରାଣ୍ଟ ଚଳାଉଥିଲା। ମିଳିଥିବା ସୂଚନା ଅନୁଯାୟୀ, ରକି ହିଁ ନିଟ୍ ପ୍ରଶ୍ନପତ୍ର ଲିକ୍ କରାଇ ଚିଣ୍ଟୁଙ୍କ ମୋବାଇଲକୁ ପଠାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ରକିକୁ ଧରିବା ପାଇଁ ସିବିଆଇ ପକ୍ଷରୁ ପାଟନା, କଲିକତା ଓ ଏହାର ଆଖପାଖ ୨ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ରାକେଶ ତା ପତ୍ନୀର ମେଲ୍ ଆଇଡି ବ୍ୟବହାର କରି ମେଲ୍ କରୁଥିଲେ, ସେହି ଆଇପି ଠିକଣା ଠାବ କରି ସିବିଆଇ ତା ପାଖରେ ପହଞ୍ଚିଥିଲା। ରକି ଏହି ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ସଞ୍ଜୀବ ମୁଖିଆଙ୍କ ସମ୍ପର୍କୀୟ ବୋଲି କୁହାଯାଉଛି। ପେପର ଲିକ୍ ମାମଲାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ସନ୍ଦେହ କରାଯାଉଛି। ରକିକୁ ଆଉଟର ପାଟନା ଅଞ୍ଚଳରୁ ଗିରଫ କରାଯାଇଛି। ନିଟ୍ ପେପର ଲିକ୍ ମାମଲାର ତଦନ୍ତ କରୁଥିବା ସିବିଆଇ ଟିମ୍ ମଙ୍ଗଳବାର ଆଉ ଦୁଇ ଅଭିଯୁକ୍ତ ସନ୍ନି ଓ ରଞ୍ଜିତଙ୍କୁ ଗିରଫ କରିଥିଲା। ଗିରଫ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ଜଣେ ପରୀକ୍ଷାର୍ଥୀ ହୋଇଥିବା ବେଳେ ଅନ୍ୟ ଜଣେ ଅନ୍ୟ ପ୍ରାର୍ଥୀଙ୍କ ବାପା।

## ଅର୍ଦ୍ଧସୈନିକ ବାହିନୀରେ ଅଗ୍ନିବୀରଙ୍କ ପାଇଁ ୧୦% ସଂରକ୍ଷଣ



ନୂଆଦିଲ୍ଲୀ, ୧୧/୭ : ଅଗ୍ନିପଥ ଯୋଜନାକୁ ନେଇ ବିରୋଧୀ ଦଳମାନେ ସରକାରଙ୍କୁ ଟାର୍ଗେଟ କରିଚାଲିଥିବାବେଳେ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଏବେ ପୂର୍ବତନ ଅଗ୍ନିବୀରମାନଙ୍କୁ ଅର୍ଦ୍ଧସାମରିକ ବାହିନୀରେ ୧୦ ପ୍ରତିଶତ ସଂରକ୍ଷଣ ଦିଆଯିବ। ସିଆଇଏସଏଫ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବ । ଏହାକୁ ନେଇ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସଏଫ) ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିବା କୁହାଯାଉଛି। ସୂଚନାଯୋଗ୍ୟ, ଅଗ୍ନିବୀରଙ୍କୁ ନେଇ ଲଗାତାର ପ୍ରଶ୍ନ ଉଠୁଛି। ଅଗ୍ନିବୀରଙ୍କ ପାଇଁ ସମାନ ସୁବିଧା ପାଇଁ ବିରୋଧୀ ଦଳ ଲଗାତାର ଦାବି କରି ଆସୁଛନ୍ତି। ଏବେ ଗୃହ ମନ୍ତ୍ରଣାଳୟର ଏହି ପଦକ୍ଷେପ ବିରୋଧୀଙ୍କ ଆକ୍ରମଣର ପ୍ରକୋପକୁ ହ୍ରାସ କରିବ। କେନ୍ଦ୍ରର ଏହି ନିଷ୍ପତ୍ତି ଦ୍ୱାରା ହଜାର ହଜାର ଅଗ୍ନିବୀର ଉପକୃତ ହେବେ । ସରକାର ୧୪ ଜୁନ୍ ୨୦୨୨ରେ ଅଗ୍ନିପଥ ଯୋଜନା ଆଣିଥିଲେ । ଏହା ଅନୁସାରେ ସାଢ଼େ ୧୭ରୁ ୨୧ ବର୍ଷ ବୟସର ଯୁବକମାନଙ୍କୁ ୪ ବର୍ଷ ପାଇଁ ସଶସ୍ତ୍ର ବାହିନୀରେ ନିଯୁକ୍ତି ଦିଆଯାଉଛି । ମାତ୍ର ଆରମ୍ଭ ହେବାପରଠାରୁ ବିରୋଧୀ ଦଳ ସେମାନେ କେତେକ ରାଜ୍ୟର ଲୋକମାନେ ଏହାକୁ ବିରୋଧ କରୁଛନ୍ତି । ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଏହାକୁ ନେଇ ଲଗାତାର ସରକାରଙ୍କୁ ଟାର୍ଗେଟ କରୁଛନ୍ତି । ଅଗ୍ନିବୀରମାନଙ୍କୁ ସାଧାରଣ ସୈନିକଙ୍କ ଭଳି ▶▶ପୃଷ୍ଠା ୭

## ବଜ୍ରପାତରେ ଗୋଟିଏ ଦିନରେ ୩୮ ମୃତ: ଏକାଧିକ ଆହତ

ନୂଆଦିଲ୍ଲୀ, ୧୧/୭ : ବୁଧବାର ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ କାରଣରୁ ୩୮ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି । ଉତ୍ତର ପ୍ରଦେଶର ବିଭିନ୍ନ ଅଞ୍ଚଳରେ ବଜ୍ରାଘାତରେ ଗୋଟିଏ ଦିନରେ ୩୮ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ରିପୋର୍ଟ ହସ୍ତଗତ ହୋଇଛି। ରିପୋର୍ଟ ଅନୁସାରେ, ପ୍ରତାପଗଡ଼ରେ ସର୍ବାଧିକ ୧୧ ଜଣଙ୍କର ବଜ୍ରାଘାତରେ ମୃତ୍ୟୁ ଘଟିଛି । ସେହିପରି ସୁଲତାନପୁରରେ ୭ ଜଣ, ଚନ୍ଦୌଲିରେ ୬ ଜଣ, ମୈନପୁରୀରେ ୫ ଜଣ, ପ୍ରୟାଗରାଜରେ ୪ ଜଣ, ଔରୟା, ଦେଓରିଆ, ହାଥରସ, ବାରଣାସୀ ଏବଂ ସିଦ୍ଧାର୍ଥନଗରରେ ଜଣେ ଲେଖାଏ ଲୋକଙ୍କର ମୃତ୍ୟୁ ଘଟିଛି। ଏହି ସବୁ ଜିଲ୍ଲାର ୧୨ରୁ ଅଧିକ ଲୋକ ଆହାତ ହୋଇଥିବା ବେଳେ ପୂର୍ବ ଉତ୍ତରପ୍ରଦେଶର ଚନ୍ଦୌଲିରେ ମଧ୍ୟ ଅନେକ ଲୋକ ଆହତ ହୋଇଛନ୍ତି। ଆହତମାନଙ୍କୁ ଜିଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୃତକମାନଙ୍କ ମଧ୍ୟରେ ୧୩ ଏବଂ ୧୫ ବର୍ଷ ବୟସର ଦୁଇ ସମ୍ପର୍କୀୟ ଭାଇ ଅଛନ୍ତି। ସେମାନେ ଚାଷ କିମ୍ବା ମାଛ ଧରିବା ସମୟରେ ବଜ୍ରପାତରେ ପ୍ରାଣ ହରାଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୧୧/୭ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶ୍ରୀକ୍ଷେତ୍ରରେ ପହଣ୍ଡି ଅଘଟଣକୁ ନେଇ ସେ ଚିଠି ଲେଖିଛନ୍ତି। ନବୀନ ଚିଠିରେ ଲେଖିଛନ୍ତି, ପହଣ୍ଡି ଅଘଟଣ ସାରା ବିଶ୍ୱର ଜଗନ୍ନାଥ ପ୍ରେମୀଙ୍କୁ ବ୍ୟଥିତ କରିଛି। ମୁଁ ମଧ୍ୟ ଏହି ଘଟଣା ପାଇଁ ଅତ୍ୟନ୍ତ ମର୍ମାହତ ବୋଲି ନବୀନ ଲେଖିଛନ୍ତି। ନବୀନ ପଟ୍ଟନାୟକ ଚିଠିରେ ଲେଖିଛନ୍ତି, ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓଡ଼ିଆ ଅସ୍ମିତାର ପ୍ରତୀକ। ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ପରିଚୟ। ସେ ହେଉଛନ୍ତି ଏ ଜାତିର ମଉଡମଣି। ଜଗତର ନାଥ ଜଗନ୍ନାଥ। ମହାପ୍ରଭୁଙ୍କ ରଥଯାତ୍ରାରେ ଭାଗ



ନେବା ପାଇଁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଜଗନ୍ନାଥ ପ୍ରେମୀ ଆସି ପୁରୀ ଧାମରେ ସମ୍ମିଳିତ ହୋଇଥାନ୍ତି ବୋଲି ଲେଖିଛନ୍ତି। ସେ ଆହୁରି ଲେଖିଛନ୍ତି, ଚଳିତବର୍ଷ ଆଡପ ମଣ୍ଡପକୁ ବଡ ଠାକୁରଙ୍କ ପହଣ୍ଡି ବେଳେ ଯେଉଁ ଅଘଟଣ ଘଟିଲା, ତାହା ସାରା ବିଶ୍ୱର ଜଗନ୍ନାଥ ପ୍ରେମୀଙ୍କୁ ଗଭୀର ଭାବରେ ବ୍ୟଥିତ କରିଛି। ମୁଁ ମଧ୍ୟ ଏହି ଘଟଣାରେ ଅତ୍ୟନ୍ତ ମର୍ମାହତ। ମହାପ୍ରଭୁ ହେଉଛନ୍ତି ଓଡ଼ିଆ ଜାତିର ଇଷ୍ଟ। ତାଙ୍କର ପହଣ୍ଡି ବେଳେ ଏଭଳି ଅଘଟଣ ଅଶୃତପୂର୍ବ। ଚାରମାଳରେ ପହଣ୍ଡି ସମୟରେ ବଡ ଠାକୁର ମୁହଁ ମାଡି ପଡି ଯିବାର ଦୃଶ୍ୟ ଥିଲା ଅତ୍ୟନ୍ତ ହୃଦୟ ବିଦାରକ। ରଥଯାତ୍ରାର ହଜାର ହଜାର ବର୍ଷର ପରମ୍ପରାରେ ଏଭଳି ଘଟଣା କେବେ ଘଟି ନଥିଲା। ଆଖିରେ ଦେଖି ମଧ୍ୟ ଏଭଳି ଅଘଟଣକୁ ବିଶ୍ୱାସ କରି ହେଲାନାହିଁ। ଏଭଳି ସ୍ୱର୍ଶକାତର ବିଷୟରେ ରାଜ୍ୟ ମନ୍ତ୍ରିମଣ୍ଡଳର କିଛି ସଦସ୍ୟ ଯେଭଳି ହାଲୁକା ମନ୍ତବ୍ୟ ଦେଲେ, ତାହା ଜଗନ୍ନାଥ ପ୍ରେମୀଙ୍କ ଦୁଃଖକୁ ଦ୍ୱି'ଗୁଣିତ କରିଛି। ଭକ୍ତର ଭାବାବେଗକୁ ଗଭୀର ଆଘାତ ଦେଇଛି। ସରକାରଙ୍କର ଏଭଳି ଅଭିମୁଖ୍ୟ ଜଗନ୍ନାଥ ପ୍ରେମୀଙ୍କୁ ଆଶ୍ୱସ୍ତ କରିବାରେ ସମର୍ଥ ହେଲାନାହିଁ ବୋଲି ନବୀନ ଚିଠିରେ ଲେଖିଛନ୍ତି। ନବୀନ ଲେଖିଛନ୍ତି, ମହାପ୍ରଭୁ ହେଉଛନ୍ତି ▶▶ପୃଷ୍ଠା ୭

## ଚୁଲ୍‌ବୁଲି ନାୟିକା ରିୟା ଦେ'ଙ୍କ ପାଇଁ ବଢ଼ିଲା ଅଡୁଆ

କଟକ, ୧୧/୭ (ନି.ପ୍ର): ଓଲିଉଡ୍‌ର ଚୁଲ୍‌ବୁଲି ନାୟିକା ରିୟା ଦେ'ଙ୍କ ପାଇଁ ଅଡୁଆ ବଢ଼ିଲା। ତାଙ୍କ ନାଁରେ ରୁଜୁ ହେଲା ମାମଲା। ଏପରିକି ତାଙ୍କ ସ୍ୱାମୀଙ୍କ ନାଁରେ ମଧ୍ୟ ମାମଲା ରୁଜୁ ହୋଇଛି। କଟକ ବିଡ଼ାନାସୀ ଥାନା ପୁଲିସ୍ ମାମଲା କରିଛି।



ରିୟା ଓ ତାଙ୍କ ସ୍ୱାମୀ ନିଜ ଘରେ ରଖିଥିବା ସହାୟିକାଙ୍କୁ ନିର୍ଯାତନା ଦେଉଥିଲେ। ଘରେ ତାଲା ପକାଇ ରଖୁଥିଲେ ବୋଲି ପୀଡ଼ିତା ଅଭିଯୋଗ କରିଥିଲେ। କଟକ ବିଡ଼ାନାସୀ ଥାନା ଅଞ୍ଚଳରେ ରହୁଛନ୍ତି ରିୟା ଦେ' ଓ ତାଙ୍କ ସ୍ୱାମୀ। ▶▶ପୃଷ୍ଠା ୭

## ନକଲି ଜର୍ଦ୍ଦା କାରଖାନା ଠାବ: ୨ ଗିରଫ

ଭଦ୍ରକ, ୧୧/୭ (ନି.ପ୍ର): ଭଦ୍ରକ ଜିଲ୍ଲା ପୁରୁଣା ବଜାରରେ ନକଲି ଜର୍ଦ୍ଦା ତିଆରି କାରଖାନା ଠାବ ହୋଇଛି। ସେଠାରୁ ବିପୁଳ ପରିମାଣରେ ନକଲି ଜର୍ଦ୍ଦା ଜବତ ହୋଇଛି। ଏହା ସହ ଦୁଇଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଗିରଫ ବ୍ୟକ୍ତିମାନେ ହେଲେ ସେକ୍ ରବାନି ଓ ସେକ୍ ଖାଲିକ୍। ପୁରୁଣାବଜାରରେ ନକଲି ଜର୍ଦ୍ଦା ତିଆରି କାରଖାନା ଥିବା ନେଇ ପୁଲିସ ଖବର ପାଇଥିଲା। ଗତକାଲି ରାତିରେ ନକଲି ଜର୍ଦ୍ଦା କାରଖାନା ଚାଲିଥିବା ୩ଟି ସ୍ଥାନରେ ଚଢାଉ କରିଥିଲା ପୁଲିସ। ସେଠାରୁ ବିଭିନ୍ନ



ନାମୀ ଦାମୀ କମ୍ପାନୀର ଖୋଳ, ଲୋଗ, ଷ୍ଟିକର, ମେସିନ, କେମିକାଲ ଓ ଡ୍ରାଇର ମେସିନ ଜବତ ହୋଇଛି। ଏହା ସହିତ ଏକ କୁଇଣ୍ଟାଲରୁ ଅଧିକ ନକଲି ଜର୍ଦ୍ଦା ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୪୫ଲକ୍ଷରୁ ୫୦ଲକ୍ଷ ହେବ ବୋଲି ପୁଲିସ କହିଛି। ଏହି ଘଟଣାରରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ହୋଇଯାଇଛି।

## ଘୁଞ୍ଚିଲା ମନୀଷ ସିସୋଦିଆଙ୍କ ଜାମିନ ଆବେଦନ ଉପରେ ଶୁଣାଣି ତାରିଖ: ମାମଲାରୁ ଓହରିଗଲେ ବିଚାରପତି

ନୂଆଦିଲ୍ଲୀ, ୧୧/୭ : ଦିଲ୍ଲୀ ସରକାରର ପୂର୍ବତନ ଉପ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ଅଡୁଆ ଥମିବାର ନାଁ ନେଉନି । ଆଜି ତାଙ୍କ ଜାମିନ ଆବେଦନ ଉପରେ ଶୁଣାଣି ହେବାକୁ ଥିବା ବେଳେ ଏହି ମାମଲାର ବିଚାର କରୁଥିବା ବିଚାରପତି ମାମଲାରୁ ଓହୁରି ଯାଇଛନ୍ତି । ସିସୋଦିଆ ପାଖାପାଖି ୧୬ ମାସ ହେବ ଜେଲରେ ରହିଛନ୍ତି । ଜାମିନ ପାଇଁ ବାରମ୍ବାର କୋର୍ଟରେ ଆବଦନ ମଧ୍ୟ କରିଚାଲିଛନ୍ତି । ହେଲେ ଆଜି ସେ ଜାମିନ



ପାଇପାରନ୍ତି ବୋଲି ଆଶା କରାଯାଉଥିବା ବେଳେ ଏହି ମାମଲାର ବିଚାର କରୁଥିବା ସୁପ୍ରିମକୋର୍ଟର ବିଚାରପତି ନିଜକୁ ଏହି ମାମଲାରୁ ଅଲଗା କରିନେଇଛନ୍ତି । ▶▶ପୃଷ୍ଠା ୭

## ଅସହ୍ୟ ହେଲା ଯନ୍ତ୍ରଣା: ଝୁଲି ପଡ଼ିଲେ ଦମ୍ପତି

କେନ୍ଦ୍ରାପଡ଼ା, ୧୧/୭ (ନି.ପ୍ର): ବର୍ଷେ ତଳେ ପ୍ରେମ ବିବାହ କରିଥିଲେ। କେତେ ଆଶା ନେଇ ଗଢ଼ିଥିଲେ ସୁନାର ସାଂସାର। ଆଉ ଭାବିଥିଲେ ସୁଖର ନୌକାରେ ଦୁଃଖର ସଂସାରକୁ ପାର କରାଇବେ। ହେଲେ ଭାଗ୍ୟର ଚକ କିନ୍ତୁ ଓଲଟି ଗଲା। ମଝି ଦରିଆରେ ସୁଖର ନୌକା ବୁଡ଼ିଗଲା। ଆଉ ମାଡିବସିଲା ଅଜସ୍ର ଦୁଃଖ ଓ ଯନ୍ତ୍ରଣା। ସେଥିରୁ ଆଉ ବାହାରି ପାରିଲେ ନାହିଁ ନବ ଦମ୍ପତି। ଦୁର୍ଘଟଣାରେ ଅସୁସ୍ଥ ହୋଇ ବିଛଣାରେ ପଡ଼ିଲେ ସ୍ୱାମୀ। ତେଣୁ ଅସହ୍ୟ ହେଲା ଦେହ ଓ ପରିବାରର ଯନ୍ତ୍ରଣା। ତେଣୁ ନେଲେ ଚରମ ନିଷ୍ପତ୍ତି। ଆଜି ଏପରି ଦୁଃଖଦ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲାରେ ଘଟିଛି। ବର୍ଷେ ତଳେ ୨୧ ବର୍ଷୀୟା ପିଙ୍କି ଜେନାଙ୍କୁ ଡେରାବିଶ ଥାନା ଅନ୍ତର୍ଗତ ଫକିରାବାଦ ଜେନା ସାହିର ୨୫ ବର୍ଷୀୟ କାର୍ତ୍ତିକ ଜେନା ପ୍ରେମ କରୁଥିଲେ। ପରବର୍ତ୍ତୀ ସମୟରେ ଉଭୟ ଘରୁ ପଳାଇ ଯାଇ ପ୍ରେମ ବିବାହ କରିଥିଲେ। ବିବାହ ପରେ କାର୍ତ୍ତିକଙ୍କ ଘରକୁ ବଧୂ ବେଶରେ ଆସିଥିଲେ ପିଙ୍କି। ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିଲେ ଆଶିଷ ସିଂ: ଗୃହ ବିଭାଗର ଓଏସଡି ଭାବେ ମିଳିଲା ନିଯୁକ୍ତି

ଭୁବନେଶ୍ୱର, ୧୧/୭ (ନି.ପ୍ର): ବରିଷ୍ଠ ଆଇଏଏସ୍‌ସ୍ତରରେ ଗତକାଲି ବଡ଼ଧରଣର ଅଦଳବଦଳ କରିବା ପରେ, ରାଜ୍ୟ ସରକାର ଆଜି ଆଇପିଏସ୍ ଅଫିସର ଆଶିଷଙ୍କ ସିଂଙ୍କ କ୍ଷମତାରେ ଚୋଟ ମାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଏହି ଅଫିସରଙ୍କୁ ଗୃହ ବିଭାଗର ଓଏସଡି ଭାବେ ବଦଳି କରିଛନ୍ତି। ଏନେଇ ଗୃହ ବିଭାଗ ତରଫରୁ



ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟରେ ସାଧାରଣ ନିର୍ବାଚନ-୨୦୨୪ ଆରମ୍ଭ ହେବା ସମୟରୁ ବରିଷ୍ଠ ଆଇପିଏସ୍ ଆଶିଷ ସିଂ ହିଁ ବିବାଦରେ ଥିଲେ। ନିର୍ବାଚନ ସମୟରେ ସେ ବିଜେଡି ପାଇଁ କାମ କରୁଥିବା ବିଜେପି ଅଭିଯୋଗ ଆଣିଥିଲା। ଏମିତି କି ତାଙ୍କ ଛୁଟିକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ଅସୁସ୍ଥତା ଦର୍ଶାଇ ସେ ଛୁଟି ନେଇଥିବାରୁ, ଏହି ପ୍ରସଙ୍ଗରେ ନିର୍ବାଚନ ଆୟୋଗ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏମ୍ସ ଭୁବନେଶ୍ୱରରେ କରାଇଥିଲେ। ଆଉ ସେ ସମ୍ପୂର୍ଣ୍ଣ ଥିବା ଜାଣିବା ପରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଛୁଟି ସରିବା ପରେ ଆଶିଷ ସିଂ କାର୍ଯ୍ୟରେ ଯୋଗ ଦେଇଥିଲେ। ଆଉ ରାଜ୍ୟରେ ନୂଆ ସରକାର ଆସିବା ପରେ ତାଙ୍କର କ୍ଷମତାରେ ଏବେ ଚୋଟ ପଡ଼ିଛି।

## ଝାଡ଼ଖଣ୍ଡରେ ଆଗୁଆ ହୋଇପାରେ ବିଧାନସଭା ନିର୍ବାଚନ: ରାଜ୍ୟ ଗସ୍ତ କଲେ ନିର୍ବାଚନ କମିସନଙ୍କ ଉଚ୍ଚସ୍ତରୀୟ ଟିମ୍

ରାଞ୍ଚି, ୧୧/୭: ନିର୍ଦ୍ଧାରିତ ସମୟର ଦୁଇ ମାସ ପୂର୍ବରୁ ଅର୍ଥାତ୍ ଅକ୍ଟୋବରରେ ଝାଡ଼ଖଣ୍ଡରେ ବିଧାନସଭା ନିର୍ବାଚନ ହେବାର ସମ୍ଭାବନା ରହିଛି। ଏହି ସମୟରେ ହରିୟାଣା ଓ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ଦୁଇ ରାଜ୍ୟରେ ନିର୍ବାଚନ ପୂର୍ବରୁ ଭୋଟର ତାଲିକା ଅପଡେଟ୍ ଓ ସଂଶୋଧନ ପ୍ରକ୍ରିୟା ଯେଉଁ କାର୍ଯ୍ୟସୂଚୀ ଅନୁଯାୟୀ ଚାଲିଛି ତାହା ଝାଡ଼ଖଣ୍ଡରେ ମଧ୍ୟ ଅନୁସରଣ କରାଯାଉଛି। ଏହି ଆଧାରରେ ଝାଡ଼ଖଣ୍ଡରେ ଏହି ଦୁଇ ରାଜ୍ୟ ସହ ନିର୍ବାଚନ ହେବ ବୋଲି ସଙ୍କେତ ମିଳିଛି। ନିର୍ବାଚନ କମିସନଙ୍କ ଏକ ଉଚ୍ଚସ୍ତରୀୟ ଟିମ୍ ଜୁଲାଇ ୧୦ ଓ ୧୧ ତାରିଖରେ ଝାଡ଼ଖଣ୍ଡ ଗସ୍ତ କରିଥିଲେ। ବରିଷ୍ଠ ଉପ ନିର୍ବାଚନ କମିଶନର ଧର୍ମେନ୍ଦ୍ର ଶର୍ମା ଓ ନିତେଶ ▶▶ପୃଷ୍ଠା ୭

## ବରାହ ଅବତାରରେ ଦର୍ଶନ ଦେଲେ ଜଗନ୍ନାଥ

ଜୟପୁର , ୧୧/୦୭ (ନି.ପ୍ର): ରଥଯାତ୍ରାରେ ବାଙ୍କମଠ ଗୁଣ୍ଡିଚା ମନ୍ଦିର ଠାରେ ଜଗନ୍ନାଥ ବୁଧବାର ବରାହ ଅବତାରରେ ଦର୍ଶନ ଦେଇଛନ୍ତି । ଦେବୋତର ବିଭାଗ ତରଫରୁ ସବୁ ବ୍ୟବସ୍ଥା କରାଯିବା ସହ କ୍ଷିରି ଖେଚୁଡି, କାକରା, ଭଜା ତରକାରି ଆଦି ପ୍ରଭୁଙ୍କ ନିକଟରେ ଭୋଗ ଲାଗି କରାଯାଇ ସ୍ୱତନ୍ତ୍ର ପୂଜା କରାଯାଇଥିଲା । ସଂନ୍ଧ୍ୟାରେ ପ୍ରଭୁଙ୍କ ଅବତାର ଦେଖିବା ପାଇଁ ବହୁ ଜନସମାଗମ ହୋଇଥିବା ବେଳେ ପୋଲିସ ତରଫରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିବା ବେଳେ ମନ୍ଦିର ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭଜନ, ନାଚ ଗୀତରେ ପରିବେଶ ଉତ୍ସବମୁଖର ହୋଇଉଠିଥିଲା । ସ୍ଥାନୀୟ ଜନସାଧାରଣ ଏହାକୁ ଉପଭୋଗ କରିଥିବା ଲକ୍ଷ୍ୟ କରାଯାଇଛି । ପୋଲିସ ତରଫରୁ ଅସ୍ଥାୟୀ କଂଟ୍ରୋଲ ରୁମ କରାଯିବା ସହ ଟ୍ରାଫିକ ମଧ ନିୟନ୍ତ୍ରଣ କରାଯାଇଥିଲା ।

## ପୂର୍ବତଟ ରେଳପଥ ପକ୍ଷରୁ ପରିଚାଳନା କ୍ଷେତ୍ରରେ କର୍ମଚାରୀଙ୍କ ଅଂଶଗ୍ରହଣ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୧/୦୭ (ନି.ପ୍ର): ପରିଚାଳନା କ୍ଷେତ୍ରରେ କର୍ମଚାରୀ / ଶ୍ରମିକମାନଙ୍କ ଅଂଶଗ୍ରହଣର ଏକ ଅଂଶ ଭାବରେ ବୁଧବାର ପୂର୍ବତଟ ରେଳପଥ ମୁଖ୍ୟାଳୟ, ରେଳ ସଦନ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମିଳିତ ଭାବରେ ଅଧିକ ପ୍ରଭାବଶାଳୀ ମାଧ୍ୟମରେ କାର୍ଯ୍ୟ କରିବାକୁ ଲକ୍ଷ୍ୟ ରଖିଥିବା ଏହି ବୈଠକରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ/ଟ୍ରେଡ ୟୁନିଅନ, ଅଧିକାରୀ ସଂଘ ଏବଂ ଆରପିଏଫ ସଂଗଠନର ପ୍ରତିନିଧୀଙ୍କ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ପରିଚାଳନା କ୍ଷେତ୍ରରେ କର୍ମଚାରୀଙ୍କ ଅଂଶଗ୍ରହଣ ବୈଠକର ଧାରଣା ରେଳବାଇ ପାଇଁ ଅତୁଳନୀୟ ଏବଂ ସଂଗଠନର ଜୀବନ୍ତ ତଥା ପରିପକ୍ୱ ଶିଳ୍ପ ସମ୍ପର୍କର ଏକ ପ୍ରମାଣ ଭାବରେ ଛିଡା ହୋଇଛି । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏହି ବୈଠକରେ ଅଧ୍ୟକ୍ଷତା କରି ରେଳ ଚଳାଚଳ ବୃଦ୍ଧିରେ ସହଯୋଗୀ ପ୍ରୟାସର ପ୍ରମୁଖତା ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ମହେଶ କୁମାର ବେହେରାଙ୍କ ସହିତ ରେଳପଥର ବିଭିନ୍ନ ବିଭାଗର ବିଭାଗୀୟ ପ୍ରମୁଖ ଅଧିକାରୀ ମାନେ ମଧ ଯୋଗଦାନ କରିଥିଲେ।

# ୫ ଏକର ଚାଷ ଜମି ଜବର ଦଖଲ : ଅଭିଯୋଗ କଲେ ଶୁଣୁନି ବାଲିଚନ୍ଦ୍ରପୁର ପୋଲିସ

ଧର୍ମଶାଳା, ୧୧/୦୭ (ନି.ପ୍ର): ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଂଚଳରେ ଦିନକୁ ଦିନ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବଢିବଢି ଚାଲିଛି । ହେଲେ ପୋଲିସ ପକ୍ଷରୁ ସେପରି କିଛି ପଦକ୍ଷେପ ନିଆ ନ ଯିବାରୁ ସାଧାରଣ ଲୋକେ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି । ଯାହାକୁ ନେଇ ଥାନା ପ୍ରତି ଲୋକଙ୍କ ବିଶ୍ୱାସ ହରାଉଛି । ଥାନାରେ ଅଭିଯୋଗ କଲେ ମଧ୍ୟ ମିଳୁନି ନ୍ୟାୟ । ଅପର ପକ୍ଷେ ଅସାମାଜିକ ବ୍ୟକ୍ତି ଓ ମୁଷ୍ଟିମେୟ ବ୍ୟକ୍ତିଙ୍କ ନିର୍ଦ୍ଦେଶରେ ଚାଲିଛି ଥାନା । ଏଭଳି ଅଭିଯୋଗ ଆଣିଛନ୍ତି ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭାକୁଡ ଗ୍ରାମର ନମିତା ବଳ ।
ଅଭିଯୋଗ ମୁତାବକ,ନମିତାଙ୍କ ପରିବାର ଦୀର୍ଘ ଦିନ ଧରି ଏହି ଜମିରେ ଚାଷ କରି ପରିବାର ଚଳାଇ ଆସୁଥିଲେ । ସ୍ୱାମୀ ବିବେକାନନ୍ଦ ବଳ ଓ ଦେବଶୁର ନାମରେ ଥିବା ୫ଏକର ଚାଷ ଜମିକୁ ଏହି ଗ୍ରାମର ସୁଶାନ୍ତ ବଳ ଓ ତାଙ୍କ ଦୁଇ ପୁଅ ଏହି ଚାଷ ଜମିକୁ ଜବର ଦଖଲ କରି ନେଇଛନ୍ତି । ଫଳରେ ସେମାନଙ୍କ ପରିବାର ଜମିରେ ଚାଷ କରିବାରୁ ବଂଚିତ ହେଉଛନ୍ତି । ଫଳରେ ଚାଷ କାମ ନ ହେବାରୁ ଏବେ ପରିବାର ଚଳିବା କଷ୍ଟକର ହୋଇ ପଡିଲାଣି । ତେବେ ସେମାନଙ୍କ ପରିବାର ସାହି ପଡିଶାଙ୍କ ନିକଟରେ ଏହି ଘଟଣାକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ସେମାନେ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରିଛନ୍ତି । ଏନେଇ ଥାନାରେ ଅଭିଯୋଗ କରି ବାରମ୍ବାର ଦୌଡିଦୌଡି ନୟାନ୍ତ ହୋଇ ପଡିଲେଣି । କିନ୍ତୁ ନ୍ୟାୟ ପାଇବା ତ ଦୂରର କଥା ପ୍ରତିଶୃତି ମିଳୁନି । ଥଶରେ କେବଳ ମାମଲା ରୁଜୁ କରି ଦେଇ ପୋଲିସ ଚୁପ ରହିଛି । ହେଲେ ସେମାନଙ୍କ କଥାକୁ ପୋଲିସ ଗୁରୁତର ନ ନେବାରୁ ସେମାନେ ବାଧ୍ୟ ହୋଇ ଘରକୁ ଫେରୁଛନ୍ତି । ଅନ୍ୟପକ୍ଷେ ପୋଲିସ ସାଧାରଣ ଗରିବ ଲୋକଙ୍କୁ ନ୍ୟାୟ ଦେବା ପରିବର୍ତେ ସେମାନଙ୍କୁ ଗୁରୁତ୍ୱ ନ ଦେବା ନେଇ ଅଂଚଳରେ ପୋଲିସର ଏଭଳି କାର୍ଯ୍ୟକଳାପକୁ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନ୍ୟ ପକ୍ଷେ ସରକାର ସାଧାରଣ ଲୋକଙ୍କୁ ତୁରନ୍ତ ନ୍ୟାୟ ଦେବା ନେଇ ପ୍ରଚାର ପ୍ରସାର କରୁଥିବା ବେଳେ ତାହା କାର୍ଯ୍ୟରେ ପରିଣତ ହେଉ ନ ଥିବା ନମିତାର ପରିବାର ଲୋକେ ପ୍ରକାଶ କରିଛନ୍ତି । ଏହି ଘଟଣାକୁ ନେଇ ନୂଆ ସରକାର ତାଙ୍କ କଥା ଶୁଣିବେ ବୋଲି ସେମାନଙ୍କ ବିଶ୍ୱାସ ରହିଛି ।

# ରାଜ୍ୟର ୩୦ ଜଣ ଯାନ ଚାଳକଙ୍କୁ ଜାପାନରେ ନିଯୁକ୍ତି

ଭୁବନେଶ୍ୱର, ୧୧/୦୭ (ନି.ପ୍ର): ବିଦେଶରେ ରୋଜଗାରର ସୁଯୋଗ ପାଇବାରେ ଓଡିଶାର କୁଶଳୀ ଯାନଚାଳକମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଜଣେ ମହିଳାଙ୍କ ସମେତ ଓଡିଶାର ୩୦ ଜଣ ଯାନଚାଳକ ଖୁବ୍ ଶୀଘ୍ର ଜାପାନରେ ଅଧିକ ବେତନ ଓ ସୁବିଧା ଥିବା ନିଯୁକ୍ତି ପାଇବାକୁ ଯାଉଛନ୍ତି। ଆଜି ଖାରବେଳ ଭବନରେ ଆୟୋଜିତ ବିଦେଶରେ ସୁବାହକଙ୍କ ନିଯୁକ୍ତି କାର୍ଯ୍ୟକ୍ରମରେ ବାଣିଜ୍ୟ ଏବଂ ପରିବହନ, ଇସ୍ପାତ ଏବଂ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସଫଳ ଯାନଚାଳକମାନଙ୍କୁ ସମ୍ମାନିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି । ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ଉତମ ବ୍ୟବହାର, ଜିରୋ କାଜୁଆଲିଟି ଓ ନିରାପତା ଯାନଚାଳକମାନଙ୍କର ଆଦର୍ଶ ହେବା ଉଚିତ। ସେମାନେ ସଡ଼କ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ। ବିଜେପିର ସଙ୍କଳ୍ପ ପତ୍ରରେ ଉଲ୍ଲିଖିତ ନିଯୁକ୍ତି ପ୍ରତିଶ୍ରୁତି ପାଳନ କରିବାରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରଥମ କରି ସଫଳତା ହାସଲ କରିଥିବାରୁ ସେ ବିଭାଗ ଓ ରାଜ୍ୟ ପରିବହନ ପ୍ରାଧିକରଣଙ୍କୁ ସାଧୁବାଦ ଜଣାଇଥିଲେ। ଜାପାନ ଯିବା ପୂର୍ବରୁ ଏହି ଯାନଚାଳକମାନେ ବେଙ୍ଗାଲୁରୁରେ ଜାପାନୀ ଭାଷା, ସଂସ୍କୃତି ଏବଂ ନିୟମାବଳୀ ଉପରେ ତାଲିମ ନେବେ। ସେମାନଙ୍କ ପାଇଁ ପାସପୋର୍ଟ ଏବଂ ଭିସାର ମଧ ବ୍ୟବସ୍ଥା କରାଯିବ। ଏହି ପ୍ରକ୍ରିୟା ପାଇଁ ଯାନଚାଳକ ପିଛା ୨.୩ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ମନ୍ତ୍ରୀ ଶ୍ରୀ ଜେନା ନୂତନ ଯାନଚାଳକମାନଙ୍କୁ ବିଦେଶରେ ଓଡ଼ିଶାର ପରିଚୟ ଓ ଗୌରବକୁ ଅକ୍ଷୁଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀମାନଙ୍କରେ ଯାନଚାଳକ ପାଇଁ ନିଯୁକ୍ତି ବ୍ୟବସ୍ଥା କରାଯାଇଛି । ଯାନଚାଳକମାନଙ୍କ ପାଇଁ ଏଭଳି ଅଭିନବ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଓଡିଶା ଦେଶର ପ୍ରଥମ ରାଜ୍ୟ। ପ୍ରଥମ ପର୍ଯ୍ୟାୟରେ ଜାପାନରେ କାମ କରିବାର ସୁଯୋଗ ପାଇବା ପାଇଁ ଓଡିଶାର ୩୦ ଜଣ ଯାନଚାଳକଙ୍କୁ ଚୟନ କରାଯାଇଛି । ଜାପାନର ପ୍ରତିନିଧି ତଥା ନାଭିସ୍ୱଏଚ୍ଆର ଦ୍ୱାରା ଆୟୋଜିତ ଏକ ଚୟନ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଭାରୀଯାନ ତାଲିମ କେନ୍ଦ୍ରରୁ ୧୮୦ ଜଣ ଯାନଚାଳକ ଭାଗ ନେଇଥିଲେ । ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ରାଜ୍ୟର ଚାରୋଟି ସ୍ଥାନରେ ଭାରୀଯାନ ତାଲିମ କେନ୍ଦ୍ର କାର୍ଯ୍ୟ କରୁଛି । ସରକାରୀ-ଘରୋଇ ଭାଗୀଦାରି ମାଧ୍ୟମରେ ପରିଚାଳିତ ଏହି କେନ୍ଦ୍ରଗୁଡିକ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ମାଗଣା ତାଲିମ, ରହିବା, ଭୋଜନ ସହ ଡ୍ରାଇଭିଂ ଲାଇସେନ୍ସ ପ୍ରସ୍ତୁତିରେ ସହାୟତା ଯୋଗାଇଥାଆନ୍ତି । ଏହା ବ୍ୟତୀତ ସଫଳ ପ୍ରଶିକ୍ଷାର୍ଥୀମାନେ ୩୦ ଦିନର ତାଲିମ ସମାପ୍ତ କରିବା ପରେ ୩୦୦୦ ଟଙ୍କାର ଷ୍ଟାଇପେଣ୍ଡ ପାଇଥାଆନ୍ତି । ଏହି କେନ୍ଦ୍ରଗୁଡ଼ିକରେ ଆଧୁନିକ ତାଲିମ ସୁବିଧା, ପ୍ରଶିକ୍ଷକ, ଡ୍ରାଇଭିଂ ଟ୍ରାକ୍, ଏସି ଶ୍ରେଣୀଗୃହ ଏବଂ ହଷ୍ଟେଲ ସୁବିଧା ରହିଛି । ପ୍ରଶିକ୍ଷାର୍ଥୀମାନଙ୍କୁ ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରଖିବା ପାଇଁ ନିୟମିତ ଯୋଗ, ବ୍ୟାୟାମ ସହ ଲାଇବ୍ରେରୀ ସୁବିଧା ମଧ ଯୋଗାଇ ଦିଆଯାଉଛି। ଏଠାରେ ମଧ ପୂର୍ବରୁ ଲାଇସେନ୍ସପ୍ରାପ୍ତ ଯାନଚାଳକମାନଙ୍କୁ ମଧ ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ତିନି ଦିନିଆ ରିଫ୍ରେସର ପାଠ୍ୟକ୍ରମ ପ୍ରଦାନ କରାଯାଉଛି । ଏପର୍ଯ୍ୟନ୍ତ ୪୪୮୮ ଯାନଚାଳକ ଭାରୀଯାନ ତାଲିମ ଗ୍ରହଣ କରିଥିବାବେଳେ ୨୧,୯୬୪ ଯାନଚାଳକ ରିଫ୍ରେସର ତାଲିମ ନେଇଛନ୍ତି। ସଫଳ ପ୍ରଶିକ୍ଷାର୍ଥୀମାନଙ୍କୁ ପର୍ଯ୍ୟାୟ କ୍ରମେ ନିଯୁକ୍ତି ସୁଯୋଗ ଯୋଗାଇ ଦିଆଯାଉଛି । ଆଜି ପର୍ଯ୍ୟନ୍ତ ୧୨୫୪ ଡ୍ରାଇଭରଙ୍କୁ ବିଭିନ୍ନ କମ୍ପାନୀରେ ନିଯୁକ୍ତି ମିଳିସାରିଛି । ଏହି କ୍ଷେତ୍ରରେ ମହିଳାମାନେ ମଧ ନିଜର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଏବଂ ପରିବହନ କମିଶନର ଅମିତାଭ ଠାକୁରଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଯାନଚାଳକମାନେ ମତବିନିମୟ କ୍ରମେ ନିଯୁକ୍ତି ନିମନ୍ତେ ନିଜ ନିଜର ଖୁସି ବ୍ୟକ୍ତ କରିବା ସହିତ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବଲାଙ୍ଗିରରେ ସାଇବର କ୍ରାଇମ ୪ଲକ୍ଷ ୪୦ହଜାର ଲୋନ ଟଙ୍କା ଠକେଇ: ଜଣେ ଗିରଫ

ବଲାଙ୍ଗିର , ୧୧/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲାରେ ପୁଣି ସାଇବର ଠକେଇ । ନିଜକୁ ଏସବିଆଇର ଲୋନ ପ୍ରୋସେସିଂ ଅଫିସର କହି ଜଣେ ବ୍ୟକ୍ତିଙ୍କଠାରୁ ୪ଲକ୍ଷ୪୦ହଜାର ଟଙ୍କା ଠକେଇ କରି ପୋଲିସ ହାତରେ ଗିରଫ ହୋଇଛନ୍ତି । ବଲାଙ୍ଗୀର ସଦର ଏସଡିପିଓ ପ୍ରଦୀପ ସାହୁ ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।
ସୂଚନାରୁ ଜଣାଯାଇଛି ଯେ,ଦେଓଗାଁ ଥାନା ଅନ୍ତର୍ଗତ ପ୍ରତାପରୁଦ୍ରପୁର ଗାଁର ଛନ୍ଦାଚରଣ ବର୍ଗେ ନାମକ ଜଣେ ବ୍ୟକ୍ତିକୁ ବଲାଙ୍ଗୀର ତାଲପାଲି ପଡାର କୈଳାସ ମହାନ୍ତି ନିଜକୁ ଷ୍ଟେଟବ୍ୟାଙ୍କର ଜଣେ ଲୋନ ପ୍ରୋସେସିଂ ଅଫିସର କହି ପରିଚୟ ଦେଇଥିଲେ । ଏପରିକି ଛନ୍ଦାଚରଣଙ୍କୁ କମ ସୁଧରେ ବ୍ୟାଙ୍କରୁ ଲୋନ କରାଇଦେବେ କହି କାଗଜପତ୍ର ନେଇଥିଲେ । ସେହି କାଗଜପତ୍ର ବଳରେ ଭୁବନେଶ୍ୱରର ଏକ ବ୍ରାଞ୍ଚରୁ ୯ଲକ୍ଷ ୪୦ହଜାର ଟଙ୍କାର ଲୋନ କରାଇଥିଲେ । କିନ୍ତୁ ଛନ୍ଦାଚରଣଙ୍କୁ ୫ଲକ୍ଷ ଟଙ୍କା ଲୋନ ହୋଇଥିବା କହି ସେଥିରୁ ଭିନ୍ନ ଭିନ୍ନ ସମୟରେ ମାତ୍ର ୫ଲକ୍ଷ ଟଙ୍କା ଫେରାଇ ବାକି ୪ଲକ୍ଷ ୪୦ହଜାର ଟଙ୍କାକୁ ଦାନୀ ସରଭଙ୍ଗ ନାମକ ଅନ୍ୟଜଣେ ବ୍ୟକ୍ତିର ଆକାଉଣ୍ଟକୁ ନେଇ ଅର୍ଥ ହଡପ କରିଥିଲେ । ପରେ ଛନ୍ଦାଚରଣ ଠକେଇ ହୋଇଥିବା ବିଷୟରେ ଜାଣିବାକୁ ପାଇ ବଲାଙ୍ଗୀର ସାଇବର ଥାନାରେ ଏତଲା ଦେଇଥିଲେ । ବଲାଙ୍ଗୀର ସାଇବର ଥାନାର କେସନମ୍ବର -୧୩/୨୦୨୪ ଦଫା-୪୧୯/୪୨୦/ ୪୬୭/ ୪୬୮ରେ ଓ ଆଇଟି ଏକ୍ଟରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ତଦନ୍ତରେ କୈଳାଶ ଆହୁରି ଅନେକ ଲୋକଙ୍କୁ ଏଭଳି ଠକେଇ କରିଥିବା ଜଣା ପଡିଥିଲା । ଶେଷରେ କୈଳାସକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । କୈଳାଶଙ୍କଠାରୁ ଏକ ଟିଭିଏସ ଆପାଚିଗାଡି,୨ଟି ଏନଡ୍ରୟଡ ଫୋନ,୨ଟି ସିମକାର୍ଡ, ଗୋଟିଏ ମାଇକ୍ରୋଏସଡି କାର୍ଡ,୩ଟି ଅରିଜିନାଲ ପାସବୁକ ଓ ୨ଟି ଅନ୍ୟମାନଙ୍କନାମରେ ଥିବା ପାସବୁକ କୁ ପୋଲିସ ଜବତ କରିଛି ।

# ସକ୍ଷମ ଅଙ୍ଗନବାଡ଼ି କାର୍ଯ୍ୟକ୍ଷମ ରୂପାୟନ ନେଇ ସମୀକ୍ଷା

ଜୟପୁର, ୧୧/୦୭ (ନି.ପ୍ର): ଜୟପୁର ମିଶନ ଶକ୍ତି ଗୃହରେ ଶିଶୁ ବିକାଶ ଯୋଜନା ଅଧିକାରିଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜୟପୁର ବିଡିଓ ଶକ୍ତି ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଏବିଡିଓ ମନୋଜ ନାୟକ, ସହକାରି ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର. ମିଶନ ଶକ୍ତି ବିପିସି ସ୍ୱାତି ପଟ୍ଟନାୟକ, ଓଏଲଏମ ଷ୍ଟାଫ ସମସ୍ତ ମଣ୍ଡଳ ପରିଦର୍ଶିକା ଉପସ୍ଥିତ ଥିଲେ । ଜୟପୁରର ବ୍ଲକ ଓ ପୌରାଂଚଳରେ ୧୧୨ଟି ଅଙ୍ଗନବାଡୀ କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡି କେନ୍ଦ୍ରରେ ପରିଣତ କରିବା ପାଇଁ ଯେଉଁ ସବୁ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଗୁଡିକ ଚାଲିଛି ତାହାର ସଫଳ ରୂପାୟନ ନମନ୍ତେ ସମସ୍ତଙ୍କ ମିଳିତ ସହ ଯୋଗରେ ସମ୍ପୂର୍ଣ୍ଣ ହୋଇ ପାରିବ ବୋଲି ନିଷ୍ପତି ନିଆଯାଇଛି । ଏହି ବୈଠକକୁ ସିଡିପିଓ ସୁଚିତା ପଣ୍ଡା ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା କରାଯାଇଛି । ଅଙ୍ଗନବାଡି କେନ୍ଦ୍ରରେ ଟୟଲେଟ, ପାନୀୟ ଜଳ, କିଚେନ, ପାଚେରି, ଟିଭି , ପୋଷଣ ବଗିଚା ଆଦି କରାଯିବା । ବର୍ତମାନ ୨୫ଟି ଅଙ୍ଗନବାଡୀ କେନ୍ଦ୍ର ରେ ଟିଭି ଲାଗିଛି । ବିଦ୍ୟୁତ କରଣ ଆଦି କରାଯିବ ସେ ନେଇ ସମସ୍ତ ବିଭାଗ ସହ ଯୋଗ ଶିଘ୍ର କାର୍ଯ୍ୟକାରି ହୋଇ ପାରିବ ବୋଲି ମତ ପ୍ରକାଶ ପାଇଛି ।

# ଲୋକୋ ପାଇଲଟଙ୍କ ସୁବିଧା ପାଇଁ ରେଳ ବିଭାଗର ପଦକ୍ଷେପ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧/୦୭ (ନି.ପ୍ର): ଗତ କିଛି ବର୍ଷ ମଧ୍ୟରେ ଲୋକୋ ପାଇଲଟଙ୍କ ସୁବିଧା ପାଇଁ ରେଳ ମନ୍ତ୍ରଣାଳୟ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଲୋକୋ ପାଇଲଟମାନେ ରେଳ ପରିବାରର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଅଟନ୍ତି । ଗତ ୧୦ ବର୍ଷ ମଧ୍ୟରେ ଲୋକୋ ମୋଟିଭ ପାଇଲଟଙ୍କ କାର୍ଯ୍ୟ ସ୍ଥିତିରେ ବଡ଼ଧରଣର ଉନ୍ନତି ଘଟିଛି। ପାଇଲଟମାନେ ଯେତେବେଳେ ଯାତ୍ରା ଶେଷ କରନ୍ତି, ସେମାନେ ମୁଖ୍ୟାଳୟରୁ ବାହାରେ ରହିଲେ ବିଶ୍ରାମ ପାଇଁ ରନିଙ୍ଗ ରୁମକୁ ଆସନ୍ତି ।୨୦୧୪ ପୂର୍ବରୁ ବିଶ୍ରାମ ଗୃହ ବାରନିଙ୍ଗ ରୁମଗୁଡିକ ଅତ୍ୟନ୍ତ ଖରାପ ଅବସ୍ଥାରେ ଥିଲା। ଆଜି ଚାଲୁଥିବା ବିଶ୍ରାମ କୋଠରୀ ଗୁଡ଼ିକରେ ଯଥେଷ୍ଟ ଉନ୍ନତି ଘଟିଛି। ପ୍ରାୟ ସମସ୍ତ (୫୫୮) ଚାଲୁଥିବା ରନିଙ୍ଗ ରୁମ ଏବେ ଏସି ବ୍ୟବସ୍ଥା ହୋଇଛି। ଅନେକ ବିଶ୍ରାମ କୋଠରୀରେ ପାଦ ମସାଜର ସୁବିଧା ମଧ ଯୋଗାଇ ଦିଆଯାଉଛି । ଲୋକୋ ପାଇଲଟଙ୍କ କାର୍ଯ୍ୟ ଅବସ୍ଥାକୁ ନ ବୁଝି ସମାଜର କିଛି ବର୍ଗ ଏହାକୁ ସମାଲୋଚନା କରିଥିଲେ । ପାଇଲଟମାନେ ଲୋକୋ କ୍ୟାବ୍ ରୁ ଲୋକୋ ମୋଟିଭ ଚଳାଇଥାନ୍ତି। ୨୦୧୪ପୂର୍ବରୁ କ୍ୟାବ ଗୁଡ଼ିକ ଅତ୍ୟନ୍ତ ଖରାପ ଅବସ୍ଥାରେ ଥିଲା। ୨୦୧୪ପରଠାରୁ ଏର୍ଗୋନୋମିକ୍ସିଟ ସହିତ କ୍ୟାବ ଗୁଡ଼ିକର ଉନ୍ନତିକରଣ କରାଯାଇଛି ଏବଂ୭,୦୫୦ରୁ ଅଧିକ ଲୋକୋ କ୍ୟାବ୍ ଏୟାର କଣ୍ଡିସନ୍ ହୋଇଛି।ଏବେ ଏସି କ୍ୟାବ୍ ସହିତ ନୂତନ ଇଞ୍ଜିନ ନିର୍ମାଣ କରାଯାଉଛି । ୮୧୫ ଲୋକୋ କ୍ୟାବ ରେ ୱାଶ ରୁମ ବ୍ୟବସ୍ଥା କରାଯାଇଛି । ଲୋକୋ ପାଇଲଟଙ୍କ ଡ୍ୟୁଟି ସମୟକୁ ସତର୍କତାର ସହ ତଦାରଖ କରାଯାଉଛି ।ଯାତ୍ରା ପରେବିଶ୍ରାମ ଦିଆଯାଉଛି ।ନିର୍ଦ୍ଧାରିତ ସମୟ ମଧ୍ୟରେ ଡ୍ୟୁଟି ସମୟ ବଜାୟ ରଖାଯାଇଛି । ଚଳିତ ବର୍ଷ ଜୁନ୍ ମାସରେ ହାରାହାରି ଡ୍ୟୁଟି ଘଣ୍ଟା ଅବଧି ୮ଘଣ୍ଟାରୁ କମ୍ ରହିଛି । କେବଳ ଜରୁରୀକାଳୀନ ପରିସ୍ଥିତିରେ, ଯାତ୍ରା ଅବଧି ନିର୍ଦ୍ଧାରିତ ସମୟଠାରୁ ଅଧିକ ଅଛି । ଗତ କିଛି ବର୍ଷ ମଧ୍ୟରେ, ପ୍ରମୁଖ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଛି ଏବଂ ୩୪,୪୦୦ ରେଳ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି । ବର୍ତ୍ତମାନ ୧୮,୦୦୦ କର୍ମଚାରୀଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ମିଥ୍ୟା ଖବର ଦେଇ ରେଳ ପରିବାରକୁ ନିରାଶ କରିବାକୁ ଉଦ୍ୟମ ବିଫଳ ହେବ ।

# ଚାରା ରୋପଣ କାର୍ଯ୍ୟକ୍ରମ: ବିଶ୍ୱତାପନ ରୋକିବାରେ ବୃକ୍ଷ ସହାୟକ ହେବ

କେନ୍ଦ୍ରାପଡ଼ା, ୧୧/୦୭ (ନି.ପ୍ର): ବିଶ୍ୱତାପନ ରୋକିବାରେ କେବଳ ବୃକ୍ଷ ସହାୟକ ହେବ। ମନୁଷ୍ୟ ଯେତେ ଆଧୁନିକ ଜୀବନଶୈଳୀକୁ ଆପଣାଉଛି ପରିବେଶ ଉପରେ ସେତେ ଅଧିକ ପ୍ରଭାବ ପଡୁଛି। ମନୁଷ୍ୟ ଗଛ କାଟି ପଦା କରି ଦେଉଛି। ଏହାଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ ପରିମାଣ ବୃଦ୍ଧି ପାଉଛି। ଏହା ବାୟୁମଣ୍ଡଳର ତାପମାତ୍ରାକୁ ବୃଦ୍ଧି କରୁଛି। ଯାହା ବିଶ୍ୱ ତାପନ ସୃଷ୍ଟି କରିବାରେ ଅନୁକୂଳ ପାଗ ସୃଷ୍ଟି କରୁଛି ବୋଲି କେନ୍ଦ୍ରାପଡ଼ା ଓକିଲ ସଂଘର ପୂର୍ବତନ ସଭାପତି ସରୋଜରାଜ ସିଂହ ମତବ୍ୟକ୍ତ କରିଛନ୍ତି। କେନ୍ଦ୍ରାପଡ଼ା ଉଚ୍ଚ ବିଦ୍ୟାଳୟ ନିକଟରେ ବୁଧବାର ଚାରା ରୋପଣ କାର୍ଯ୍ୟ କ୍ରମରେ ଯୋଗ ଦେବା ଅବସରରେ ସେ ଏହା କହିଛନ୍ତି। ତେଣୁ ପ୍ରତି ବ୍ୟକ୍ତି ନିଜ ବାଡିରେ ଗୋଟିଏ ଚାରା ରୋପଣ କରି ତାକୁ ମହାଦ୍ରୁମରେ ପରିଣତ କରିପାରିଲେ ତାହା ହେବ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି। ଅନ୍ୟତମ ଅତିଥି ଭାବେ ବିଜେଡି ଜିଲା ସଭାପତି ଧୀରେନ୍ ସାହୁ କହିଲେ ଆମେ ଶିଳ୍ପାୟନ କରିବା ପାଇଁ ଯେଉଁ ସଂଖ୍ୟାରେ ବୃକ୍ଷ କାଟୁଛୁ ସେହି ସଂଖ୍ୟାରେ ଚାରା ରୋପଣ କରି ତାହାର ଲାଳନ ପାଳନ କରିପାରୁନାହୁଁ। ଯାହା ଫଳରେ ପରିବେଶରେ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ପାଇବାରେ ଲାଗୁଛି। ଏହା ପ୍ରାକୃତିକ ବିପର୍ଯ୍ୟୟର ମୁଖ୍ୟ କାରଣ। ଏହାଦ୍ୱାରା ଜୀବଜଗତ କ୍ଷତିଗ୍ରସ୍ତ ହେଉଛନ୍ତି। ମନୁଷ୍ୟ ବୁଦ୍ଧିମାନ ପ୍ରାଣୀ ହୋଇଥିବାରୁ ସେ ନିଜର ବଂଚିବା ସହିତ ଅନ୍ୟ ପ୍ରାଣୀଙ୍କ ବଂଚିବା ପାଇଁ ପରିବେଶକୁ ବୃକ୍ଷ ଶୂନ୍ୟ ନ କରି ଅଧିକରୁ ଅଧିକ କିପରି ଚାରା ରୋପଣ ହୋଇପାରିବ ସେ ଦିଗରେ ଧ୍ୟାନ ଦେବା ଜରୁରି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଓକିଲ ସଂଘ ସଭାପତି ଆଷୁତୋଷ ମହାନ୍ତି, ପ୍ରଭାତ ଅଧିକାରୀ, ଆଇନ୍‌ଜୀବୀ ଅକ୍ଷୟ କୁମାର ନାଥ, ଆଇନ୍‌ଜୀବୀ ଦିନେଶ ରାଜସିଂହ, ଆଇନ୍‌ଜୀବୀ ନିହାରିକା ଦାସପଟ୍ଟନାୟକ, ଆଇନ୍‌ଜୀବୀ ରୁକସାନା ବେଗମ, ମୁରସିଦ ଅହେମଦ ଓ ‘ସମାଜ’ କେନ୍ଦ୍ରାପଡ଼ା ଜିଲା ପ୍ରତିନିଧି ସୋମନାଥ ସାହୁ ଟାଉନ ପ୍ରତିନିଧି ମହମ୍ମଦ ଇଲିଆସ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।

# ଅତଲାପୁରଠାରେ ସ୍ୱେଚ୍ଛାସେବୀ ସଂଘ ପକ୍ଷରୁ ବନ ମହୋତ୍ସବ

ଧର୍ମଶାଳା, ୧୧/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅତଲାପୁର ପଂଚାୟତର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଘ ‘ଗ୍ରାମ୍ୟ ସେବକ ସଂଘଠନ’ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି । ସଂଘ ସଭାପତି ପ୍ରକୃତିବନ୍ଧୁ ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରୀ ନିର୍ବାଚନ ମଣ୍ଡଳୀ ବିଜେପି ଯୁବନେତା ଉମେଶ ଚନ୍ଦ୍ର ଜେନା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତାଭାବେ ଯୁବନେତା ପ୍ରଫୁଲ୍ଲ ସାହୁ,ସମ୍ମାନୀତ ଅତିଥିଭାବେ ଲକ୍ଷ୍ମୀଧର ପତି ଓ ସାମନ୍ତରାପୁର ପଂଚାୟତର ପୂର୍ବତନ ସରପଂଚ ଅଭିମନ୍ୟୁ ମହାଳିକ ପ୍ରମୁଖ ଯୋଗ ଦେଇ ଅତଲାପୁର ପଂଚାୟତସ୍ଥ ଜୋରକୂଳ ମୁଖ୍ୟ ରାସ୍ତା କଡରେ ଚାରା ରୋପଣ କରିବା ସହ ରୋପଣ କରାଯାଉଥିବା ଚାରାକୁ ବଂଚାଇ ରଖିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବନୀକରଣ ସପ୍ତାହରେ ସକ୍ରୀୟ ଅଂଶ ଗ୍ରହଣ କରିଥିବାରୁ ସତ୍ୟଜିତ ସାହୁ,ଦୀପ୍ତିମାନ ସାହୁ ଓ କଳ୍ପନା ସାହୁଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ସଂଘ ଉପ-ସଭାପତି ପ୍ରବୀଣ କୁମାର ସାହୁ କାର୍ଯ୍ୟକ୍ରମ ସଂଚାଳନ କରିଥିବାବେଳେ କିରଣ ମହାରଣା,ନିହାର ସାହୁ ଓ ଦେବଦତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# କୃଷକ ବିକାଶ ସମବାୟ ସମିତି ତରଫରୁ ମୁଗ କ୍ରୟ ଆରମ୍ଭ

କେନ୍ଦ୍ରାପଡ଼ା, ୧୧/୦୭ (ନି.ପ୍ର): କେନ୍ଦ୍ରାପଡ଼ା କୃଷକ ବିକାଶ ସମବାୟ ସମିତି ଦ୍ୱିତୀୟ ଥର ପାଇଁ ଚଳିତ ମାସରେ କୃଷକ ବିକାଶ ସମବାୟ ସମିତି ଜରିଆରେ ସରକାରୀ ଧାର୍ଯ୍ୟ ଦର କିଲୋ ପିଛା ୮୫ ଟଙ୍କା ୫୮ ପଇସା ଦରରେ କ୍ୱିଣ୍ଟାଲ ପିଛା ୮୫୫୮ ଟଙ୍କାରେ ନିଳାଦ୍ରିପୁର ଠାରେ ୧୬ ଜଣ ମୁଗ ଚାଷୀଙ୍କ ଠାରୁ ୪୮ କ୍ୱିଣ୍ଟାଲ ମୁଗ କିଣା ଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମିତିର ସଭାପତି ପ୍ରମୋଦ କୁମାର ସାହୁ ଉଦ୍‌ଘାଟନ କରିଥିବା ବେଳେ ମାର୍କଫେଡ ର ମାନ ନିର୍ଦ୍ଧାରକ ଚିନ୍ମୟ ସାହୁ, ସମିତିର ସଂପାଦକ ଅରବିନ୍ଦ ସାହୁଙ୍କ ସମେତ ମୁଗ ଚାଷୀ ମକର ବରାଳ, ଖୁଲଣା ଦାସ, ଚନ୍ଦ୍ରମଣି ରାଉତ, ପ୍ରମୋଦ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ମାର୍କଫେଡ ପକ୍ଷରୁ ମୁଗ ଚାଷୀମାନଙ୍କ ଆକାଉଣ୍ଟ କୁ ସିଧାସଳଖ ସେମାନଙ୍କର ପ୍ରାପ୍ୟ ପଠାଇବାର ବ୍ୟବସ୍ଥା ହୋଇଛି ।

# ପୁରୀ ରଥଯାତ୍ରାରେ ଆରଏସ୍ଏସ୍‌ର ସେବାକାର୍ଯ୍ୟ

ପୁରୀ/ଭୁବନେଶ୍ୱର, ୧୧/୦୭ (ନି.ପ୍ର): ପୁରୀ ରଥଯାତ୍ରାରେ ଉତ୍କଳ ବିପନ୍ନ ସହାୟତା ସମିତି ତରଫରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଂଯୋଜନାରେ ୧୦ ପ୍ରକାର ସେବାକାର୍ଯ୍ୟ ଅନୁଷ୍ଠିତ ହୋଇ ଯାଇଛି । ଏହି ସେବାକାର୍ଯ୍ୟରେ ୧୫୦୦ ଉର୍ଦ୍ଧ୍ୱ ସ୍ୱୟଂସେବକ ନିୟୋଜିତ ଥିଲେ । ଆହତ ଓ ମୂର୍ଚ୍ଛିତମାନଙ୍କୁ ଚିକିତ୍ସାଳୟରେ ଭର୍ତି କରିବା, ଆମ୍ବୁଲାନ୍ସ ଯିବାଆସିବା ନିମନ୍ତେ ଭିଡ ଭିତରେ ଆମ୍ବୁଲାନ୍ସ ପାଇଁ ୫୦୦ ମିଟର ମାନବୀୟ ରାସ୍ତା ନିର୍ମାଣ କରିଥିଲେ ସ୍ୱୟଂସେବକ ।
ସଂଘ ତରଫରୁ ପ୍ରାଥମିକ ଚିକିତ୍ସାରେ ୮ଜଣ ଡାକ୍ତର, ୨ଜଣ ଫାର୍ମାସିଟ୍, ୨ ସହାୟକ , ୨ଟି ଆମ୍ବୁଲାନ୍ସ ସେବାରେ ୪୦ଜଣ , ୯ଟି ଷ୍ଟ୍ରେଚର ସେବାରେ ୩୬ ଜଣ, ୧୦ଟି ସ୍ଥାନରେ ପାନୀୟ ଜଳବିତରଣ ପାଇଁ ୬୦ ଜଣ , ୫ଟି ସ୍ଥାନରେ ଭ୍ରାମ୍ୟମାଣ ପାନୀୟ ଜଳ ବିତରଣ ପାଇଁ ୨୦ ଜଣ, ୧୪ଟି ମେସିନ ମାଧ୍ୟମରେ ଜଳ ସିଂଚନ ପାଇଁ ୪୨ଜଣ, ଡାକ୍ତରଖାନାରେ ବିଭିନ୍ନ ବିଭାଗରେ ୩୫୦ ଜଣ ରୋଗୀଙ୍କ ସହାୟତା ପାଇଁ ୨୫ ଜଣ, ସ୍ୱଚ୍ଛତା ପାଇଁ ୧୦ଟି ଗ୍ରୁପ ମାଧ୍ୟମରେ ୧୫୦ ଜଣ, ଖାଦ୍ୟବିତରଣ ପାଇଁ ୬୦ ଜଣ,ଆମ୍ବୁଲାନ୍ସ ଗମନାଗମନ କରିଡର ପାଇଁ ୧୦୫୯ ଜଣ ସ୍ୱୟଂସେବକ ସେବାକାମରେ ଲାଗିଥିଲେ। ଜୁନ ୭ ଓ ୮ ଦୁଇ ଦିନ ଧରି ସ୍ୱୟଂସେବକମାନେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ସେବାକାର୍ଯ୍ୟ କରିଥିଲେ । ୨୦୦୫ ମସିହାରୁ ସ୍ୱୟଂସେବକମାନେ ଏପରି ଅନେକ କାର୍ଯ୍ୟ ପ୍ରଶାସନ ସହ ମିଶି କରି ଆସୁଛନ୍ତି । ଏହି ୧୦ ପ୍ରକାର ସେବା ମଧ୍ୟରୁ ପ୍ରାଥମିକ ଚିକିତ୍ସା ଦୀର୍ଘ ୯ ଦିନ ବ୍ୟାପି ଅନୁଷ୍ଠିତ ହେଉଅଛି । ଭୁବନେଶ୍ୱର,କଟକ ଓ ବ୍ରହ୍ମପୁରର ଡାକ୍ତରମାନେ ଆସି ପ୍ରାଥମିକ ଚିକିତ୍ସା ପ୍ରଦାନ କରୁଛନ୍ତି। ଜୁନ୍ ୬ ତାରିଖ ସନ୍ଧ୍ୟା ସମୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘୋଡା ବଜାର ଠାରେ ସଂଘର ଅଧିକାରୀମାନେ ସମସ୍ତ ସ୍ୱୟଂସେବକମାନଙ୍କୁ୧୦ ଭାଗରେ ସେବାର ଗୁରୁଦାୟିତ୍ୱ ସମ୍ପର୍କରେ ବୁଝାଇଥିଲେ। ଜୁନ ୭ ତାରିଖ ପ୍ରାତଃ ୭ ଘଟିକା ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ସେବାକାର୍ଯ୍ୟର ଉଦ୍‌ଘାଟନ ପରେ ରଥଯାତ୍ରାରେ ସେବା ଯୋଗାଇ ଦେଇଥିଲେ । ସଂଘର ଓଡିଶା ପୂର୍ବ ପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି, ରାଷ୍ଟ୍ରୀୟ ସେବା ଭାରତୀର ସଂଗଠନ ମନ୍ତ୍ରୀ ସୁଧିର ଜୀ, କ୍ଷେତ୍ର ସଂପର୍କ ପ୍ରମୁଖ ବିଦ୍ୟୁତ୍ ମୁଖାର୍ଜୀ, ପ୍ରାନ୍ତ ପ୍ରଚାରକ ବିପିନ ପ୍ରସାଦ ନନ୍ଦ, ସହପ୍ରାନ୍ତ କାର୍ଯ୍ୟବାହ ଇଂ.ସୁଦର୍ଶନ ଦାସ, ପ୍ରାନ୍ତ ସେବା ପ୍ରମୁଖ ଶାନ୍ତନୁ ମାଝି, ଉତ୍କଳ ବିପନ୍ନ ସହାୟତା ସମିତିର ସଭାପତି ଅକ୍ଷୟ ବିଟ୍, ସେବା ଭାରତୀର ପ୍ରାନ୍ତ ସଂଗଠନ ମନ୍ତ୍ରୀ କୈଳାସ ଚନ୍ଦ୍ର ଜେନା, ରଥଯାତ୍ରା ସେବାର ସଂଯୋଜକ ରୁଦ୍ର ନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସେବାକାର୍ଯ୍ୟର ତଦାରଖ କରୁଛନ୍ତି ।

# ଓଡ଼ିଶାର କଳା, ସଂସ୍କୃତିକୁ ବିଶ୍ୱ ଦରବାରରେ ପହଁଚାଇବାରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ଅତୁଳନୀୟ: ମନମୋହନ ସାମଲ

ଭୁବନେଶ୍ୱର, ୧୧/୦୭ (ନି.ପ୍ର): ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାବାସୀଙ୍କୁ ସର୍ବଦା ପ୍ରାଧାନ୍ୟ ଦେଉଛନ୍ତି। ଓଡ଼ିଶାର କଳା, ସଂସ୍କୃତି, ପରମ୍ପରାକୁ ବିଶ୍ୱଦରବାରରେ ପହଁଚାଇବାରେ ପ୍ରଧାନମନ୍ତ୍ରୀଙ୍କ ଭୂମିକା ଅତୁଳନୀୟ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି। ଋଷିଆ ଗସ୍ତରେ ଯାଇଥିବା ବେଳେ ମୋଦିଙ୍କୁ ସେଠାକାର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରାଯାଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଶ୍ରୀ ସାମଲ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ସାମଲ କହିଛନ୍ତି,ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଋଷରେ ଯେଉଁ ସମ୍ମାନ ମିଳିଛି ସେଥିପାଇଁ ସାରା ଭାରତବାସୀ ଗର୍ବିତ। ଏହା ପୂର୍ବରୁ ମୋଦିଜୀ ଆମେରିକା ସଂସଦରେ ୨ ଥର ବକ୍ତବ୍ୟ ଦେବାର ସୌଭାଗ୍ୟ ଲାଭ କରିଛନ୍ତି। ସେ ଫ୍ରାନ୍ସ, ଇଜିପିଟ୍, ଭୁଟାନ୍, ୟୁଏଇ, ପାଲେଷ୍ଟିନ୍ ଓ ସାଉଦି ଆରବ ଆଦି ଦେଶରୁ ସର୍ବୋଚ୍ଚ ନାଗରିକ ସମ୍ମାନ ପାଇଛନ୍ତି। ଋଷିଆରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ ବେଳେ “ଜୟ ଜଗନ୍ନାଥ” କହିବା କୋଟି ଓଡ଼ିଆଙ୍କ ହୃଦୟକୁ ଛୁଇଁଛି। ସେଠାରେ ସେ ପିନ୍ଧିଥିବା ସମ୍ବଲପୁରୀ ଉତରୀୟ ଦେଖାଇ ଓଡ଼ିଶାବାସୀଙ୍କୁ ସମ୍ମାନିତ କରିଛନ୍ତି। ସେ ଓଡ଼ିଶାର ରାଜନୈତିକ ପରିବର୍ତନ ବିଷୟରେ କହିବା ସହ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ପ୍ରବାସୀ ଭାରତୀୟଙ୍କୁ ଅବଗତ କରାଇଛନ୍ତି। ଏହା ସମଗ୍ର ଓଡ଼ିଶାବାସୀଙ୍କୁ ଗର୍ବିତ କରିଛି। ଏହା ପୂର୍ବରୁ ମଧ ଅନେକ ଥର ବିଦେଶଗସ୍ତ ବେଳେ ଓଡ଼ିଶାର ଐତିହ୍ୟକୁ ପ୍ରଧାନମନ୍ତ୍ରୀ ମୋଦି ସ୍ମରଣ କରିଛନ୍ତି। ୨୦୨୨ରେ ଇଣ୍ଡୋନେସିଆର ବାଲିଠାରେ ଚାଲିଥିବା ଜି-୨୦ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି କଟକର ବିଶ୍ୱପ୍ରସିଦ୍ଧ ବାଲିଯାତ୍ରାକୁ ସ୍ମରଣ କରିଥିଲେ। କଟକ ମହାନଦୀ କୂଳରେ ପ୍ରତିବର୍ଷ ହେଉଥିବା ବାଣିଜ୍ୟ ମେଳାକୁ ସେ ପ୍ରଶଂସା କରିଥିଲେ।

# ଅକାଳ ବାର୍ଦ୍ଧକ୍ୟକୁ କରନ୍ତୁ ବାଏ ବାଏ : ରାତିରେ ତ୍ୱଚାରେ ଲଗାଇ ଶୁଅନ୍ତୁ ଏହି ତୈଳ



ପ୍ରାୟତଃ ସକାଳୁ ଉଠିବା ମାତ୍ରେ ଅନେକ ଲୋକ ଚର୍ମ ଶୁଷ୍କ ଦେଖାଯିବା ଅନୁଭବ କରିଥାନ୍ତି। ଚେହେରା ଶୁଖିଲା ଦିଶିଲେ ଅଧା ସୌନ୍ଦର୍ଯ୍ୟ କମିଯାଏ। ଯଦି ଆପଣଙ୍କର ସମାନ ସମସ୍ୟା ଅଛି ତାହେଲେ ଏଠାରେ ଉଲ୍ଲେଖ କରାଯାଇଥିବା ତେଲ ଆପଣଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ପ୍ରମାଣିତ ହେବ।

ରାତିରେ ଏହି ତେଲକୁ ମୁହଁରେ ଲଗାଇଲେ ତ୍ୱଚା କୋମଳ ହେବା ସହ ଚମକପ୍ରଦ ଦିଶିଥାଏ। ଆମେ ଆପଣଙ୍କୁ କୌଣସି ଦାମୀ ନୁହେଁ, ବରଂ ସମସ୍ତେ ବ୍ୟବହାର କରି ପାରୁଥିବା ଭଳି ନଡ଼ିଆ ତେଲ ବିଷୟରେ କହୁଛୁ।

ନଡିଆ ତେଲ ଚର୍ମ ପାଇଁ ଔଷଧ ପରି କାମ କରେ। ଏହାର ଉପକାର ବିଶେଷ କରି ଶୁଖିଲା ଚର୍ମରେ ଦେଖାଯାଏ। ନଡ଼ିଆ ତେଲ କେଉଁ ଉପାୟରେ ଚର୍ମ ପାଇଁ ଲାଭଦାୟକ ଏବଂ ଏହାକୁ କିପରି ଚେହେରାରେ ଲଗାଯାଏ ଚାଲନ୍ତୁ ସେ ବିଷୟରେ ଜାଣିବା।



ନଡିଆ ତେଲ ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ। ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ମଧ ଥାଏ, ଯାହା ଚର୍ମ ପାଇଁ ଖୁବ୍ ଭଲ। ନଡିଆ ତେଲର ଆରୋଗ୍ୟ ଗୁଣ ଚର୍ମର ରୁକ୍ଷପଣକୁ ଦୂର କରିଥାଏ। ଏହାର ଆଣ୍ଟି-ଇନ୍‌ଫ୍ଲାମେଟୋରି ଗୁଣ ଚର୍ମ ପାଇଁ ଲାଭଦାୟକ ଏବଂ ନଡିଆ ତେଲ ମଧ ଚର୍ମକୁ ଜଳ ଯୋଗାଇଥାଏ। ତ୍ୱଚା ଉପରେ ନଡ଼ିଆ ତେଲ ବିଭିନ୍ନ ଉପାୟରେ ପ୍ରୟୋଗ କରାଯାଏ, କିନ୍ତୁ ଯଦି ଆପଣ ରାତିରେ ଏହାକୁ ପ୍ରୟୋଗ କରି ଶୋଇବେ ତେବେ ଚର୍ମରେ ଅନେକ ଲାଭ ଦେଖିବାକୁ ମିଳିବ।

ନଡିଆ ତେଲର ରହିଛି ଆଣ୍ଟି-ଏଜିଙ୍ଗ୍ ଗୁଣ। ଯେଉଁମାନଙ୍କ ଚର୍ମ ବୟସ ଆଗରୁ ଲୋଚାକୋଚା ହୋଇଯାଏ, ସେମାନେ ଏହାକୁ ବ୍ୟବହାର କରିପାରିବେ। ଅତ୍ୟଧିକ ତେଲିଆ ତ୍ୱଚାଯୁକ୍ତ ବ୍ୟକ୍ତି ଏହାକୁ ବ୍ୟବହାର କରିବାଠାରୁ ଦୂରେଇ ରହିବା ଉଚିତ।

# ଥାଇରଏଡରୁ ବଢୁଛି ଓଜନ ?







ଆଜିକାଲି ଥାଇରଏଡ୍ ସମସ୍ୟା କ୍ରମଶଃ ବଢ଼ିବାରେ ଲାଗିଛି । ଥାଇରଏଡ୍ ଗ୍ରନ୍ଥି ଆମ ଶରୀରର ମେଟାବଲିଜିମକୁ ନିୟନ୍ତ୍ରିତ କରିଥାଏ । ତେଣୁ ଥାଇରଏଡ୍ ସମସ୍ୟା ଦେଖା ଦେଲେ ଓଜନ ବହୁତ ବଢ଼ିଥାଏ । ଆଉ ଆପଣ ହାଇପୋଥାଏରଡିଜିମର ଶିକାର ହୋଇଥାନ୍ତି । ଅନେକ ସମୟରେ ଦେଖିବାକୁ ମିଳେ । ଥାଇରଏଡର ଶିକାର ହେବା ପରେ କିଛି ଲୋକଙ୍କଠାରେ ଓଜନ ବଢୁଥିବା ବେଳେ ଆଉ କିଛି ଲୋକଙ୍କର ଓଜନ କମିଯାଇଥାଏ ବିଶେଷତଃ ମହିଳାମାନଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଦେଇଥାଏ । ଥାଇରଏଡ୍ ହେବା ପରେ ଏହି ଗ୍ରନ୍ଥି ଠିକ ଭାବରେ କାମ କରିନଥାଏ । ଆଉ ଦୁଇ ପ୍ରକାର ଭାବେ ଅସନ୍ତୁଳନ ଦେଖା ଦେଇଥାଏ । ତେଣୁ ଭିନ୍ନ ଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ । କେତେବେଳେ ଥାଇରଏଡ୍ ଗ୍ରନ୍ଥି କମ ମାତ୍ରାର ହରମୋନ କ୍ଷରଣ କରିଥାଏ । ଏହାକୁ ହାଇପରଥାଇରଏଡଜିମ୍ କୁହାଯାଏ । ଅନ୍ୟପଟରେ ଗ୍ରନ୍ଥିରେ ଅଧିକ ହରମୋନ କ୍ଷରଣ ହେଲେ ହାଇପୋଥାଏରଡିଜିମ କୁହାଯାଏ । ଯଦି ଥାଇରଏଡ୍ ଯୋଗୁ ଓଜନ ବଢୁଥାଏ, ତେବେ ଆପଣ ହାଇପୋଥାଏରଏଡଜିମର ଶିକାର ହୋଇଛନ୍ତି । ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଜୀବନଶୈଳୀରେ କିଛିଟା ପରିବର୍ତ୍ତନ ଆବଶ୍ୟକ ହୋଇଥାଏ ।

### ।। ପରୀକ୍ଷା କରନ୍ତୁ ।।

ଓଜନ ବଢ଼ିବା କେବଳ ଥାଇରଏଡର ଲକ୍ଷଣ ନୁହେଁ। ତେଣୁ ପରୀକ୍ଷା କରି ନିଅନ୍ତୁ । କେଉଁ ଥାଇରଏଡରେ ପୀଡ଼ିତ । ପରୀକ୍ଷା ପରେ ହିଁ ନିଷ୍ପତ୍ତି ନିଅନ୍ତୁ କଣ କରିବେ ।

### ।। ଜୀବନଶୈଳୀରେ ପରିବର୍ତ୍ତନ ।।

ଥାଇରଏଡ ଯୋଗୁ ଓଜନ କମୁଥିଲେ, ଆବଶ୍ୟକ ପୋଷଣ ପାଇବା ପାଇଁ ଖାଦ୍ୟପାନୀୟ କିଛିଟା ସୁଧାର ଆଣନ୍ତୁ । ନିୟମିତ ବ୍ୟାୟାମ ସହ ଭୋଜନର ମାତ୍ରା କମ କରି ସାଲାଡ ଓ ସିଝା ପରିବା ସାମିଲ କରନ୍ତୁ । ଏଥିସହିତ ଖାଦ୍ୟରେ ଲୁଣର ମାତ୍ରାକୁ ନିୟନ୍ତ୍ରିତ କରନ୍ତୁ ।

### ।। ନିଅନ୍ତୁ ଗ୍ରୀନ ଟି ।।

ଆଜିକାଲି ପ୍ରାୟ ଲୋକ ଓଜନ କମ କରିବା ପାଇଁ ଗ୍ରୀନ ଟି କୁ ପସନ୍ଦ କରୁଛନ୍ତି । ଏହା ଶରୀରର କୋଲେଷ୍ଟ୍ରଲସ୍ତରକୁ କମ କରିଥାଏ, ଯାହା ଫଳରେ ଓଜନ କମିଥାଏ । କିନ୍ତୁ ମନେ ରଖନ୍ତି ଥାଇରଏଡ ରୋଗୀଙ୍କ କ୍ଷେତ୍ରରେ ଗ୍ରୀନଟି ଅନେକ ସମୟରେ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ତେଣୁ ଏହା ବ୍ୟବହାର କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

### ।। ଔଷଧ ନେବାକୁ ଭୁଲନ୍ତୁ ନାହିଁ ।।

ଥାଇରଏଡ ରୋଗୀଙ୍କ ମୋଟା ହେବାର ଅନ୍ୟତମ କାରଣ ହେଉଛି ଔଷଧରେ ଅନିୟମିତତା । ତେଣୁ ନିୟମିତ ଔଷଧ ନେବାରେ ଅବହେଳା କରନ୍ତୁ ନାହିଁ ।

# ଶିଶୁ ଧରିପାରିବେ ଭୁଲ୍



ଭୁଲ କଥା ବିଷୟରେ ଜାଣିବାକୁ ବୟସ ଏବଂ ଜ୍ଞାନ ସେହିଭଳି ହୋଇଥିବା ଦରକାର। କିନ୍ତୁ ଜଣେ ଶିଶୁ କ'ଣ ଭୁଲ୍ ବିଷୟରେ ସୂଚନା ଦେଇ ପାରିବ? ଏକଥା ହୁଏତ ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ, ହେଲେ ତାହା ସତ। ଏ ସମ୍ପର୍କରେ ଏକ ସଦ୍ୟତମ ଗବେଷଣାର ସୂଚନା ମିଳିଛି। ସିଙ୍ଗାପୁରସ୍ଥିତ ନାନୟାଙ୍ଗ ଟେକ୍ନୋଲୋଜିକାଲ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ମାତ୍ର ଅଢ଼େଇବର୍ଷରୁ କମ ବୟସ୍କ ଶିଶୁଙ୍କୁ ଅନ୍ତର୍ଭୁକ୍ତ କରିଥିଲେ। ସେମାନଙ୍କୁ କେତେକ ଭୁଲ୍ କଥା କହିବା ସମୟରେ ସେମାନେ ତାହାକୁ ଧରିପାରିଥିଲେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ବିଭିନ୍ନ କଥା ଶୁଣିବା ସମୟରେ ସେମାନଙ୍କ ମଧ୍ୟରୁ କେତେକ ପ୍ରତିଟି କଥାକୁ ଧ୍ୟାନର ସହ ଶୁଣିଥାଆନ୍ତି। ଭୁଲ କଥା ଶୁଣିବା ପରେ କେତେକ ପ୍ରତିକ୍ରିୟାଶୀଳ ହୋଇଥାଆନ୍ତି ବୋଲି ମନୋବିଜ୍ଞାନୀମାନେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏହା ସମ୍ପୂର୍ଣ୍ଣ ଭାବରେ ସେମାନଙ୍କର ମାନସିକ ବିକାଶ ଉପରେ ହିଁ ନିର୍ଭର କରିଥାଏ। ସେଥିପାଇଁ ପିଲାଙ୍କର ମାତାପିତା ଏବଂ ପରିବେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ।

# ଜୀବନ-ମନ୍ତ୍ର: ମନ୍ଦରାଚଳ



ମାର୍କଣ୍ଡେୟ ପୁରାଣ, ମହାଭାରତ, ସ୍କନ୍ଦପୁରାଣ ଆଦିରେ ଯେଉଁ ପାବନ ପର୍ବତର ଉଲ୍ଲେଖ ଅଛି, ସେହି ପର୍ବତର ନାମ ମନ୍ଦରଗିରି। ଏହି ପର୍ବତ ଚନ୍ଦନ, ନାଗେଶ୍ୱର, ଚମ୍ପକ, ବିଲ୍ୱ, ମନ୍ଦାର, କରବୀର ଆଦି ବୃକ୍ଷ ସହିତ ଅଜସ୍ର ଔଷଧୀୟ ଗୁଳ୍ମଲତାରେ ପରିପୂର୍ଣ୍ଣ ହୋଇ ରହିଥିଲା। ଅନେକ ସୁକଣ୍ଠି ପକ୍ଷୀଙ୍କର କଳରବରେ ଏହା ସର୍ବଦା ମୁଖରିତ ହେଉଥିଲା। ବିଭିନ୍ନ ପ୍ରକାରର ପଶୁ, ସରୀସୃପ, ନାଗ ଏବଂ ଅପ୍‌ସରା ଓ ଗନ୍ଧର୍ବମାନେ ଏହି ମନୋହର ପର୍ବତର ସୁଷମା ଉପଭୋଗ କରିବା ସହିତ ନାନା ପ୍ରକାର କ୍ରୀଡ଼ା କୌତୁକରେ ସର୍ବଦା ମାତି ରହୁଥିଲେ।

ଏକଦା ଅସୁରମାନଙ୍କ ସହିତ ସଂଗ୍ରାମ କରି କରି ଦେବତାମାନେ ଯେତେବେଳେ ଦୁର୍ବଳ ହୋଇପଡ଼ିଲେ, ଭଗବାନ ବିଷ୍ଣୁଙ୍କ ନିର୍ଦ୍ଦେଶରେ ସେମାନେ ରାକ୍ଷସମାନଙ୍କ ସହଯୋଗରେ କ୍ଷୀର ସମୁଦ୍ର ମନ୍ଥନ କରି ଅମୃତ ପ୍ରାପ୍ତି ନିମିତ୍ତ ନିଷ୍ପତ୍ତି କଲେ। ଏହି ମନ୍ଥନ ନିମିତ୍ତ ଏକ ମନ୍ଥନୀ (ଖୁଆଦଣ୍ଡ) ଓ ରଜ୍ଜୁର ଆବଶ୍ୟକତା ପଡ଼ିବାରୁ, ଖୁଆଦଣ୍ଡ ନିମିତ୍ତ ମନ୍ଦର ପର୍ବତ ସର୍ବୋତ୍କୃଷ୍ଟ ଜାଣି, ଇନ୍ଦ୍ରଙ୍କ ସହିତ ଦେବତାମାନେ ଆସି ମନ୍ଦର ପର୍ବତକୁ ଅନୁରୋଧ କଲେ। କିନ୍ତୁ ପୂର୍ବରୁ ଇନ୍ଦ୍ର ତାଙ୍କର ପକ୍ଷଛେଦନ କରିଥିବାରୁ, ମନ୍ଦର କ୍ଷୀର ସମୁଦ୍ର ପର୍ଯ୍ୟନ୍ତ ଯିବାକୁ ନିଜର ଅକ୍ଷମତା ପ୍ରକାଶ କଲେ। ଦେବତାମାନେ ପ୍ରଥମେ ଏହାକୁ ଉତ୍ପାଟନ କରି ନେବାର ପ୍ରଚେଷ୍ଟା କଲେ। କିନ୍ତୁ ଏହା ସମ୍ଭବ ହେଲା ନାହିଁ। ମହାବଳୀ ଦୈତ୍ୟମାନେ ମଧ ଚେଷ୍ଟା କରି ବିଫଳ ହେଲେ। ଶେଷରେ ଦେବ ଓ ଦାନବ ଏକତ୍ର ହୋଇ ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ବିଷ୍ଣୁଙ୍କ ନିର୍ଦ୍ଦେଶରେ ଗରୁଡ଼ ଏହାକୁ ନିଜର ପୃଷ୍ଠଦେଶରେ ବହନ କରି ନେଇ କ୍ଷୀର ସମୁଦ୍ର ମଝିରେ ରଖିଦେଲେ। ବାସୁକୀ ନାଗ ମନ୍ଥନୀ ରଜ୍ଜୁ ହୋଇ ଏହାକୁ ବେଷ୍ଟନ କଲେ। ତଥାପି ଏହା ସ୍ଥିର ନହେବାରୁ ସ୍ୱୟଂ ଶ୍ରୀବିଷ୍ଣୁ କୂର୍ମାବତାର ଧାରଣ କରି ମନ୍ଦରକୁ ନିଜ ପୃଷ୍ଠଦେଶରେ ଧାରଣ କରିବାରୁ ମନ୍ଦର ସ୍ଥିର ହେଲା ଏବଂ ସମୁଦ୍ରମନ୍ଥନ କାର୍ଯ୍ୟ ସମାପନ ହେଲା। ଦେବତାମାନେ ଅମୃତ ପ୍ରାପ୍ତ ହେଲେ। ଅମୃତ ପାନ କରି ଦେବତାମାନେ ଅମର ହେଲେ। ସମୁଦ୍ର ମନ୍ଥନ ପରି ମହାନ କାର୍ଯ୍ୟରେ ଅଂଶଗ୍ରହଣ କରିଥିବାରୁ ମନ୍ଦର ଦେବତାମାନଙ୍କର ପୂଜ୍ୟ ହେଲା। ଏକଦା ମଧୁକୈଟଭଙ୍କ ଅତ୍ୟାଚାରରୁ ପୃଥିବୀକୁ ରକ୍ଷା କରିବା ନିମିତ୍ତ ଭଗବାନ ବିଷ୍ଣୁ ମନ୍ଦର ପର୍ବତରେ ଚାପି ସେମାନଙ୍କୁ ବଧ କରିଥିଲେ। କଥିତ ଅଛି, ମୃତ୍ୟୁ ପୂର୍ବରୁ ମଧୁକୈଟଭ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ- ପ୍ରତ୍ୟେକ ମକର ସଂକ୍ରାନ୍ତିରେ ମନ୍ଦର ପର୍ବତକୁ ଆସି ତାଙ୍କୁ ଦର୍ଶନ ଦେବେ। ଏହି କାରଣରୁ ପ୍ରତ୍ୟେକ ବର୍ଷ ମଧୁସୂଦନ ଭଗବାନ ବିଷ୍ଣୁଙ୍କ ପ୍ରତିମା ସେଠାର ବଂଶୀ ନାମକ ସ୍ଥାନରୁ ମନ୍ଦରକୁ ଯାତ୍ରା କରିଥାଏ; ଯେଉଁଥିରେ ଲକ୍ଷ ଲକ୍ଷ ଭକ୍ତ ସାମିଲ ହୋଇଥାଆନ୍ତି। ସଂପ୍ରତି ମନ୍ଦର ପର୍ବତ ବିହାର ଅନ୍ତର୍ଗତ ଭାଗଲପୁରର ଅନତି ଦୂରରେ ଅବସ୍ଥିତ। ଏହି ପର୍ବତ କଳାମୁଗୁନି ପଥରର ଏବଂ ଏହାର ଚଟାଣ ଉପରେ ବାସୁକୀ ନାଗର ବନ୍ଧନ ଡୋରିର ଚିହ୍ନ ଦେଖାଯାଏ। ଏହାର ଉପରି ଭାଗରେ ଦୁଇଟି ମନ୍ଦିର ଏବଂ ନିମ୍ନରେ ପାପହାରିଣୀ କୁଣ୍ଡ ରହିଛି। ଏହା ଏକ ବିଶେଷ ତୀର୍ଥସ୍ଥଳର ମାନ୍ୟତା ଲାଭ କରିଛି।

# ଜୀବନ ପ୍ରତି ବିପଦ ବ୍ଲଡ ସୁଗାର୍‌ର ଏହି ସ୍ତର: ଜାଣନ୍ତୁ ନିଜକୁ ବଂଚାଇବାର ଉପାୟ

ଆଜିକାଲି ଡାଇବେଟିସ୍ ବା ମଧୁମେହ ରୋଗକୁ ସାଧାରଣ ରୋଗ ଭାବରେ ବିବେଚନା କରାଯାଏ । ବୟସ୍କ ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ ଲୋକେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି । ତେବେ ଶରୀରରେ ବ୍ଲଡ ସୁଗାର ଅର୍ଥାତ୍ ରକ୍ତରେ ଗ୍ଳୁକୋଜର ମାତ୍ରା କମ ବେଶି କାରଣରୁ ଜଣେ ବ୍ୟକ୍ତି ଡାଇବେଟିସ୍ ରୋଗରେ ଆକ୍ରାନ୍ତ ହୋଇଥାଏ । ଯାହାଫଳରେ ଏହାକୁ ନିୟନ୍ତ୍ରଣରେ ରଖିବା ରୋଗୀ ପାଇଁ ନିତ୍ୟାନ୍ତ ଜରୁରୀ ହୋଇଥାଏ । ନେଚେତ୍ ଏହି ବ୍ଲଡ ସୁଗାରର ସ୍ତର କମ୍ ବେଶି କାରଣରୁ ରୋଗୀର ଜୀବନ ମଧ ଯାଇପାରେ । ତେବେ ଆମେ ଆଜି ଆପଣଙ୍କୁ କହିବୁ ଶରୀରରେ ବ୍ଲଡ ସୁଗାରର କେଉଁ ସ୍ତର ଆପଣଙ୍କ ଜୀବନ ପ୍ରତି ବିପଦ ଆଣିପାରେ । ଯାହାଫଳରେ ଜଣେ ରୋଗୀର ମୃତ୍ୟୁ ମଧ ହେବାରେ ସମ୍ଭାବନା ଥାଏ । ବ୍ଲଡସୁଗାର ଏହି ସ୍ତର ଜୀବନ ପ୍ରତି ଆଣିପାରେ ବିପଦ: ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଶରୀରରେ ବାରମ୍ବାର ବ୍ଲଡସୁଗାରର ସ୍ତର ପରିବର୍ତ୍ତନ ଜଣେ ମଧୁମେହ ରୋଗିର ଜୀବନ ପ୍ରତି ବିପଦ ସୃଷ୍ଟି କରେ । ତେବେ ଶରୀରରେ ଯଦି ବ୍ଲଡସୁଗାରର ସ୍ତର ୧୨୫ mg/ DL ଠାରୁ ଅଧିକ ରୁହେ ତେବେ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ । ଫଳରେ ଜଣେ ରୋଗୀର ଜୀବନ ଯିବାର ମଧ ଭୟ ଥାଏ । କାରଣ ବ୍ଲଡ ସୁଗାର ଅର୍ଥାତ୍ ରକ୍ତରେ ଗ୍ଳୁକୋଜର ମାତ୍ରା ବଢିବା ଦ୍ୱାରା ଏହା ଶରୀରରେ ଇନସୁଲିନ୍‌କୁ କମାଇ ଦିଏ । ଫଳରେ ଚିନ୍ତା ବଢିବା ସହ, ହରମୋନାଲ ଚେଞ୍ଜ ଏବଂ ନିଦରେ ଅଭାବ ହୋଇଥାଏ । ଯାହାକି ଜଣେ ଡାଇବେଟିସ ରୋଗୀ ପାଇଁ ବିପଜ୍ଜନକ ହୋଇଥାଏ । ସେହିପରି ଯଦି ରକ୍ତରେ ଗ୍ଳୁକୋଜର ସ୍ତର କମିଯାଏ ଏହା ମଧ ଜଣେ ରୋଗୀପାଇଁ କ୍ଷତିକାରକ ହୋଇଥାଏ । ଫଳରେ ରୋଗୀଠାରେ ଚିଡିଚିଡାପଣ, କହିବାରେ ଅସୁବିଧା, ମୁଣ୍ଡ ବୁଲାଇଦେବା ପରି ଲକ୍ଷଣ ଦେଖା ଦେଇଥାଏ । ଯାହାକି ଜଣେ ରୋଗୀକୁ ବିପଦରେ ପକାଇଥାଏ । ତେଣୁ ଶରୀରେର ବ୍ଲଡ ସୁଗାରର ସ୍ତର ୪୦ mg/ DLରୁ କମ୍ ରହିବା ଅନୁଚିତ୍।

**କିପରି ବର୍ତ୍ତିବେ:**

୧-ଶରୀରରେ ବ୍ଲଡ ସୁଗାର ସ୍ତରକୁ ନିୟନ୍ତ୍ରଣରେ ରଖିବା ପାଇଁ ନିଜର ଡେଲି ରୁଟିନ୍ ଏବଂ ଖାଦ୍ୟ ପେୟ ଉପରେ ଧ୍ୟାନ ଦିଅନ୍ତୁ । ଏପରି ଖାଦ୍ୟ ସେବନ କରନ୍ତୁ ଯେଉଁଥିରେ କାର୍ବୋହାଇଡ୍ରେଡର ସ୍ତର କେତେ ମାତ୍ରାରେ ରହିଛି ତାହା ଆପଣଙ୍କୁ ଜଣାଥିବ ।

୨- ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ସେବନ କରନ୍ତୁ ।

୩- ଯଥେଷ୍ଟ ପରିମାଣରେ ଶୁଅନ୍ତୁ । କାରଣ ଶୋଇବା ଦ୍ୱାରା ଶରୀର ସୁସ୍ଥ ରୁହେ ଏବଂ ରକ୍ତରେ ଇନସୁଲିନ୍ ସ୍ତର ମଧ ନିୟନ୍ତ୍ରଣରେ ରୁହେ ।

# ଅତ୍ୟଧିକ ମୋବାଇଲ୍ ଫୋନ୍ ବ୍ୟବହାର ଟ୍ୟୁମରର କାରଣ



ମୋବାଇଲ ଫୋନ୍ ବିନା ଆଜିକାଲି ବଞ୍ଚିବା କଷ୍ଟକର ହୋଇପଡ଼ିଲାଣି । ତେବେ ସେଲ୍‌ଫି ଫୋନ୍ ଯେ ଆମର ପ୍ରଭୂତ କ୍ଷତି କରୁଛି ସେ ବିଷୟରେ ଅନେକ ଅଜ୍ଞ । ଅତ୍ୟଧିକ ସେଲ୍‌ଫ ଫୋନ ବ୍ୟବହାର ଦ୍ୱାରା ମସ୍ତିଷ୍କରେ ଟ୍ୟୁମର ହୋଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି । ଫ୍ରାନ୍ସର ଗବେଷକମାନେ ଏହାର ବିପଜ୍ଜନକ ପରିଣାମ ସମ୍ପର୍କରେ ସୂଚନା ଦେଇ କହି ସାବଧାନ କରାଇଦେଇଛନ୍ତି । ଏ ନେଇ ସେମାନେ ଅଧିକ ଅନୁଧ୍ୟାନ କରୁଛନ୍ତି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ପିଟସବର୍ଗ ବିଶ୍ୱବିଦ୍ୟାଳୟର ମସ୍ତିଷ୍କ ଟ୍ୟୁମର ବିଶେଷଜ୍ଞ ଡକ୍ଟର ଏଲ୍ ଡାଡେ କହିଛନ୍ତି ଅତ୍ୟଧିକ ଫୋନ୍ ବ୍ୟବହାର ଓ ଟ୍ୟୁମର ସମସ୍ୟ ନେଇ ଏହା ପ୍ରଥମେ ଅଧ୍ୟୟନ ନୁହେଁ । ଗର୍ଭବତୀଙ୍କୁ ଚାପମୁକ୍ତ ରଖେ ଯୋଗ ଗର୍ଭାବସ୍ଥାରେ ଯୋଗ କଲେ ତାହା ଗର୍ଭବତୀଙ୍କ ପାଇଁ ହିତକର ହୋଇଥାଏ । ଏହା ସେମାନଙ୍କୁ ଚାପମୁକ୍ତ ରଖିବା ସହିତ ପିଲା ଜନ୍ମକୁ ନେଇ ଥିବା ବିଭିନ୍ନ ସମସ୍ୟା ଟାଳିଥାଏ ବୋଲି ଗବେଷକମାନେ ଜଣାଇଛନ୍ତି । ମଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟର ଗବେଷକମାନେ କହିଛନ୍ତି, ଗର୍ଭାସ୍ଥାରେ ଯୋଗ କରିବା ଏକ ବଢ଼ିଆ ବ୍ୟାୟାମ । ଏହି ସମୟରେ ହେଉଥିବା ପିଠି ଯନ୍ତ୍ରଣା, ସାଇଟିକା ଏବଂ ଅନ୍ୟାନ୍ୟ ବ୍ୟଥା ଓ ଯନ୍ତ୍ରଣା ଯୋଗ ଦ୍ୱାରା ଦୂର ହୋଇଥାଏ । ନିୟମିତ ଯୋଗ କରିବା ଦ୍ୱାରା ପ୍ରସବ ଅପେକ୍ଷାକୃତ ସହଜ ଓ କମ୍ ସମୟରେ ହୋଇଥାଏ । ଏହି ସମୟରେ ଖାସ୍ କରି ୫ଟି ଯୋଗାସନ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି । ସେହି ଆସନଗୁଡ଼ିକ ହେଲା ବଦ୍ଧା କୋଣାସନ, ଦଣ୍ଡାସନ, ମଜାରାଆସନ ଓ ଅଧୋ ମୁଖା ସ୍ୱନାସନ । ତେବେ ଏହା ଅଧିକ ଦେହ ପ୍ରତି କ୍ଷତି ଆଣିପାରେ ।

# ପିତ୍ତକୋଷରେ ପଥର




ସାଧାରଣରେ ପିତ୍ତକୋଷରେ ବିଭିନ୍ନ ପ୍ରକାର ରୋଗ ଦେଖାଯାଇଥାଏ । ସେଗୁଡ଼ିକ ହେଲା ହଠାତ୍ ପିତ୍ତକୋଷ ଫୁଲିଯିବା, ଦରଜ ହେବା, ଜ୍ୱର ହେବା, ହଳଦିଆ ପରିସ୍ରା ହେବା ଇତ୍ୟାଦି । ଏହାକୁ ଏକ୍ୟୁଟ କୋଲେସିସ୍ ଟାଇଟିସ୍ କୁହାଯାଏ । ହଠାତ୍ ଏହି ରୋଗ ଆରମ୍ଭ ହୁଏ । ରୋଗୀ ପେଟରେ ଯନ୍ତ୍ରଣା ଅନୁଭବ କରେ । ଭୀଷଣ ଜ୍ୱର ହୁଏ ବାନ୍ତି ଏବଂ ହଳଦିଆ ପରିସ୍ରା ହୁଏ । ବେଳେବେଳେ ଆଖି ହଳଦିଆ ଦେଖାଯାଏ । ଆପେନଡ଼ିକସ୍ ବା ଯକୃତ ପଥରର ଲକ୍ଷଣ ନାରୀମାନଙ୍କ ଠାରେ ଅଧିକ ହୋଇଥାଏ । ବିଶେଷକରି ମୋଟା ସ୍ତ୍ରୀ ଲୋକ, ଛୁଆପିଲା ଥିବା ସ୍ତ୍ରୀ ଲୋକ, ୪୦ ବର୍ଷ ବା ତା' ଠାରୁ ଅଧିକ ବର୍ଷର ନାରୀଠାରେ ଏହି ରୋଗ ବେଶୀ ଦେଖାଯାଏ । ଏପରି ହେଲେ ପିତତ୍ତକୋଷ ଫୁଲିଯାଏ ଏବଂ ବ୍ୟଥା ହୁଏ । ପିତ୍ତକୋଷରେ ପଥର ଅଧିକ ଭାବରେ ନାରୀମାନଙ୍କର ହୁଏ ପିତ୍ତକୋଷରେ ପଥର ହେବାରେ ବିଭିନ୍ନ କାରଣ ରହିଛି। ତେବେ ମୂଳ କାରଣ ହେଲା ପିତ୍ତକୋଷରେ ଥିବା ପିତ୍ତ ଜମିଗଲେ ଏହା ଧୀରେଧୀରେ ଟାଣ ହୋଇଯାଏ ଏବଂ ପଥର ପରି ଶକ୍ତ ହୋଇଥାଏ । ଏହାକୁ ପିତ୍ତକୋଷରେ ପଥର କୁହାଯାଏ । ପିତ୍ତକୋଷରେ ପଥର ଥିଲେ ଏବଂ ହଠାତ୍ ସଂକ୍ରମଣ ନହେଲେ ଅନେକ ଦିନ ପର୍ଯ୍ୟନ୍ତ କୌଣସି ଲକ୍ଷଣ ଦେଖାଯାଏ ନାହିଁ । ଅନେକ କ୍ଷେତ୍ରରେ ଦେଖାଯାଇଛି କୌଣସି କାରଣରୁ ପେଟରେ ଅଲଟ୍ରାସୋନୋଗ୍ରାଫି କରିବା ବେଳେ ଏହା ଜଣାପଡ଼େ । ପିତ୍ତକୋଷରେ ପଥର ଥିଲେ ଏବଂ ସଂକ୍ରମଣ ହୋଇନଥିଲେ ଏହାର କୌଣସି ନିର୍ଦ୍ଦିଷ୍ଟ ଲକ୍ଷଣ ନଥାଏ । କେବଳ ବେଳେବେଳେ ପେଟ ଫୁଲାଇବା, ଅଧିକ ଚର୍ବିଜାତୀୟ ଖାଦ୍ୟ ଖାଇଲେ ହଜମ ନହେବା, ଆମ୍ବିଳା ହେକୁଟିରୁ ଅମ୍ଳପିତ୍ତ ହୋଇଥିବା ଜଣାପଡ଼େ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନୀତୀଶଙ୍କ ବିହାରର ଦୁଃଖ...

ବିହାର ଭାରତର ଅନ୍ୟତମ ଜନବହୁଳ ଓ ଅନଗ୍ରସର ରାଜ୍ୟ। ଏଠାକାର ରାଜନୀତି ଓ ଲୋକନୀତି କିନ୍ତୁ ଭାରତୀୟ ଗଣତନ୍ତ୍ରକୁ ନୂତନ ପ୍ରୟୋଗ ଶିଖାଇ ଆସିଛି। ଗତ କିଛିବର୍ଷ ଧରି ଏଠାରେ ଯେଉଁ ରାଜନୈତିକ ସ୍ଥିରତା ରହିଛି ସେଥିରେ ମୁଖ୍ୟମନ୍ତ୍ରୀ ତଥା ଜେଡିୟୁର ମୁଖ୍ୟ ନୀତୀଶକୁମାରଙ୍କ ନୂତନ ପ୍ରୟୋଗ ଓ ବିଶ୍ଳେଷଣକୁ ଅସ୍ୱୀକାର କରାଯାଇପାରିବ ନାହିଁ। ସମ୍ପୂର୍ଣ୍ଣ ରୂପେ ଏହି ରାଜନୈତିକ ଓ ଲୋକନୈତିକ ରଣନୀତି ମୁଖ୍ୟତଃ ନୀତୀଶଙ୍କ ଦ୍ୱାରା ହିଁ ନିୟନ୍ତ୍ରିତ ହୋଇଆସିଛି। ସଦ୍ୟସମାପ୍ତ ଲୋକସଭା ନିର୍ବାଚନ ଏବଂ କେନ୍ଦ୍ରରେ ନବଗଠିତ ସରକାରରେ ମଧ୍ୟ ଏହାର ପ୍ରଭାବ ପ୍ରତିଫଳିତ ହୋଇଆସିଛି। ଏବେ କେନ୍ଦ୍ରରେ ବିଜେପି ସରକାର ଗଠନ ପାଇଁ ଏକାକୀ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ପାଇ ନାହିଁ। ଏଥିପାଇଁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଓ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସମର୍ଥନ ବିଜେପି ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ତେଣୁ ବିହାରବାସୀଙ୍କ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ନୀତୀଶ ତାଙ୍କ ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରିବା ସ୍ୱାଭାବିକ। ଐତିହାସିକ କାରଣରୁ ଅନଗ୍ରସର ଥିବା ବିହାରର ଉନ୍ନତି ପାଇଁ ନୀତୀଶଙ୍କ ସହିତ ରାଜ୍ୟର ଅନ୍ୟାନ୍ୟ ତୁଙ୍ଗନେତାମାନେ ନିରବଚ୍ଛିନ୍ନ ଭାବେ ସ୍ୱର ମିଳାଇ ଆସୁଛନ୍ତି। କିନ୍ତୁ ଏବେ ବିହାରରେ ଯେଉଁଭଳି ଭିତ୍ତିଭୂମି ଦୁର୍ଘଟଣାମାନ ଘଟୁଛି ସେତେବେଳେ ନୀତୀଶଙ୍କ ବିହାରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ପ୍ରସଙ୍ଗକୁ ନେଇ କେତେକ ପ୍ରଶ୍ନ ଉଠୁଛି। ଏକଥା ସତ ଯେ ଗୋଟିଏ ରାଜ୍ୟର ବିକାଶ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ଭିତ୍ତିଭୂମି ବିକାଶ ଏକ ଅପରିହାର୍ଯ୍ୟ ଆବଶ୍ୟକତା। ରାସ୍ତାଘାଟ, ସେତୁର ବିକାଶ ସହିତ ଯୋଗାଯୋଗରେ ଉନ୍ନତି ବିକାଶମାର୍ଗକୁ ତ୍ୱରାନ୍ୱିତ କରିଥାଏ। କିନ୍ତୁ ଦେଖାଯାଉଛି ଯେ ବିହାରକୁ କେନ୍ଦ୍ର ସରକାର ଯେତିକି ଅର୍ଥ କେନ୍ଦ୍ରୀୟ ପାଣ୍ଠିରୁ ପ୍ରାପ୍ୟଅଂଶ ବାବଦରେ ଯୋଗାଉଛନ୍ତି, ତାହାର ବିନିଯୋଗ ଠିକ୍ ଭାବେ ହେଉନାହିଁ। ଅନେକ ସମୟରେ ନିମ୍ନମାନର କାମ, ଅଯଥା ବିଳମ୍ବ, ରାଜନୈତିକ ହସ୍ତକ୍ଷେପ, ଅପରାଧିକ ତତ୍ତ୍ୱଙ୍କ ଉତ୍ପାତ, ଦୁର୍ନୀତି, ଅର୍ଥ ବାଟମାରଣା ଯୋଗୁଁ ସାମଗ୍ରିକ ଭାବେ ପ୍ରକଳ୍ପ କାମମାନ ଆଶାଜନକ ଭାବେ ଆଗେଇ ପାରୁନାହିଁ। ନୀତୀଶଙ୍କ ବିହାରର ଦୁଃଖ ହେଲା ଯେ ସେ ରାଜ୍ୟ ବିଚିତ୍ର କାରଣରୁ ଭାରତର ଦୁଃଖୀ ରାଜ୍ୟ ହୋଇ ରହିଛି ଓ ଏହାର ଭାଗ୍ୟ ବଦଳୁ ନାହିଁ। ଏକଦା ବିକାଶର ସବୁଠୁ ପଛରେ ଥିବା ଓଡ଼ିଶା ବିଗତ ୨୪ ବର୍ଷ ମଧ୍ୟରେ ବିଜେଡି ଶାସନରେ ଯେଉଁ ହାରରେ ଉପରକୁ ଉଠି ବିଭିନ୍ନ କ୍ଷେତ୍ରରେ ଦେଶରେ ଉଦାହରଣ ସୃଷ୍ଟି କରିଛି ସେ ତୁଳନାରେ ବିହାର ରାଜନୈତିକ ସ୍ଥିରତା ସତ୍ତ୍ୱେ ବିଶେଷ କିଛି ଉଲ୍ଲେଖନୀୟ ସଫଳତା ପାଇନାହିଁ। ବିଗତ ପନ୍ଦର/କୋଡ଼ିଏ ଦିନ ମଧ୍ୟରେ ବିହାରରେ ସେତୁ / ପୋଲ ଭୁଶୁଡ଼ିବା ଘଟଣା ଏକ ଦୈନନ୍ଦିନ ଅଘଟଣରେ ପରିଣତ ହୋଇଛି। କେଉଁଠି ଉଦ୍‌ଘାଟନର ପରେ ପରେ ତ କେଉଁଠି ନିର୍ମାଣାଧୀନ ଅବସ୍ଥାରେ ପୋଲ ସବୁ ତାସ୍ ଘର ଭଳି ଭୁଶୁଡ଼ି ପଡୁଛି। ସାରା ଦେଶରେ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ରାଜ୍ୟ ବିହାରରେ ଏଭଳି ଘଟଣା ବାରମ୍ବାର ଘଟିବା ପଛରେ ନିଶ୍ଚିତ କିଛି ବ୍ୟବସ୍ଥାଗତ ତ୍ରୁଟି ଯେ ରହିଛି, ଏହାକୁ ଅସ୍ୱୀକାର କରିହେବ ନାହିଁ। ସେତୁଭଳି ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ନିର୍ଦ୍ଦିଷ୍ଟ ମାନ, ପଦ୍ଧତି, ଅନୁସୃତ ନୀତି ନିୟମ ଏବଂ ଯାନ୍ତ୍ରିକ ବ୍ୟବସ୍ଥାରେ ନିର୍ମିତ ହୋଇଥାଏ। ଏଥିରେ ବ୍ୟବହୃତ ସାମଗ୍ରୀର ଗୁଣମାନରେ ତ୍ରୁଟି, ନିର୍ମାଣଗତ ଭୁଲ୍ ଭଟକା, ତଦାରଖର ଅଭାବ ଓ ନିୟନ୍ତ୍ରଣର ଅଭାବ ଯୋଗୁଁ ଏହା ଭାଙ୍ଗିବା, ଭୁଶୁଡ଼ିବା ମୁଖ୍ୟ କାରଣ। ଏହାଛଡ଼ା ପ୍ରବଳ ବର୍ଷା, ବନ୍ୟା, ଭୂସ୍ଖଳନ ଓ ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ସେତୁ, ରାସ୍ତା ଓ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଥାଏ। ବିହାରରେ ଏହି ସେତୁ ଭୁଶୁଡ଼ିବା ପ୍ରକ୍ରିୟା ଆରମ୍ଭ ହେବା ପରେ ରାଜନୈତିକ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। କେନ୍ଦ୍ରର ଶାସକ ମେଣ୍ଟର ମୁଖ୍ୟ ସହଯୋଗୀ ଜେଡିୟୁ କହିଛି ଯେ ପୂର୍ବ ମିଳିତ ସରକାର ସମୟରେ ଗ୍ରାମ୍ୟ ଉନ୍ନୟନ, ସଡ଼କ ଓ ପୂର୍ତ୍ତ ବିଭାଗ ଲାଲୁ ପ୍ରସାଦଙ୍କ ଆର୍‌ଜେଡି ହାତରେ ଥିଲା। ସେହି ସମୟରେ ନିର୍ମିତ ସେତୁଗୁଡ଼ିକ ମୁଖ୍ୟତଃ ଭାଙ୍ଗି ପଡୁଛି। ଏହି ଅଭିଯୋଗ ଅନେକ କଥା ସାମ୍ନାକୁ ଆଣୁଛି। ଏହା ପ୍ରକାରାନ୍ତରେ ସୂଚାଉଛି ଯେ ସେତୁଗୁଡ଼ିକର ନିର୍ମାଣରେ ଗୁଣାତ୍ମକ ମାନ ରକ୍ଷା ସହିତ ବୁଝାମଣା କରାଯାଇଥିଲା। ଠିକାଦାରମାନେ ନିମ୍ନମାନର ସାମଗ୍ରୀ ଓ ତ୍ରୁଟିପୂର୍ଣ୍ଣ ନିର୍ମାଣ ପଦ୍ଧତି ବ୍ୟବହାର କରି ଲାଭ ଉଠାଇଥିଲେ। ସେ ଲାଭରେ ରାଜନୈତିକ ଚାନ୍ଦା ସଂଗୃହୀତ ହେଉଥିବା ଅଭିଯୋଗ ମଧ୍ୟ ଆସିଛି। ବର୍ଷା, ବନ୍ୟା ଓ ଭୂସ୍ଖଳନ ଭାରତର ଅନ୍ୟାନ୍ୟ ରାଜ୍ୟରେ ହେଉଛି। ସେଠାରେ କିନ୍ତୁ ବିହାର ଭଳି ଅବସ୍ଥା ଘଟୁନାହିଁ। ତେବେ ଏକଦା ମେଣ୍ଟ ସହଯୋଗୀ ଥିବା ଆର୍‌ଜେଡି ମୁଣ୍ଡରେ ଦୋଷ ଲଦି ନୀତୀଶ ନିଜକୁ ଏ ପ୍ରସଙ୍ଗରେ ନିର୍ଦ୍ଦୋଷ କହିପାରିବେ ନାହିଁ। ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର ମଧ୍ୟ ଏଥିରେ ଦାୟିତ୍ୱ ଥିଲା ଏବଂ ତାହାକୁ ଉଚିତ୍ ଭାବେ ନିର୍ବାହ କରିବାରେ ସେ ବିଫଳ ହୋଇଛନ୍ତି। ଏବେ ସେ ଏନ୍‌ଡିଏର ମୁଖ୍ୟମନ୍ତ୍ରୀ ଓ ବିଜେପି ସହିତ କ୍ଷମତାରେ ଅଛନ୍ତି। ରାଜ୍ୟରେ ଏବେ ଯେଉଁ ଭିତ୍ତିଭୂମି ଭୁଶୁଡ଼ିବା ପ୍ରକ୍ରିୟା ଆରମ୍ଭ ହୋଇଛି, ତାହାର ନୈତିକ ଦାୟିତ୍ୱ ନୀତୀଶଙ୍କର। ସେ ବ୍ୟକ୍ତିଗତ ଭାବେ ସାଧୁ ଓ ସଚ୍ଚୋଟ ହୋଇପାରନ୍ତି; କିନ୍ତୁ ପ୍ରଶାସନିକ ଓ ଯୋଜନାର ରୂପାୟନ କ୍ଷେତ୍ରରେ ବିଭ୍ରାଟ ଘଟିଲେ ଲୋକେ ତାଙ୍କୁ ଦାୟୀ କରିବେ। ଆସନ୍ତା ବର୍ଷ ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇପାରେ। ତେଣୁ ବିହାରରେ ଏବେ ଯାହାସବୁ ଘଟୁଛି, ତାହା ନୀତୀଶଙ୍କ ପାଇଁ ଶୁଭଙ୍କର ନୁହେଁ।

## ମୋବାଇଲ ବ୍ୟବହାରକାରୀଙ୍କୁ ଲୁଟୁଛନ୍ତି ଘରୋଇ କମ୍ପାନୀ



### ଗୋପାଳ ମହାପାତ୍ର

ସଂସଦରେ ଯେତେବେଳେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ତାଙ୍କର ୩ୟ ଥରର କାର୍ଯ୍ୟକାଳରେ ତିନିଗୁଣା ଶକ୍ତିରେ ସରକାର ଚଳାଇବେ ଓ ଜନକଲ୍ୟାଣ ସମ୍ପର୍କୀତ ଅନେକ ପ୍ରତିଶୃତି ଦେଉଥିଲେ ସେହି ସମୟରେ ଦେଶର ଘରେଇ ମୋବାଇଲ ଫୋନ କମ୍ପାନୀମାନେ ଦେଶର କୋଟି କୋଟି ଉପଭୋକ୍ତାଙ୍କ ଉପରେ ଆର୍ଥୀକ ବୋଝ ଲଦିଦେବାପାଇଁ ନିଷ୍ପତ୍ତି ନେଇ ସାରିଥିଲେ। ଅର୍ଥାତ୍ ଜିଓ ରିଲାଏନ୍ସ, ଏୟାରଟେଲ ଓ ଭୋଡାଫୋନ ଆଇଡିଆ ଭଳି ୩ କମ୍ପାନୀ ଭାରତ ବର୍ଷର ୧୦୯ କୋଟି ମୋବାଇଲ ଉପଭୋକ୍ତାଙ୍କ ଉପରେ ୩୪୮୨୪ କୋଟି ଟଙ୍କାର ବାର୍ଷିକ ଆର୍ଥୀକ ବୋଝ ଲଦି ଦେଇଛନ୍ତି। ଅର୍ଥାତ୍ ଏହି ତିନି କମ୍ପାନୀ ନିଜର ଗ୍ରାହକ ମାନଙ୍କ ପାଇଁ ମୋବାଇଲ ଶୁଳ୍କ ବଢାଇ ଦେଇଛନ୍ତି ଓ ଏଇ ବର୍ଦ୍ଧିତ ଶୁଳ୍କ ସହ ନୂଆ ପ୍ଲାନ ବଜାରକୁ ଛାଡିଛନ୍ତି। ଏହି ବର୍ଦ୍ଧିତ ଶୁଳ୍କ (ଟାରିଫ) ପରେ ଏବେ ମୋବାଇଲ ବ୍ୟବହାର କରୁଥିବା ଲୋକଙ୍କ ମୋବାଇଲ ରିଚାର୍ଜ ଖର୍ଚ୍ଚ ୧୫ ପ୍ରତିଶତ ବଢିଯାଇଛି। ଦେଶରେ ଏବେ ୧୧୯ କୋଟି ଲୋକ ମୋବାଇଲ ଫୋନ ବ୍ୟବହାର କରୁଛନ୍ତି। ୧୦୯ କୋଟି ଜିଓ ରିଲାଏନ୍ସ, ଏୟାରଟେଲ ଏବଂ ଭୋଡାଫୋନର ମୋବାଇଲ ସିମ୍ ବ୍ୟବହାର କରୁଛନ୍ତି। ବଳକା ୧୦ କୋଟି ବା ତାଠାରୁ କିଛି ଅଧିକ ମୋବାଇଲ ବ୍ୟବହାରକାରୀ ବିଏସ୍‌ଏନ୍‌ଏଲ୍ ଓ ଅନ୍ୟ କିଛି କମ୍ପାନୀର ସିମ୍‌କାର୍ଡ ବ୍ୟବହାର କରିଥାନ୍ତି। ଲୋକସଭା ନିର୍ବାଚନ ସମାପ୍ତ ପରେ ଏନ୍‌ଡିଏ ସରକାରର ତୃତୀୟ କାର୍ଯ୍ୟକାଳ ଆରମ୍ଭ ହେବାପରେ ଏଇ ତିନି କମ୍ପାନୀ ମାନଙ୍କ ନିଷ୍ପତ୍ତି ଏବେ ମୋବାଇଲ ଉପଭୋକ୍ତାଙ୍କ ଭାବିବା ପାଇଁ ବାଧ କରିଛି ଯେ ଟରିଫ ବା ରିଚାର୍ଜର ଶୁଳ୍କ ବଢ଼ାଇବା ପାଇଁ ଏଇ କମ୍ପାନୀମାନେ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ କ'ଣ ଅପେକ୍ଷାରେ ଥିଲେ? ଯଦି ଶୁଳ୍କ ବୃଦ୍ଧି କରିବାର ଥିଲା ତେବେ ନିର୍ବାଚନ ପୂର୍ବରୁ କଲେ ନାହିଁ କାହିଁକି? କ'ଣ ନିର୍ବାଚନ ପୂର୍ବରୁ ଶୁଳ୍କ ବା ଟାରିଫ ଦର ବଢାଇଥିଲେ ଦେଶର ୧୦୯ କୋଟି ଉପଭୋକ୍ତା ରାଗି ଯାଇଥାନ୍ତେ ବୋଲି ସେମାନେ ଶୁଳ୍କ ବଢାଇ ନଥିଲେ କି?

ଦେଶରେ ଏବେ ଜିଓ, ଏୟାରଟେଲ ଓ ଭୋଡାଫୋନର ମୋବାଇଲ ସିମ ବ୍ୟବହାର କାରୀଙ୍କ ସଂଖ୍ୟା ଅଧିକ। ଜିଓ ରିଲାଏନ୍ସର ଦେଶରେ ୪୮ କୋଟିରୁ ଅଧିକ ଉପଭୋକ୍ତା ରହିଥିବା ବେଳେ ଏୟାରଟେଲ ପାଖରେ ୩୯କୋଟି ଓ ଭୋଡାଫୋନ ପାଖରେ ୨୨ କୋଟି ୩୭ଲକ୍ଷ ମୋବାଇଲ ଫୋନ ଉପଭୋକ୍ତା ଅଛନ୍ତି। ଏଇ ତିନି କମ୍ପାନୀ କେବଳ ମାତ୍ର ଗୋଟିଏ ଦିନର ଅନ୍ତରାଳ ମଧ୍ୟରେ ଟାରିଫ ବା ରିଚାର୍ଜ ଶୁଳ୍କ ବୃଦ୍ଧି କରିଛନ୍ତି। ଜିଓ ରିଲାଏନ୍ସ ଜୁନ ୨୭ ତାରିଖରେ ଶୁଳ୍କ ୧୨ ରୁ ୨୭ ପ୍ରତିଶତ ବଢାଇଥିବା ବେଳେ ଏୟାରଟେଲ ୨୮ ତାରିଖରେ ତାର ଶୁଳ୍କ ୧୧ରୁ ୨୧ ପ୍ରତିଶତ ବଢାଇ ଦେଇଛି। ସେହିପରି ୨୯ ତାରିଖରେ ଭୋଡାଫୋନ ପାଖାପାଖି ୧୬ ପ୍ରତିଶତ ଟାରିଫ ରେଟ ବଢାଇ ଦେଇଛି। ଏ କଥାକୁ ନେଇ ବିରୋଧି ଦଳ ମାନେ କେନ୍ଦ୍ରସରକାରଙ୍କୁ ସମାଲୋଚନା କରୁଛନ୍ତି। ଏକ ପ୍ରମୁଖ ଜାତୀୟ ସ୍ତରର ସମ୍ବାଦପତ୍ରର ରିପୋର୍ଟ ଅନୁସାରେ କେବଳ ମୋବାଇଲ ଫୋନ ଟାରିଫ ବଢିଲେ ଦେଶରେ ମୁଦ୍ରାସ୍ଫିତି ହାର ୦.୦୨ ପ୍ରତିଶତ ବଢିଯିବ। ତେବେ ଏହି ମୁଦ୍ରାସ୍ଫିତି ହାର ବୃଦ୍ଧି ପାଇଁ ଦାୟୀ କିଏ?

ଇତି ମଧ୍ୟରେ ଦୂରସଂଚାର ମନ୍ତ୍ରାଳୟ ପକ୍ଷରୁ ଏଇ ତିନି ଘରୋଇ କମ୍ପାନୀଙ୍କୁ କ୍ଲିନଚିଟ ଦିଆଯିବା ପାଇଁ ଉଦ୍ୟମ କରାଯାଇଛି ଓ କୁହାଯାଇଛି ଯେ ଟାରିଫ (ମୋବାଇଲ ସିମ୍ ରିଚାର୍ଜ ଦର) ଦର ଡିମାଣ୍ଡ ଆଣ୍ଡ ସପ୍ଲାଇ ଆଧାରରେ ଟେଲିକମ୍ କମ୍ପାନୀ ମାନେ ନିର୍ଦ୍ଧାରିତ କରିଥାନ୍ତି। ଘରୋଇ କମ୍ପାନୀ ମାନେ ଉପଭୋକ୍ତା ମାନଙ୍କ ଉତ୍ତମ ସେବା ପ୍ରଦାନ କରିବା ପାଇଁ ଟେକ୍ନୋଲୋଜି (ବୈଶୟିକଜ୍ଞାନକୌଶଳ) ଏବଂ ଇନଫ୍ରାଷ୍ଟ୍ରକଚର (ଭିତ୍ତିଭୂମି ବିକାଶ) ପାଇଁ ବ୍ୟୟ କରୁଛନ୍ତି ଏବଂ ଏହି ପୁଞ୍ଜିନିବେଶ ଦୃଷ୍ଟିରୁ ଟାରିଫ ଦର ବଢାଇବା ପାଇଁ ନିଷ୍ପତ୍ତି ନିଆଯାଇଥାଏ। ଦେଶରେ ଟେଲିକମ ଟାରିଫ ସମ୍ବନ୍ଧୀୟ ନିଷ୍ପତ୍ତି ଭାରତୀୟ ଦୂର ସଞ୍ଚାର ନିୟାମକ ପ୍ରାଧିକରଣ (ଟ୍ରାଇ)ର ଗାଇଡ଼ଲାଇନକୁ ଧ୍ୟାନ ରଖାଯାଇ କରାଯାଇଥାଏ। ଖବର ଅନୁସାରେ ବିଗତ ଦିନରେ ଏହି ତିନି ଟେଲିକମ କମ୍ପାନୀ ମାନଙ୍କ ଦ୍ୱାରା ଦେଶରେ ଗ୍ରାହକ ମାନଙ୍କୁ ୫ଜି ନେଟୱାର୍କର ସୁବିଧା ଯୋଗାଇ ଦେବାକୁ ବ୍ୟାପକ ପୁଞ୍ଜିନିବେଶ କରାଯାଇଥିଲା। ଏବେ ଗ୍ରାହକ ମାନଙ୍କୁ ୫ଜି ସେବା ପାଇବା ପାଇଁ ୭୧ ପ୍ରତିଶତ ଅଧିକ ଶୁଳ୍କ ଦେବାକୁ ପଡିବ। କିନ୍ତୁ ତଥ୍ୟ ଅନୁସାରେ ଯଦି ୫ଜି ସୁବିଧା ଦେବା ବଦଳରେ ଯଦି ଏହି ତିନି କମ୍ପାନୀ ୧୫ରୁ ୧୭ ପ୍ରତିଶତ ଶୁଳ୍କ ମଧ ବଢାଇବେ ତେବେ ବି ସେମାନେ ନିବେଶ କରିଥିବା ପୁଞ୍ଜି ବା ଅର୍ଥ ଠାରୁ ଅଧିକା ପାଇଯିବେ। କିନ୍ତୁ ପ୍ରଶ୍ନ ହେଉଛି ଉପଭୋକ୍ତାଙ୍କ ସ୍ୱାର୍ଥ କଥା କହୁଥିବା ସରକାର ତିନି ଟେଲିକମ କମ୍ପାନୀ ମାନଙ୍କର ଏଭଳି ନିଷ୍ପତ୍ତି ବାବଦରେ ନୀରବ ରହୁଛନ୍ତି କାହିଁକି? ଦୂରସଞ୍ଚାର ମନ୍ତ୍ରାଳୟ ତିନି ଘରୋଇ କମ୍ପାନୀଙ୍କୁ କ୍ଲିନଚିଟ୍ ଦେଉଛି କାହିଁକି?

ଜିଓ, ଏୟାରଟେଲ ଓ ଭୋଡାଫୋନର ଟାରିଫ ବୃଦ୍ଧି ପରେ ଏବେ ମୋବାଇଲ ବ୍ୟବହାରକାରୀ ମାନେ ବିଏସ୍‌ଏନ୍‌ଏଲ୍ ଆଡକୁ ଢ଼ଳିବା ଆରମ୍ଭ କରିଛନ୍ତି। ବିଏସ୍‌ଏନ୍‌ଏଲ୍ ମଧ ତତ୍କାଳ ଏକ ଶସ୍ତା ଟାରିଫ ପ୍ଲାନ ଆଣିଛି ଓ ଏଥି ସହ ବିଏସ୍‌ଏନ୍‌ଏଲ୍ ପକ୍ଷରୁ କୁହାଯାଇଛି ଯେ କମ୍ପାନୀ ଦେଶର ବିଭିନ୍ନ ଅଞ୍ଚଳରେ ୧୦ ହଜାର ୪ଜି ଟାୱାର ଲଗାଇଛି। ବିଏସ୍‌ଏନ୍‌ଏଲର ଏହି ଘୋଷଣା ପରେ ଏବେ ଏହି ସରକାରୀ ସଂସ୍ଥା ଖୁବ୍ ଶୀଘ୍ର ୪ଜି ସେବା ଆରମ୍ଭ କରିବାକୁ ଯାଉଛି ବୋଲି ସମ୍ଭାବନା ସୃଷ୍ଟି ହେଉଛି। ବିଏସ୍‌ଏନ୍‌ଏଲ ଗତ ଏପ୍ରିଲ ମାସ ସୁଦ୍ଧା ସାରା ଦେଶରେ ୩୫୦୦ରୁ ଅଧିକ ଟାୱାର ବସାଇଥିଲା ଓ ଜୁଲାଇ ସୁଦ୍ଧା ୧୦ ହଜାର ନିର୍ମାଣ କାର୍ଯ୍ୟ ଶେଷ କରାଯିବ। ବିଏସ୍‌ଏନ୍‌ଏଲର ସମସ୍ତ ମୂଳଭୂତ ସୁବିଧା ରହିଛି କିନ୍ତୁଏହାସତ୍ତ୍ୱେ କେବଳ ସରକାରୀ ନିଷ୍କ୍ରିୟତା ଓ ଅବହେଳା କାରଣରୁ ଘରୋଇ କମ୍ପାନୀ ମାନେ ଆଗେଇ ଯାଉଥିବା ବେଳେ ଏହି ସରକାରୀ ନିୟନ୍ତ୍ରଣାଧିନ ସଂସ୍ଥା ପଛରେ ପଡିଯାଇଛି। ଏପରିକି ଘରୋଇ ଟେଲିକମ୍ କମ୍ପାନୀମାନେ ଦେଶର ବିଭିନ୍ନ ସ୍ଥାନରେ ସ୍ଥାପିତ ବିଏସ୍‌ଏନ୍‌ଏଲ ଟାୱ୍ୟାରକୁ ବ୍ୟବହାର କରୁଥିଲେ। ଘରୋଇ କମ୍ପାନୀମାନେ ୫ଜି ସେବା ଯୋଗାଇ ଦେଉଥିବା ବେଳେ ବିଏସ୍‌ଏନ୍‌ଏଲ ୪ଜିରେ ରହିଯାଇଛି କାହିଁକି? ଉତ୍ତର ହେଉଛି ସରକାର ନିଶ୍ଚୟ ଘରୋଇ କମ୍ପାନୀ ମାନଙ୍କୁ ଅଧିକ ପ୍ରୋତ୍ସାହିତ କରୁଛନ୍ତି।

ସମସ୍ତଙ୍କର ମନେଥିବ ରିଲାଏନ୍ସ କମ୍ପାନୀ ପକ୍ଷରୁ ଯେତେବେଳେ ଜିଓ ଆରମ୍ଭ କରାଗଲା ସେଦିନ କମ୍ପାନୀ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଫଟୋକୁ ଦେଶର ଅନେକ ସମ୍ବାଦପତ୍ରରେ ବିଜ୍ଞାପନ ଆକାରରେ ପ୍ରକାଶ କରାଯାଇଥିଲା। ଏହାକୁ ନେଇ ଅନେକେ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଥିଲେ। ଯାହାବି ହେଉ ତିନି ଘରୋଇ କମ୍ପାନୀ ମାନେ ମନଇଚ୍ଛା ଟାରିଫ ଦର ବଢାଇବା କାରଣରୁ ଏବେ ମୋବାଇଲ ବ୍ୟବହାରକାରୀ ମାନେ ବିଏସ୍‌ଏନ୍‌ଏଲ ଆଡକୁ ମୁହାଁଇବା କାରଣରୁ ବିଏସ୍‌ଏନ୍‌ଏଲ କମ୍ପାନୀର ଅଚ୍ଛେଦିନ ଆସିବ ବୋଲି ଆଶା କରାଯାଉଛି। ଏଇ ତିନି ଘରୋଇ ଟେଲିକମ ସେବା ଯୋଗାଇଥିବା କମ୍ପାନୀ ମାନେ ଉପଭୋକ୍ତାଙ୍କୁ କେମିତି ଆଉ ନଠକିବେ ଓ ଏମାନଙ୍କ ଦ୍ୱାରା ହେବାକୁଥିବା ମୁଦ୍ରାସ୍ଫିତକୁ ରୋକିବା ଦିଗରେ ସରକାର ପଦକ୍ଷେପ ନେବା ଆବଶ୍ୟକ। ଫଳରେ ଏମାନେ ନିୟନ୍ତ୍ରିତ ହୋଇ ପାରିବେ। ଏହି ଘରୋଇ ଟେଲିକମ କମ୍ପାନୀ ମାନଙ୍କୁ ସରକାର ନିୟନ୍ତ୍ରିତ କରିବେ ନା ଲୋକଙ୍କ ପକେଟକୁ ଲୁଟ କରିବା ପାଇଁ ସୁଯୋଗ ଦେବେ ସେକଥା ସମୟ କହିବ।

+ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

## ଶ୍ରୀ ଜଗନ୍ନାଥ ସଂସ୍କୃତିରେ ବୈଜ୍ଞାନିକ ତତ୍ତ୍ୱ



### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ରଥଯାତ୍ରା ହେଉଛି ପରମବ୍ରହ୍ମଙ୍କର ପାବନୀଯାତ୍ରା। ଭାଗବତ ସଂହତି, ଧର୍ମଗତ ସହିଷ୍ଣୁତା ଓ ଜାତିଗତ ଐକ୍ୟ ପ୍ରତିଷ୍ଠା ହିଁ ଏହାର ପ୍ରଧାନ ଲକ୍ଷ୍ୟ। ରଥାରୂଢ଼ ଦାରୁଦେବତା ଜଗନ୍ନାଥ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆଙ୍କ ଅପରାଜେୟ ଆତ୍ମା। ପ୍ରତି ଓଡ଼ିଆ ପ୍ରାଣରେ ଶ୍ରୀଜଗନ୍ନାଥ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ। ଓଡ଼ିଆ ଜାତିର ଅତି ଅନ୍ତରଙ୍ଗ ଆତ୍ମୀୟ ଶ୍ରୀଜଗନ୍ନାଥ। ଅତଏବ ଏ ରଥଯାତ୍ରା ଏକ ସାଂସ୍କୃତିକ ଜାତୀୟ ଜିଜ୍ଞାସା। ପିଣ୍ଡ ମଧ୍ୟରେ ବ୍ରହ୍ମାଣ୍ଡର ସ୍ଥିତି, ଶରୀର ଭିତରେ ଆତ୍ମ ବ୍ରହ୍ମଲୀଳା, ଦୃଷ୍ଟି ଭିତରେ ଦୃଶ୍ୟାତୀତ ଭାବସତ୍ତା, ଚଳମାନତା ଭିତରେ ଅବିଚଳିତ ଚେତନାର ପରିପ୍ରକାଶ ତଥା ବିଶ୍ୱାସ ଓ ମୂଲ୍ୟବୋଧର ପ୍ରତୀକ ଏ ରଥଯାତ୍ରା। ରଥଯାତ୍ରା ହେଉଛି ଦିବ୍ୟଭାବର ପ୍ରୀତି ଓ ମଧୁରତମ ଲୀଳା। ତେଣୁ ଶ୍ରୀଜଗନ୍ନାଥଙ୍କ ନୀତି ଓ ଚେତନା ରହସ୍ୟମୟ-ଚଳଣି ମାନବୋଚିତ ଏବଂ ତାଙ୍କ ଯାତ୍ରା ଓ ପର୍ବପର୍ବାଣୀ ପୁଣ୍ୟ ଓ ଆଦର୍ଶମୟ।

ଓଡ଼ିଆର ପ୍ରାଣକେନ୍ଦ୍ର ପ୍ରଭୁ ଜଗନ୍ନାଥ। ମହାପ୍ରଭୁଙ୍କୁ ବାଦ୍‌ଦେଲେ ଓଡ଼ିଆ ଜାତିର ସ୍ଥିତି, ସଂସ୍କୃତି ସବୁ ଶୂନ୍ୟ ହୋଇଯିବ। ଶ୍ରୀକ୍ଷେତ୍ରଧାମ ଦେଶର ଚାରିଧାମ - ବଦ୍ରିନାଥ, ଦ୍ୱାରକାନାଥ ଏବଂ ରାମନାଥଙ୍କ ମଧ୍ୟରୁ ଅନ୍ୟତମ ତଥା ଗୁରୁତ୍ୱପୂର୍ଣ୍ଣ। ଯେତେ ତୀର୍ଥ ବୁଲି ଆସିଲେ ବି ଶେଷ ଜଗନ୍ନାଥ ଧାମରେ ହୋଇଥାଏ। ଭକ୍ତମାନେ ପ୍ରଭୁ ଜଗନ୍ନାଥଙ୍କ ପାଖକୁ ଆସିଥାନ୍ତି ସେମାନଙ୍କର ସମସ୍ତ ଦୁଃଖ ଯନ୍ତ୍ରଣା ଲାଘବ କରି ମାନସିକ ଶାନ୍ତି ପାଇବା ପାଇଁ। ଶ୍ରୀଜଗନ୍ନାଥ କେବଳ ସଂସ୍କୃତି କି ପରମ୍ପରାର ଧାରକ ନୁହନ୍ତି। ପ୍ରଭୁଙ୍କର ଦୈନନ୍ଦିନ ରୀତିନୀତି ସହିତ ଅନେକ ବୈଜ୍ଞାନିକ ତତ୍ତ୍ୱ ଜଡ଼ିତ। ଶ୍ରୀଜଗନ୍ନାଥ ସଂସ୍କୃତିର ସମସ୍ତ ନୀତିକାନ୍ତ ଏବଂ ବାର୍ଷିକ ପର୍ବୋତ୍ସବ ମଣିଷର ମାନସିକ ସ୍ଥିତିକୁ ବେଶ୍ ପ୍ରଭାବିତ କରିଥାଏ।

ପରମ୍ପରା ଅନୁଯାୟୀ ବିଶ୍ୱାସ କରାଯାଏ, ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ଯିବାବେଳେ କିମ୍ବା ଯେ କୌଣସି ଭଗବାନଙ୍କ ମନ୍ଦିର ଯିବାବେଳେ କିଛି ନଖାଇ ଖାଲି ପେଟରେ ଯିବା ଉଚିତ। ନଚେତ୍ ମଣିଷ ବହୁ ପାପ ଅର୍ଜନ କରେ। ତେବେ ଏହା ପରମ୍ପରା ଯୋଗୁଁ କୁହାଯାଉଥିଲେ ବି ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହାର ଅନେକ ସୁଫଳ ରହିଛି। ଦୈନନ୍ଦିନ ଯଦି ମହାଦେବଙ୍କୁ ଦର୍ଶନ କରି ଖାଲି ପେଟରେ ତାଙ୍କ ପ୍ରସାନ ବେଲପତ୍ର ଖିଆଯାଏ ତେବେ ତାହା ହୃଦ୍‌ରୋଗ ଏବଂ କୋଷ୍ଠକାଠିନ୍ୟରୁ ମୁକ୍ତି ଦେବ। ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ଖାଲି ପେଟରେ ତାଙ୍କର ପ୍ରସାଦ ତୁଳସୀ ସେବନକଲେ ଥଣ୍ଡା ଭଲ ହୋଇଯିବ, ଥାଇରଏଡ଼ ସମସ୍ୟା ଦୂର ହେବ ଏବଂ ଥଣ୍ଡା ଛିଙ୍କ ସୁଦ୍ଧା ବନ୍ଦ ହୋଇଯିବ। ଏହା ସହିତ ସମସ୍ତ ପେଟରୋଗ ବି ଭଲ ହୋଇଯାଏ। ପ୍ରଭୁ ଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ମା' ସୁଭଦ୍ରାଙ୍କୁ ବିଷ୍ଣୁ, ଶିବ ଏବଂ ବ୍ରହ୍ମା ଓ ଶକ୍ତି ଭାବରେ ଗଣନା କରାଯାଏ। ମା'ସୁଭଦ୍ରାଙ୍କୁ ମଧ କୁହାଯାଏ ଯୋଗମାୟା। ଭୋଗମଣ୍ଡପ ଏବଂ ନାଟମଣ୍ଡପର କଳା ଓ କାରୁକାର୍ଯ୍ୟ ଭକ୍ତର ମସ୍ତିଷ୍କରେ ମନସ୍ତାତ୍ତ୍ୱିକ ଏବଂ ଧାର୍ମିକ ଭାବନା ଆଣିଦେଇଥାଏ ଯାହାଦ୍ୱାରା ମଣିଷ ମୁଣ୍ଡରେ ଥିବା ମାନସିକ ଚିନ୍ତା ବାହାରିଯାଇ ଧାର୍ମିକ ସଚେତନତା ସୃଷ୍ଟି ହୁଏ।

ରଥଯାତ୍ରା ନିମନ୍ତେ ବଡ଼ଦାଣ୍ଡରେ ବିରାଜମାନ ରଥ ହିଁ ପରମ ପୁରୁଷ। ମଣିଷର ବିଭିନ୍ନ ଅଙ୍ଗଭଳି ରଥର ମଧ ବିଭିନ୍ନ ଅଙ୍ଗ ରହିଛି। ଚକ୍ରପୀଠ, ଅରଦଣ୍ଡା, ଗଗିରା, ମୂଳମାବ, ବରାଣ୍ଡି, ହଂସପଟା, ରଥଗର୍ଭ, ପାରାଭାଡ଼ି, ପାଟଳ, କଳସପୀଠ, ଦଧିନଉତି, କର୍ଣ୍ଣପଟଳ, ଧାତୁକଳସ ଓ ଆୟୁଧ ପୂଜା ଆଦି ତେରଗୋଟି ଅଂଶ ରଥର ଥାଏ। ମାନବଶରୀରର ଯେଭଳି କ୍ଷିତ୍, ଆପ୍, ତେଜ, ମରତ, ବ୍ୟୋମ ଆଦି ପଞ୍ଚମହାଭୂତରେ ଗଠିତ, ସେହିଭଳି କାଠ, ରଙ୍ଗ, କନା, ଜୁମରା ଓ ଧାତୁ (ଲୁହା, ତମ୍ବା, ପିତ୍ତଳ) ଆଦି ପଞ୍ଚମହାଭୂତରେ ମହାପ୍ରଭୁଙ୍କ ତିନିରଥ ନିର୍ମିତ। ମାନବ ଶରୀରର ଅଙ୍ଗପ୍ରତ୍ୟଙ୍ଗ ପରି ରଥର ମଧ ଅର୍ଦ୍ଧଭୂମି, ପୂଜାପୀଠ, ସିଂହାସନ, ଚକା, ହଂସପଟି, ଚକ୍ରଛଳ, କାଠିଖମ୍ଭ, ଗଗିରାପୀଠ, ବରାଣ୍ଡୀ, ବାଡ଼ଚକ, ନେତ (ବାନା) ଓ ଶୂନ୍ୟଚକ୍ର ସହ ଜ୍ଞାନେନ୍ଦ୍ରିୟ ମଧ ରହିଛି। ରଥର ଜ୍ଞାନେନ୍ଦ୍ରିୟ ହେଲେ ଘୋଡ଼ା, ରଜ୍ଜୁ, ସାରଥି, ରଥପାଳ ଓ ଦ୍ୱାରପାଳ ଆଦି।

ଶ୍ରୀଜଗନ୍ନାଥଙ୍କର ଆୟୁଧ ହେଉଛି ଶଙ୍ଖ ଏବଂ ଚକ୍ର। ଶଙ୍ଖ ଶବ୍ଦର ପ୍ରତୀକ ଏବଂ ଚକ୍ର ହେଉଛି ଚକର ପ୍ରତୀକ। ଉଭୟ ଶବ୍ଦ ଏବଂ ଚକ୍ର ହେଉଛନ୍ତି ଦୁଇଟି ଶିଳ୍ପଭିତ୍ତିକ ଚରିତ୍ର। ତେଣୁ ଶ୍ରୀଜଗନ୍ନାଥଙ୍କୁ ଶିଳ୍ପ ଦେବତା ବୋଲି କୁହାଯାଇପାରିବ। ଶ୍ରୀବଳଭଦ୍ର ହଳ ଏବଂ ମୂଷଳ ଧାରଣ କରିଛନ୍ତି ଯାହା କୃଷିର ପ୍ରତୀକ। ତେଣୁ ବଳଭଦ୍ରଙ୍କୁ କୁହାଯାଏ କୃଷି ଏବଂ ଶିଳ୍ପ ଦେବତା। ମା'ସୁଭଦ୍ରାଙ୍କୁ ବ୍ରହ୍ମା ବିବେଚନା କରାଯାଏ ଏବଂ ସେ ହେଉଛନ୍ତି ଜ୍ଞାନର ଦେବୀ। ଶ୍ରୀସୁଦର୍ଶନ ହେଉଛନ୍ତି ସ୍ୱଚ୍ଛ ଦୃଷ୍ଟିର ଦେବତା। ଭକ୍ତଗଣ ପ୍ରଭୁ ସୁଦର୍ଶନଙ୍କର ଦର୍ଶନ କରିବାପରେ ମୋକ୍ଷ ପ୍ରାପ୍ତି ହୁଏନ୍ତି। ପ୍ରଭୁଙ୍କର ଗାଧୁଆପାଣି ଅର୍ଥାତ୍ ପାଦୁକା ଓ ଅବକାଶ ଜଳକୁ ଯିଏ ପ୍ରତିଦିନ ସେବନ କରନ୍ତି ତାଙ୍କର କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି। ମନ୍ଦିର ଉପରେ ରହିଥିବା ନୀଳଚକ୍ର ପ୍ରସ୍ତୁତ ହୋଇଛନ୍ତି ଅଷ୍ଟଧାତୁରେ ଏବଂ ଭୂମିରୁ ଏଥିରେ ସଂଯୁକ୍ତ କରାଯାଇଛି ଗୋଟେ ବଡ଼ କପର ପ୍ଲେଟ। ବୈଜ୍ଞାନିକ ତତ୍ତ୍ୱ ଅନୁଯାୟୀ ଏହା ମନ୍ଦିରକୁ ବଜ୍ରଘାତରୁ ରକ୍ଷା କରିଥାଏ। ଆୟୁର୍ବେଦ ବିଜ୍ଞାନ ଅନୁଯାୟୀ, ଗରୁଡ଼ ସ୍ତମ୍ଭ ପ୍ରସ୍ତୁତ ହୋଇଛି ଏକ ବୃକ୍ଷର ଚେରରେ। ଏହାକୁ ରସାୟନିକ ଦ୍ରବଣରେ ଘୋଡ଼ାଇ ରଖାଯାଇଛି। ଯେତେବେଳେ ଭକ୍ତ ଗରୁଡ଼ ସ୍ତମ୍ଭରେ ଛାତି ଏବଂ ମୁଣ୍ଡ ଲଗାଇଦିଅନ୍ତି ସେତେବେଳେ ଖୁବ୍ ଆରାମ ଅନୁଭବ କରନ୍ତି ସେ। ତାର ଛାତି ରୋଗ ଏକଦମ୍ ଭଲ ହୋଇଯାଏ। ଗରୁଡ଼ ସ୍ତମ୍ଭର ଗାଧୁଆ ପାଣି ଭକ୍ତର ସମସ୍ତ ପ୍ରକାର ଜ୍ୱର ନିଶ୍ଚିତ ରୂପେ ଭଲ କରିଦିଏ। ଏହା ମଧ ବଦହଜମି ତଥା ଡିସ୍‌ପେପ୍‌ସିଆ ରୋଗର ନିରାକରଣ କରିଥାଏ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ଜଗନ୍ନାଥ ମନ୍ଦିରର ପୂଜାବିଧି ପରମ୍ପରା, ସଂସ୍କୃତି ଓ ପରିବେଶ ବିଜ୍ଞାନ ସମ୍ବନ୍ଧୀୟ ପୃଷ୍ଠଭୂମି ଆଧାରିତ।

+ସହପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭




### ମଣିମା ଶୁଣିମା ହେଉ
#### ଦିନେଶ ମେହେର

ଯେବେ
ମୋ ତେଲ ଲୁଣର ଅଭାବୀ ସଂସାର
ଜଞ୍ଜାଳରେ ଜର୍ଜରିତ ହୋଇଉଠେ
ସେତେବେଳେ ତମ କଥା
ମନେପଡ଼େ,
ଠିକ୍
ଶେଷ ସମୟରେ ବୁନ୍ଦାଏ
ଗଙ୍ଗାଜଳ ପରି !

ମୁଁ ଚାହେଁ,
ଜୀବନ ଟିକେ ଜିଇଁବାକୁ
ତୁମ ପାଦ ତଳେ ନିଜକୁ ସମର୍ପି
ଦେଇ,
ନିଜେ ନିଜର ସତ୍ତା ହଜେଇ
ଭୁଲି ଯିବାକୁ
ଦୁନିଆର ସବୁ ମୋହମାୟା,
ବାସ୍ ତମକୁ ମନେ ପକେଇ
ବିତେଇ ଦେବାକୁ
ବାକି ତକ ଅଭାଗା ଜୀବନ,

ଜାଣେ,
ତମେ ଏଇଠି ଅଛ
ମୋ ହୃଦୟରେ,
ପ୍ରତିଟି ସଜୀବ ପ୍ରାଣୀର ଅନ୍ତରରେ
ପୁଣି ଡେରା ଜମେଇଛ
ସେଇ ସିଂହଦ୍ୱାର ର ଭିତର ପାର୍ଶ୍ୱରେ,
ତମେ ସବୁ ଦେଖୁଛ, ଜାଣୁଛ
ନିଜ ଆଙ୍ଗୁଳି ନିର୍ଦ୍ଦେଶରେ ନଚଉଛ
ସମସ୍ତଙ୍କୁ,
ତଥାପି ଆଖି ଥାଇ ଅନ୍ଧ ଭଳି
ଅଭିନୟ କରି ଚାଲିଛ !

ଅଭିନୟ-
କହିଲ, କିଏ ଅବା ନ ଜାଣିଛି
ତମ ଛନ୍ଦ କପଟ ?
ଏଇଠି ଆଁ କଲା ବେଳେ ବର୍ଷୁ ଥିବା
ବୁନ୍ଦାଏ ଜଳର ଦିଗ ବଦଳେଇ
ଦେଉଥିବା
ଅଦୃଶ୍ୟ ସତ୍ତା ତମେ,
ତମକୁ ବୁଝିବା ଯେ ଭାରି କଷ୍ଟ
ଠିକ୍ ଜାଣିଛି,

ତମକୁ ବୁଝିବା ଟା
ପିଲା ବେଳେ ଗଣିତ ବହିରେ
ପଢିଥିବା
ଅଛିଣ୍ଡା ଭଗ୍ନାଂଶ ଭଳି,
ପୁଣି ବୀଜ ଗଣିତର ସମୀକରଣ ଠୁଁ
ବି
ଭାରି କଠିନ ତମ ସହ ବୁଝାମଣା,
ତଥାପି ଚାହେଁ
ତମ ଭିତରେ ଲୀନ ହେଇ
ସାରି ଦେବାକୁ ନିଜର
ଯେତେ ଆୟୁଷ !

+ପଳାସ, କଳାହାଣ୍ଡି

### ଭୈରବ ସବାର ଥିଲା
#### ଭାସ୍କର ରାଉତ



ଦେଖୁଥିଲି ଯାହା ମିଛ ଥିଲା ତାହା
ଯାହା ମୁଁ ଦେଖୁଛି ଏବେ
ଗତ ଦଶ ବର୍ଷ ଦେଖିନି ଏ ଦୁର୍ଶ
ମୋ ପାପ ନୟନେ କେବେ।
ଏକି ଯାଦୁ ବିଦ୍ୟା ସତେ,
କାଉଁରୀ କାମାକ୍ଷୀ ସେ ଗ୍ରାସି ଥିଲା କି
ସବଳ ନଥିଲା ଏତେ।
ଚାଲିବାକୁ ବଳ ନଥିଲା ଅଙ୍ଗର
ଆସରାକୁ ଲୋଡୁଥିଲା
ଅଙ୍ଗ ଅବୟବ ନଥିଲା ତା ଦମ୍ଭ
ହାତ କାଲେ ଥରୁଥିଲା।
ତୁଣ୍ଡ ଖନିମାରୁଥିଲା,
ଛାଡୁଛି ହାଉଳି ନବାଜେ ବାଟୁଳି
ଏ କାନ ଆଜି ଶୁଣିଲା।
ଅସୂର୍ଯ୍ୟାଂପଶ୍ୟା କି ସେ
ହୋଇ ଥିଲା କି
ଦେଖା ତା ମିଳୁ ନଥିଲା
ଦିସସ୍ର ଚବିଶି ଜୁନ୍ ପାଞ୍ଚେ ହସି
ହସି ଆସିଣ କହିଲା।
ଦୀର୍ଘ ସମୟ ରହିଲା,
ବାର ତାରିଖରେ ସେ ବୀର ଦର୍ପରେ
ସଭିଙ୍କୁ ଚକିତ କଲା ।
ଶରଧାରେ ତାକୁ ଭଇରବ ଟାକୁ
ତା ଅଙ୍ଗେ ଲଗାଇ ଥିଲା
ତାନ୍ତ୍ରିକ ଜନତା ହଜାଇଲା ଚେତା
ଆଉ ସବାର ନହେଲା।
ଅଙ୍ଗରୁ ସେ ଛାଡ଼ିଯାଇ,
କୋଠରୀ ପାର୍ଶ୍ୱରେ ଅଦୃର୍ଶ ଭାବରେ
ଏବେବି ବୁଲୁଛି ସେହି ।

+ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
ମୋ: ୯୭୭୬୪୮୬୬୨୮

### କହରେ କାଳିଆ
#### ଜଗମୋହନ ପ୍ରଧାନ



ଆଖି ଅଛି ହେଲେ ଦେଖି ପାରୁନାହିଁ
ତୋର ସେଇ ଘୋଷଯାତ,
ହାତ ଅଛି ହେଲେ ଟାଣି ପାରୁନାହିଁ
ତୋର ସେଇ ନନ୍ଦିଘୋଷ।
ପାଦ ଅଛି ହେଲେ ଯାଇ ପାରୁନାହିଁ
ତୋର ସେଇ ବଡ଼ଦାଣ୍ଡ,
କହରେ କାଳିଆ ପାପୀ ଜୀବନରୁ
କେମିତି ମୁଁ ହେବି ମୁକ୍ତ।

ପାଟି ଅଛି ହେଲେ ଜପି ନାହିଁ କେବେ
ତୋର ସେଇ ପୁଣ୍ୟ ନାମ,
ଜିଭ ଅଛି ହେଲେ ଚାଖି ନାହିଁ କେବେ
ତୋର ସେ ଅଭଡ଼ା ଅନ୍ନ।
କହରେ କାଳିଆ ପାପୀ ଜୀବନରୁ
କେମିତି ମୁଁ ହେବି ମୁକ୍ତ।

ପାପ ଭାର ମୋର ବଢ଼ି ଯେ ଗଲାଣି
ପୁଣ୍ୟ ଭାର ମୋର ଶୂନ୍ୟ,
କୁ କର୍ମ ଯେତେ ମୁଁ କରି ଚାଲିଗଲି
ସୁ କର୍ମରେ ନାହିଁ ମନ।
କହରେ କାଳିଆ ପାପୀ ଜୀବନରୁ
କେମିତି ମୁଁ ହେବି ମୁକ୍ତ।

ଲୋଡ଼ା ନାହିଁ ଆଉ ଏ ସଂସାର ସୁଖ
ନା ଏ ଧନ ଦଉଲତ,
ମାଗୁ ନାହିଁ ତୋତେ ସ୍ୱର୍ଗ ଦ୍ୱାର
ତୋର ନା ମାଗେ ତୋ ବଇକୁଣ୍ଠ।
କହରେ କାଳି ପାପୀ ଜୀବନରୁ
କେମିତି ମୁଁ ହେବି ମୁକ୍ତ ।

+ଶକୁନ୍ତଳାପୁର, ବଡ଼ଚଣା,
ଯାଜପୁର
ମୋ:୯୦୯୦୯୪୬୯୦୬

# ଫିଲ୍ମର ସୁଟିଂ ସମୟରେ ଦୁର୍ଘଟଣାର ଶିକାର ହେଲେ ଉର୍ବଶୀ ରାଉତେଲା



ଅଭିନେତ୍ରୀ ଉର୍ବଶୀ ରାଉତେଲାଙ୍କୁ ନେଇ ଏକ ବଡ ଖବର ସାମ୍ନାକୁ ଆସୁଛି। କୁହାଯାଉଛି ଯେ, ଏକ ଚଳଚ୍ଚିତ୍ରର ସୁଟିଂ ସମୟରେ ଉର୍ବଶୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ହାତରେ ଗଭୀର ଆଘାତ ଲାଗିଛି। ଫିଲ୍ମର ଏକ ଆକ୍ସନ ଦୃଶ୍ୟର ସୁଟିଂ ବେଳେ ଏହି ଦୁର୍ଘଟଣା ଘଟିଥିବା ବେଳେ ପରେ ତାଙ୍କୁ ହାଇଦ୍ରାବାଦର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ଅଭିନେତ୍ରୀଙ୍କ ଚିକିତ୍ସା ଚାଲିଥିବା ସାମ୍ନାକୁ ଆସିଛି। ଫ୍ରି ପ୍ରେସ ଜର୍ଣ୍ଣାଲର ରିପୋର୍ଟ ଅନୁଯାୟୀ, ଉର୍ବଶୀ ହାଇଦ୍ରାବାଦରେ ନନ୍ଦମୁରୀ ବାଲାକ୍ରିଷ୍ଣାଙ୍କ ଆଗାମୀ ତେଲୁଗୁ ଚଳଚ୍ଚିତ୍ର ଏନବିକେ ୧୦୯ରେ କାମ କରୁଛନ୍ତି। ଏହି ଚଳଚ୍ଚିତ୍ରର ଆକ୍ସନ୍ ଦୃଶ୍ୟର ସୁଟିଂ ବେଳେ ସେ ଆହତ ହୋଇଥିଲେ। ଉର୍ବଶୀଙ୍କ ଟିମ୍ ମଧ୍ୟ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଖବରକୁ ନିଶ୍ଚିତ କରିଛନ୍ତି ଏବଂ ଜଣାଇଛନ୍ତି ଯେ ଉର୍ବଶୀଙ୍କର ଏକ ବଡ଼ ଫ୍ରାକଚର ହୋଇଛି। ଏବେ ଅଭିନେତ୍ରୀ ବହୁତ ଯନ୍ତ୍ରଣାରେ ଅଛନ୍ତି। ତେଣୁ ତାଙ୍କୁ ସର୍ବୋତ୍ତମ ଚିକିତ୍ସା ଦିଆଯାଉଛି। ସୂଚନା ମୁତାବକ, ଏନବିକେ ୧୦୯ରେ ଉର୍ବଶୀ ରାଉତେଲା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଏହି ଚଳଚ୍ଚିତ୍ରର ତୃତୀୟ ପର୍ଯ୍ୟାୟ ସୁଟିଂ ପାଇଁ ସେ ହାଇଦ୍ରାବାଦରେ ପହଞ୍ଚିଥିଲେ। ଏହି ସମୟରେ ଅଭିନେତ୍ରୀ ଆହତ ହୋଇଥିଲେ ବୋଲି ଜଣାପଡ଼ିଛି। ଏବେ ଉର୍ବଶୀଙ୍କ ସ୍ୱାସ୍ଥ୍ୟ ଅପଡେଟକୁ ଅପେକ୍ଷା କରାଯାଇଛି। ଉର୍ବଶୀ ଏପର୍ଯ୍ୟନ୍ତ ଡାକ୍ତରଖାନାରୁ କୌଣସି ଫଟୋ କିମ୍ବା ଭିଡିଓ ଅପଲୋଡ୍ କରିନାହାଁନ୍ତି। ଏହି ଖବର ଆସିବା ପ ?ରେ ବର୍ତ୍ତମାନ ପ୍ରଶଂସକମାନେ ଅଭିନେତ୍ରୀଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛନ୍ତି।

# ନୂଆ ସିନେମା: ଅଧିନାୟକ ଓ ରଙ୍ଗ-ଶୁର







ପ୍ରକାଶ ଫିଲ୍ମସ ଓ ମୁନ୍ ଟିଭି ମୁଭିଜ୍‌ର ମିଳିତ ପ୍ରଯୋଜନାରେ ଆସୁଛି ଦୁଇଟି ବିଗ୍ ବଜେଟ୍‌ର ଓଡ଼ିଆ ଫିଲ୍ମ। ପ୍ରକାଶ ଫିଲ୍ମସର ପ୍ରଶାନ୍ତ ବେହେରା ଓ ସୁନୀଲ କୁମାର ଯାଦବ ତଥା ମୁନ୍ ଟିଭି ମୁଭିଜ୍‌ର ସଚ୍ଚିକାନ୍ତ ଜେନା ଏହା ଜରିଆରେ ଗୋଟିଏ ବଡ଼ ଲକ୍ଷ୍ୟ ନେଇ ଆଗକୁ ଇତିହାସ ସୃଷ୍ଟି କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଆଜି ରାଜଧାନୀର ଏକ ତାରକା ହୋଟେଲରେ ଏହି ଦୁଇଟି ଫିଲ୍ମର ଶୀର୍ଷକ ଘୋଷଣା କରା ଯାଇଛି। ଗୋଟିଏ ଫିଲ୍ମର ନାଁ ରଖା ଯାଇଛି 'ଅଧିନାୟକ' (କ୍ୟାପଟେନ), ଅନ୍ୟଟି ହେଉଛି 'ରଙ୍ଗ-ଶୁର'। 'ଅଧିନାୟକ' ଓଲିଉଡ୍‌ର ପ୍ରଥମ କ୍ରିକେଟ କୈନ୍ଦ୍ରୀକ ଫିଲ୍ମ ହେବାକୁ ଯାଉଛି। 'ଅଧିନାୟକ'ର ସଂଳାପ ଭରଦ୍ୱାଜ ପଣ୍ଡା ଲେଖୁଥିବା ବେଳେ ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି ଧ୍ରୁବାନନ୍ଦ ପଣ୍ଡା। ଚିତ୍ରତୋଳନରେ ଲିଟୁ ଓ ଜିତୁ ଥିବାବେଳେ ସମ୍ପାଦନା ସୁକୁମାର ମଣି, କୋରିଓଗ୍ରାଫି ଦାୟିତ୍ୱ ଗିରିଶ ମହାନ୍ତି ନେଇଛନ୍ତି। ଫିଲ୍ମରେ ବିଭିନ୍ନ ଭୂମିକାରେ ଅମ୍ଳାନ ଦାସ, ବିଏମ୍ ବୈଶାଳୀ, ସୁକାନ୍ତ ରଥ, ଚୌଧୁରୀ ଜୟପ୍ରକାଶ ଦାସ ଓ କୁନା ତ୍ରିପାଠୀ ଅଭିନୟ କରୁଛନ୍ତି। ଦ୍ୱିତୀୟ ସିନେମା 'ରଙ୍ଗ -ଶୁର' କାହାଣୀର କେନ୍ଦ୍ରରେ ଅଛି ଓଡ଼ିଶାର ପ୍ରାଚୀନ ଲୋକନୃତ୍ୟ ବାଘନାଚ। ଏହା ଏବେ ପ୍ରାୟ ବିଲୁପ୍ତ। ବିଲୁପ୍ତ ବାଘନାଚ ଉପରେ ଆଧାରିତ କାହାଣୀ ବାପା ଓ ଝିଅଙ୍କ ଜରିଆରେ ଚିତ୍ରଣ ହେବ। ବାଘନାଚ କଳାକୁ ପୁନଃଉଦ୍ଧାର କରିବାଲାଗି ସେମାନଙ୍କର ପ୍ରୟାସର ଚିତ୍ର ରହିବ ଫିଲ୍ମରେ। 'ରଙ୍ଗ- ଶୁର'ରେ ମୁଖ୍ୟ ଭୂମିକାରେ ଅଛନ୍ତି ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସମରେଶ ରାଉତରାୟ, ଜ୍ୟୋତି, ଶୁଭାଶିଷ, ଦୀପନ୍ୱିତ, ସୂର୍ଯ୍ୟମୟୀ ଓ ଶୁଭଶ୍ରୀ ପ୍ରମୁଖ। ପ୍ରତାପ ରାଉତ ଏହାର କାହାଣୀ, ଚିତ୍ରୋତ୍ତଳନ ସହିତ ନିର୍ଦ୍ଦେଶନା ଦାୟିତ୍ୱ ନେଇଛନ୍ତି। ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ସମ୍ପାଦନାରେ ଅଛନ୍ତି ସନ୍ଦୀପ ସେଠୀ। ଫିଲ୍ମ ଦୁଇଟିର ପ୍ରଚାର ଓ ପ୍ରସାର ଭାର ନେଇଛନ୍ତି ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ।

# କ୍ୟାମେରା ମ୍ୟାନଙ୍କ କଥା ଶୁଣି ସୋନାକ୍ଷୀ ଦେଲେ ଏଭଳି ପ୍ରତିକ୍ରିୟା



ବଲିଉଡ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଓ ତାଙ୍କ ପ୍ରେମିକ ଜହିର ଇକ୍ବାଲଙ୍କ ସହିତ ବିବାହ ବନ୍ଧନରେ ବାନ୍ଧି ହୋଇ ସାରିଛନ୍ତି । ଏବେ ସେ ତାଙ୍କ ଜୀବନରେ ଏକ ନୂଆ ପଥରେ ବାଟ ଚାଲୁଛନ୍ତି । ବିବାହ ପରେ ସ୍ୱାମୀ ଜହିରଙ୍କ ସହିତ ସେ ବେଶ ଖୁସି ଅଛନ୍ତି।

ବିବାହ ପରେ ସୋନାକ୍ଷୀ ନିଜର ବ୍ୟକ୍ତିଗତ ଓ ବୃତ୍ତିଗତ ଉଭୟ ଦିଗରେ ବେଶ ଧ୍ୟାନ ଦେଉଛନ୍ତି। ବିବାହର କିଛିଦିନ ପରେ ସୋନାକ୍ଷୀ ନିଜ କର୍ମକ୍ଷେତ୍ରକୁ ଫେରି ଆସିଛନ୍ତି।

ଜୁଲାଇ ୧୦ ତାରିଖରେ ସୋନାକ୍ଷୀଙ୍କୁ ମୁମ୍ବାଇରେ ଦେଖିବାକୁ ମିଳିଥିଲା। ସେ ତାଙ୍କ ଅପକମିଂ ସିନେମା କାକୁଡ଼ାର ପ୍ରମୋସନ ପାଇଁ ବାହାରିଥିଲେ। ଏହି ସମୟରେ ସୋନାକ୍ଷୀ ଗଣମାଧ୍ୟମଙ୍କ ସହିତ ଖୁବ ମଜାମସ୍ତି କରୁଥିବା ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି।

ଅଭିନେତ୍ରୀ ସାମ୍ନାରେ ଥିବା ବେଳେ ଜଣେ କ୍ୟାମେରାମ୍ୟାନ ସଦସ୍ୟ ସାଥୀ ସଦସ୍ୟଙ୍କ ମଜାକ ଉଡ଼ାଇ ସୋନାକ୍ଷୀଙ୍କୁ କହିଥିଲେ, ମ୍ୟାଡମ ଇଏ ଆପଣଙ୍କ ସହିତ ଫଟୋ ଉଠାଇବାକୁ ଲାକ କରୁଛି। ତାର ବିବାହ ହେଉ ନାହିଁ। ଆପଣଙ୍କ ସହିତ ଫଟୋ ଉଠାଇଲେ ତାର ବିବାହ ହୋଇଯିବ।'

ଏକଥା ଶୁଣି ସୋନାକ୍ଷୀ ପ୍ରତିକ୍ରିୟା ଦେଇ କହିଥିଲେ, 'ମୋ ସହିତ ଫଟୋ ଉଠାଇଲେ ତାର ବିବାହ ହୋଇଯିବ। ଏହା କିଭଳି କଥା ହେଲା ? ତୁମେ ବହୁତ ସମୟ ନଷ୍ଟ କରୁଛ।'

# ଏଭଳି ସ୍ଥାନରେ ସମୟ ବିତାଇବାକୁ ପସନ୍ଦ କରନ୍ତି ଅନ୍ତସତ୍ତ୍ୱା ଦୀପିକା





ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ ଖୁବଶୀଘ୍ର ମା' ହେବାକୁ ଯାଉଛନ୍ତି। ଏବେ ସେ ଅନ୍ତସତ୍ତ୍ୱାର ଯାତ୍ରାରେ ଅଛନ୍ତି। ଦୀପିକା ଇନଷ୍ଟାଗ୍ରାମରେ କିଛିଦିନ ତଳେ ଆକାଶ ଏବଂ ଫୁଲର କିଛି ଚିତ୍ର ସେୟାର କରିଛନ୍ତି। ଏହି ଫଟୋ ସେୟାର ଅଭିନେତ୍ରୀ ଲେଖିଛନ୍ତି, ଏହା ହେଉଛି ସେଲଫ କେୟାର ମାସ। କିନ୍ତୁ ଆପଣ ଏହି ସେଲଫ କେୟାର ମାସ କାହିଁକି ପାଳନ କରିବେ ଯେତେବେଳେ ଆପଣ ପ୍ରତିଦିନ ନିଜର ଯତ୍ନର ସରଳ କାର୍ଯ୍ୟ କରିପାରିବେ । ମୁଁ ଜାଣେ ମୋର ପୋଷ୍ଟକୁ ଦେଖିବା ପରେ ଅନେକ କହିବେ ଦେଖ ପୁଣି ଆରମ୍ଭ ହୋଇଗଲା। କିନ୍ତୁ ସତ୍ୟ ହେଉଛି ମୋତେ ବାହାରେ ତଥା ପ୍ରକୃତିରେ ସମୟ ଅତିବାହିତ କରିବା ପାଇଁ ପ୍ରକୃତରେ ଆରାମ ଲାଗିଥାଏ। ତଥାପି ଆମମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ପାଇଁ ଏହି ସ୍ଥାନଗୁଡିକ ସବୁଠାରୁ ସୁବିଧାଜନକ ହୋଇ ନପାରେ। କିନ୍ତୁ ଯେତେବେଳେ ବି ମୁଁ ପ୍ରକୃତି ସହିତ ସମୟ ବିତାଇବା ପାଇଁ ସୁଯୋଗ ପାଏ ତାହାର ସମ୍ପୂର୍ଣ୍ଣ ଫାଇଦା ନେବାକୁ ଚେଷ୍ଟା କରିଥାଏ। ଏହା ଏମିତି ଏକ ସ୍ଥାନ ଯେଉଁଠି ମୋର ମନକୁ ଏକ ଅଦ୍ଭୁତ ଶାନ୍ତି ମିଳିଥାଏ ପରି ଲାଗେ। ମୁଁ ମନଖୋଲି ସେଠାରେ ବୁଲିବାକୁ ଚାହେଁ।'

# ଜାପାନରେ ରେକର୍ଡ କଲା ପ୍ରଭାସଙ୍କ 'ସାଲାର'

ଜାପାନରେ ଏବେ ସାଉଥ ସୁପରଷ୍ଟାର ପ୍ରଭାସଙ୍କ ଚଳଚ୍ଚିତ୍ର 'ସାଲାର: ପାର୍ଟ-୧' ରିଲିଜ ହୋଇଛି ଓ ସେଠାକାର ଦର୍ଶକଙ୍କ ହୃଦୟ ଜିତୁଛି । ଏହି ଚଳଚ୍ଚିତ୍ର ୨୦୨୩ ମସିହାରେ ଭାରତରେ ମୁକ୍ତିଲାଭ କରିଥିଲା। ଏହା ଜାପାନରେ ୫ ଜୁଲାଇ ୨୦୨୪ରେ ମୁକ୍ତିଲାଭ କରିଥିଲା। ଭାରତରେ ମୁକ୍ତିଲାଭ କରିବାର ପ୍ରାୟ ୭ ମାସ ପରେ ଜାପାନରେ 'ସାଲାର' ମୁକ୍ତିଲାଭ କରିଥିଲା। ପ୍ରଭାସଙ୍କ ଏହି ଚଳଚ୍ଚିତ୍ର ବର୍ତ୍ତମାନ ଜାପାନରେ ଦ୍ୱିତୀୟ ସର୍ବାଧିକ ଓପନିଂ ଭାରତୀୟ ଚଳଚ୍ଚିତ୍ରରେ ପରିଣତ ହୋଇଛି । ଏହି ଚଳଚ୍ଚିତ୍ରଟି ପ୍ରଥମ ସପ୍ତାହ ଶେଷରେ ୧୮.୨୨ ନିୟୁତ ଜାପାନୀ ୟେନ୍ ସଂଗ୍ରହ କରିଛି, ଯାହା ଏକ ରେକର୍ଡ ହୋଇପାରିଛି । ଜାପାନର ବକ୍ସ ଅଫିସରେ 'ସାଲାର' ଯଦିଓ ସର୍ବାଧିକ ଆୟ କରିଥିବା ଚଳଚ୍ଚିତ୍ର ହୋଇପାରିନି, ତଥାପି ରାମ ଚରଣ ଏବଂ ଜୁନିୟର ଏନଟିଆରଙ୍କ ଆରଆରଆର ଏବେ ବି ଏକ ନମ୍ବର ସ୍ଥାନରେ ରହିଛି । ଆରଆରଆର ୪୪.୩୫ ନିୟୁତ ଜାପାନୀ ୟେନ ରୋଜଗାର ସହିତ ଏକ ନମ୍ବରରେ ରହିଛି । ଅନ୍ୟପଟେ ଦ୍ୱିତୀୟ ସ୍ଥାନରେ ପ୍ରଭାସଙ୍କ ଫିଲ୍ମ 'ସାହୋ' ରହିଛି । 'ସାହୋ'ର ପ୍ରଥମ ୱିକେଣ୍ଡ କଲେକ୍ସନ ଥିଲା ୨୩ ନିୟୁତ ଜାପାନୀ ୟେନ । ଶାହାରୁଖ ଖାନଙ୍କ 'ପଠାନ' ୧୪.୬୯ ନିୟୁତ ଜାପାନୀ ୟେନ ସଂଗ୍ରହ ସହିତ ଚତୁର୍ଥ ସ୍ଥାନରେ ଅଛି । ଯେତେବେଳେ କି ଆମୀର ଖାନଙ୍କ ୨୦୧୬ ବ୍ଲକବଷ୍ଟର ଚଳଚ୍ଚିତ୍ର 'ଦଙ୍ଗଲ' ୧୨.୪୦ ମିଲିୟନ ଜାପାନୀ ୟେନର ସଂଗ୍ରହ ସହିତ ପଞ୍ଚମ ସ୍ଥାନରେ ଅଛି ।

# କଞ୍ଚାଲଙ୍କାରେ 'ଗ୍ୟାଙ୍ଗସ୍ ଅଫ୍ ପୁରୀ: ସିଜନ୍-୨'




ଓଡ଼ିଆ ମନୋରଞ୍ଜନଭିତ୍ତିକ ଓଟିଟି ପ୍ଲାଟଫର୍ମ 'କଞ୍ଚାଲଙ୍କା' ନିଜର ବହୁ ପ୍ରଶଂସିତ ଓ ପ୍ରତୀକ୍ଷିତ ୱେବ ସିରିଜ୍ 'ଗ୍ୟାଙ୍ଗସ୍ ଅଫ୍ ପୁରୀ'ର ଦ୍ୱିତୀୟ ଭାଗ ବା ସିଜନ୍ – ୨ ଘୋଷଣା କରିଛି। ଏହି ୱେବ୍ ସିରିଜ୍‌ର ପ୍ରଥମ ଭାଗ ଯେଉଁପରି ସଫଳତା ଓ ଲୋକପ୍ରିୟତା ପାଇଥିଲା, ଦ୍ୱିତୀୟ ଭାଗ ତା'ଠାରୁ ଅଧିକ ପାଇବ ବୋଲି କଞ୍ଚାଲଙ୍କା ଆଶାବାଦୀ ରହିଛି। ଅଭିନୟ ଓ କାହାଣୀ ପରଷିବାର ଶୈଳୀରେ ଏହା ଅଧିକ ରୋମାଞ୍ଚକର ହେବବୋଲି କୁହା ଯାଉଛି। 'ଗ୍ୟାଙ୍ଗସ୍ ଅଫ୍ ପୁରୀ'ର ନିର୍ମାତା ତଥା ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ କହନ୍ତି, ''କୋଭିଡ ସମୟରେ ସାରା ସିନେମା ଜଗତ ସ୍ତବ୍ଧ ଥିଲାବେଳେ ଆମେ ବ୍ୟସ୍ତ ବହୁଳ ୱେବ ସିରିଜ 'ଗ୍ୟାଙ୍ଗସ୍ ଅଫ୍ ପୁରୀ'କୁ ପ୍ରସ୍ତୁତ କରିଥିଲୁ। ଖାଲି ଓଡ଼ିଶା ନୁହେଁ, ସାରା ଦେଶ ଓ ଦେଶ ବାହାରେ ରହୁଥିବା ଦର୍ଶକମାନେ ଏହାକୁ ଦେଖି ବହୁତ ଭଲ ପାଇବା ଓ ପ୍ରଶଂସା କରିଥିଲେ। ଦର୍ଶକମାନଙ୍କର ଭଲପାଇବା ଓ ଅନୁରୋଧକ୍ରମେ ଆମେ ଏହାର ସିଜନ୍- ୨, ଅର୍ଥାତ୍ 'ଗ୍ୟାଙ୍ଗସ୍ ଅଫ୍ ପୁରୀ ୨' ପ୍ରସ୍ତୁତ କରିବା ପାଇଁ ପୁଣି ଏକାଠି ହୋଇଛୁ। ଆମର ଆଶା ଓ ଭରସା, ପୂର୍ବପରି ଆମର ଏହି ୱେବ ସିରିଜ୍‌କୁ ମଧ୍ୟ ଅଧିକରୁ ଅଧିକ ଭଲ ପାଇବା ଓ ପ୍ରଶଂସା ମିଳିବ।'' 'କଞ୍ଚାଲଙ୍କା'ର ସହପ୍ରତିଷ୍ଠାତା ତଥା ଅଧକ୍ଷ ଅକ୍ଷୟ କୁମାର ପରିଜା ଏହି ଅବସରରେ କହିଛନ୍ତି, ''କଞ୍ଚାଲଙ୍କା ସବୁବେଳେ ଉଚ୍ଚମାନର ମନୋରଞ୍ଜନ ଯୋଗାଇବା ପାଇଁ ପ୍ରତିଶ୍ରୁତିବଦ୍ଧ। 'ଗ୍ୟାଙ୍ଗସ୍ ଅଫ୍ ପୁରୀ' ଓଡିଆ ୱେବ୍ ସିରିଜ୍ ଆମ ସିନେମା ଜଗତ ପାଇଁ ଏକ ନୂତନ ମୋଡ ସୃଷ୍ଟି କରିଛି। ଆମର ଆଶା ଓ ଦର୍ଶକଙ୍କ ଉପରେ ଭରସା ଅଛି ସେ ପୂର୍ବପରି 'ଗ୍ୟାଙ୍ଗସ୍ ଅଫ୍ ପୁରୀ ୨' କୁ ବି ସେତିକି ସଫଳତା ଓ ଦର୍ଶକୀୟ ସମର୍ଥନ ମିଳିବ।''

# ସାଇବର ଠକଙ୍କ କବଳରୁ ବର୍ତ୍ତିବା ଲାଗି ୧୯୩୦ ନମ୍ବରରେ କଲ୍ କରିବାକୁ ପରାମର୍ଶ

ଭୁବନେଶ୍ୱର, ୧୦/୦୭ (ନି.ପ୍ର): ଅନଲାଇନରେ ସାଇବର ଠକ ମାତିଛନ୍ତି । ୬ ମାସରେ ୩୬ କୋଟି ଟଙ୍କା ଲୁଟି ନେଲେଣି । ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ଏହି ପରିମାଣ ଲୁଟ ହୋଇଥିବା ପୁଲିସ୍ କହିଛି । ଖବର ଅନୁଯାୟୀ, ସାଇବର ଠକଙ୍କ ପ୍ରାର୍ଦୁଭାବ ଦିନକୁ ଦିନ ବଢିବାରେ ଲାଗିଛି । ଏନେଇ ମୋଟ ୨୩୯୪ଟି ମାମଲା ସାଇବର ଥାନାରେ ରିପୋର୍ଟ ହୋଇଛି । ପୁଲିସ୍ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ ସାଇବର ଠକଙ୍କର ୯କୋଟି ୫୦ଲକ୍ଷ ଟଙ୍କା ଫ୍ରିଜ କରାଯାଇଛି । ଅଭିଯୋଗକାରୀଙ୍କୁ ୪୬ ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ଏହି ଘଟଣାରେ ମୋଟ ୨୩ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ମଧ୍ୟରୁ ୨ଜଣ ଆନ୍ତଃରାଜ୍ୟ ଠକ ରହିଛନ୍ତି ।

ଦୁଇଟି ଉପାୟରେ ଠକେଇ ଅଭିଯୋଗ ବଢିଥିବା ବେଳେ ଡିଜିଡିଟାଲ ଆରେଷ୍ଟର ଅଧିକ ମାମଲା ରୁଜୁ ହୋଇଛି । ଇନଭେଷ୍ଟମେଣ୍ଟ ଫ୍ରଡ୍ ନାମରେ ମଧ୍ୟ ଅନେକ ଲୋକଙ୍କୁ ସାଇବର ଠକ ଠକୁଛନ୍ତି । ଏଭଳି ଠକଙ୍କ କବଳରୁ ବର୍ତ୍ତିବା ଲାଗି ୧୯୩୦ ନମ୍ବରରେ କଲ୍ କରିବାକୁ ଜନସାଧାରଣଙ୍କୁ ପୁଲିସ୍ କମିସନରେଟ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ଆନ୍ତଃଜିଲ୍ଲା ଡକାୟତ ଗ୍ୟାଙ୍ଗ୍‌ର ୫ ଗିରଫ

କେନ୍ଦ୍ରାପଡ଼ା, ୧୧/୦୭ (ନି.ପ୍ର): କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ ଚକ୍ରୋଡା ପ ାୟତ କାର୍ଯ୍ୟାଳୟରୁ ଏକମାସ ପୂର୍ବରୁ ଦୁର୍ବୃର୍ତମାନଙ୍କ ଦ୍ୱାରା ବହୁ ମୂଲ୍ୟବାନ ସାମଗ୍ରୀ ତାଲା ଭାଙ୍ଗି ଚୋରି ହୋଇଥିଲା । ଚକ୍ରୋଡା ସରପ ତନୁଜା ନାୟକ ସଦର ଥାନାରେ ଏତଲା ଦେଇଥିଲେ । ଏହି ଏତଲାକୁ ଭିତିକରି ସଦର ଥାନା ପୋଲିସ ବହୁ ସାମଗ୍ରୀ ଜବତ କରି ୫ଜଣଙ୍କୁ ଥାନାରେ ଅଟକ ରଖିଛି । ଡକାୟତମାନେ ହେଲେ ସଦରଥାନା ଅନ୍ତର୍ଗତ ନରିଲୋ ଗ୍ରାମର ନୃସିଂହ ମଳିକଙ୍କ ପୁଅ ଧନି ମଳିକ(୨୫) ଓ ଗିରିଗୋଲା ଶାସନର ବାବୁଲି ମଳିକଙ୍କ ପୁଅ ରାକେଶ କୁମାର ମଳିକ, ନେମାଳ ଥାନା ଅନ୍ତର୍ଗତ ତରତ ଗ୍ରାମର ନିରଞ୍ଜନ ରାଉତଙ୍କ ପୁଅ ସଂଗ୍ରାମ ରାଉତ(୨୪) ଓ କେରିଲୋ ଗ୍ରାମର ବିରେନ୍ଦ୍ର ସିଂଙ୍କ ପୁଅ ଅଜୟ ସିଂ(୨୦), କୁଦାନଗରୀ ଫାଣ୍ଡି ଅନ୍ତର୍ଗତ କ୍ଷୀରୋଦ ମଳିକଙ୍କ ପୁଅ ଜୟନ୍ତ ମଳିକ(୨୨)ଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି । ସେମାନଙ୍କ ନିକଟରୁ ଗୋଟିଏ ୩୦ଇ ର ଏଲଇଡି ଟିଭି, ଗୋଟିଏ ଏସି ଷ୍ଟାବିଲାଇଜର, ଦୁଇଟି ଇନ୍‌ଭର୍ଟର ବ୍ୟାଟେରୀ, ଗୋଟିଏ ଇନ୍‌ଭର୍ଟର, ଗୋଟିଏ ପ୍ରି ର ସଦରଥାନା ପୋଲିସ ଜବତ କରିଛି । ଏଥିସହିତ ବିଭିନ୍ନ ଜିଲ୍ଲାରୁ ବହୁ ଅ ଳରୁ ଚୋରି କରିଥିବା ସଦରଥାନା ପକ୍ଷରୁ ସୂଚନା ଦିଆଯାଇଛି । ସେମାନେ ବିଭିନ୍ନ ଜାଗାରୁ ଚୋରି କରି ଚୋରି ସାମଗ୍ରୀଗୁଡିକ ବିଭିନ୍ନ ଜାଗାରେ ବିକ୍ରି କରିଥିବା ଏହି ଡକାୟତମାନେ ସଦରଥାନା ପୋଲିସ ପାଖରେ ମାନିଛନ୍ତି ।

# କାୟା ମେଲାଇଲାଣି ଡେଙ୍ଗୁ: ସୁନ୍ଦରଗଡ଼ରେ ୬୪ ରୋଗୀ ଚିହ୍ନଟ,ରାଉରକେଲାରେ ୫୭ ରୋଗୀ



ରାଉରକେଲା, ୧୧/୦୭ (ନି.ପ୍ର): ସୁନ୍ଦରଗଡ଼ରେ ଏବେ ଡେଙ୍ଗୁ ଆତଙ୍କ । ଦିନକୁ ଦିନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଛି । ଆଜି ସୁଦ୍ଧା ସୁନ୍ଦରଗଡ଼ରେ ମୋଟ ୬୪ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ଏଥି ମଧ୍ୟରୁ କେବଳ ରାଉରକେଲା ସହରରେ ୫୭ ରୋଗୀ ଚିହ୍ନଟ ହୋଇଛନ୍ତି । ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ୭ରୁ ଅଧିକ ରୋଗୀ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

ବୀରମିତ୍ରପୁରରେ ୨ ଓ ଜିଲ୍ଲାର ଅନ୍ୟ ସ୍ଥାନରୁ ୫ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭକ୍ତମୋହନ ସ୍ୱାଇଁ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଅଧିକାଂଶ ଆକ୍ରାନ୍ତ ସଂଖ୍ୟା ହେଉଛନ୍ତି ରାଉରକେଲା ଇସ୍ପାତ ସହରାଞ୍ଚଳର । ସର୍ବାଧିକ ଡେଙ୍ଗୁ ରୋଗୀ ସେକ୍ଟର-୧୪ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି । ଏହି ଅଞ୍ଚଳକୁ ଡେଙ୍ଗୁ ହଟ୍‌ସ୍ପଟ ଭାବେ ଘୋଷଣା କରାଯାଇଛି । ରେଲୱେ କଲୋନି, ମାଲଗୋଦାମ, ବାଲୁଘାଟ, ଗୋପବନ୍ଧୁପାଲୀ, ଛେଣ୍ଡକଲୋନି ଓ ଅନ୍ୟ କିଛି ରୋଗୀ ଇସ୍ପାତ ସହରାଞ୍ଚଳର ବୋଲି ଜଣାପଡ଼ିଛି । ବସ୍ତି ଓ କଲୋନିର ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାରୁ ଦିନକୁ ଦିନ ସହରରେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି । ଡେଙ୍ଗୁରୋଗୀ ସହରବାସୀଙ୍କ ଚିନ୍ତା ବଢ଼ାଇଥିଲାବେଳେ ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ପର୍ଯ୍ୟନ୍ତ ସେମିତି କୌଣସି ପଦକ୍ଷେପ ନିଆଯାଇ ନାହିଁ । ଡେଙ୍ଗୁରୋଗୀ ଚିହ୍ନଟ ହେବା ପରେ ମଧ୍ୟ ଆରଏମ୍‌ସି ପରିମଳ ବିଭାଗ ପକ୍ଷରୁ କଲୋନି ଓ ବସ୍ତିରେ ମଶା ଧୂଆଁ ଛଡ଼ା ଯାଉନଥିବା କଲୋନିବାସୀ ଅଭିଯୋଗ କରିଛନ୍ତି ।

ସହରର ପ୍ରମୁଖ ଡ୍ରେନ୍ ଠାରୁ ଆରମ୍ଭ କରି ଛୋଟ ଡ୍ରେନ୍‌ରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ପଡ଼ିଥିବାରୁ କେବଳ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉ ନାହିଁ, ଡେଙ୍ଗୁ ହେବାର ମଧ୍ୟ ସମ୍ଭାବନା ରହିଛି । ସେପଟେ ଅଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ପରେ ସେକ୍ଟର ଅଞ୍ଚଳରେ ସଫାସୁତୁରାକୁ ପ୍ରାଥମିକ ଦିଆଯାଉଛି । ଡେଙ୍ଗୁ ବ୍ୟାପିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସ୍ଥିତି ଉପରେ ନଜର ରଖାଯାଇଛି । ଆବଶ୍ୟକ ଔଷଧ ସମସ୍ତ ଡାକ୍ତରଖାନାରେ ମହଜୁତ ରଖାଯାଇଛି । ଟେଷ୍ଟିଂକୁ ବୃଦ୍ଧି କରାଯାଇଛି ବୋଲି ଡାକ୍ତର ସ୍ୱାଇଁ କହିଛନ୍ତି । ସହରରେ ବଢ଼ିଚାଲିଥିବା ଡେଙ୍ଗୁ ଆକ୍ରାନ୍ତ ସଂଖ୍ୟା ରୋକିବାକୁ ଉଭୟ ଆରଏମ୍‌ସି ଓ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

# ମର୍ଗହାଉସ୍ ଫ୍ରିଜ୍‌ର ଓ ଲଣ୍ଡ୍ରି ଦୁର୍ନୀତି ଘଟଣା: ଆରଜିଏଚ୍‌ରେ ଏନ୍‌ଏଚ୍‌ଏମ୍ ତଦନ୍ତକାରୀ ଟିମ୍, ଆସିଲେନି ହସ୍ପିଟାଲ ମ୍ୟାନେଜର



ରାଉରକେଲା, ୧୧/୦୭ (ନି.ପ୍ର): ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ବର୍ଷ ବର୍ଷ ବିଭିନ୍ନ ବିଭାଗରେ ଚାଲିଥିବା ଦୁର୍ନୀତିର ତଦନ୍ତ ଆରମ୍ଭ ହୋଇଛି । ଜାତୀୟ ସ୍ୱାସ୍ଥ୍ୟ ମିସନ (ଏନ୍‌ଏଚ୍‌ଏମ୍)ର ଯୁଗ୍ମ ନିର୍ଦ୍ଦେଶକ(ପ୍ରଶାସନ) ଏଲୋରା ଭାରତୀ ଜେନାଙ୍କ ନିର୍ଦ୍ଦେଶକ୍ରମେ ତିନି ଜଣିଆ ଟିମ୍ ଆରଜିଏଚ୍‌ରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ସିନିୟର କନ୍‌ସଲଟାଣ୍ଟ (ପି ଆଣ୍ଡ ଆଇଏମ୍) ପ୍ରିୟଦର୍ଶୀ ଦାଶ, ଏନ୍‌ଏଚ୍‌ଏମ୍‌ର ରାଜ୍ୟ ଅର୍ଥ ମହାପ୍ରବନ୍ଧକ ମଳୟ କୁମାର ପାଣିଗ୍ରାହୀ ଓ ଏନ୍‌ଏଚ୍‌ଏମ୍‌ର କନ୍‌ସଲଟାଣ୍ଟ (ଏଚ୍‌ଆର) ଅଜିତ କୁମାର ବିଶ୍ୱାଳ ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଆରଜିଏଚ୍ ପ୍ରଶାସନିକ କାର୍ଯ୍ୟାଳୟରେ ପହଞ୍ଚିଥିଲେ ।

ଆରଜିଏଚ୍ ଅଧୀକ୍ଷକ ଡାକ୍ତର ଗଣେଶ ପ୍ରସାଦ ଦାସଙ୍କ ଉପସ୍ଥିତିରେ ହସ୍ପିଟାଲ ମ୍ୟାନେଜର ମୋହିତ ଶ୍ରୀବାସ୍ତବ ନାଁରେ ଆସିଥିବା ଅଭିଯୋଗର ଟିକ୍‌ନିଖ୍ ତଦନ୍ତ ଆରମ୍ଭ କରିଛନ୍ତି । ବିଶେଷ କରି ଆରଜିଏଚ୍‌ରେ ରୋଗୀଙ୍କ ବେଡ୍‌ସିଟ୍ ସଫେଇ କାମ କରୁଥିବା 'ମେର୍ସସ ମେଡ଼ିଆଡ ମେଡ଼ିକାଲ ଆନ୍ସିଲାରି ସର୍ଭିସେସ୍' ପକ୍ଷରୁ ହସ୍ପିଟାଲ ମ୍ୟାନେଜରଙ୍କ ପାଖରେ ଜମା ହୋଇଥିବା ବିଲ୍ ଓ ଅନ୍ୟାନ୍ୟ କାଗଜପତ୍ରଗୁଡ଼ିକୁ ଯାଞ୍ଚ କରିଛନ୍ତି । ଗତ ତିନି ବର୍ଷ ମଧ୍ୟରେ ବେଡ୍‌ସିଟ୍ ସଫେଇ ଠିକାସଂସ୍ଥା, ହସ୍ପିଟାଲ ମ୍ୟାନେଜର ଓ ତାଙ୍କ ପ୍ରଚ୍ଛଦପଟରେ ଥିବା ଟିମ୍ ପ୍ରାୟ ୧ କୋଟି ୮୦ ଲକ୍ଷ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଛି । ବେଡ୍‌ସିଟ୍‌ର ସଂଖ୍ୟା ସହ ଓଜନ ବଢ଼ାଇ ମାସକୁ ପ୍ରାୟ ୫ ଲକ୍ଷ ଟଙ୍କା ଅଧିକ ବିଲ୍ କରୁଥିବା ଅଭିଯୋଗ ହୋଇଛି । କେବଳ ଏତିକି ନୁହେଁ ମର୍ଗହାଉସ୍‌ର ୪ ଫ୍ରିଜ୍‌ର ଗାୟବ ଘଟଣା ମଧ୍ୟ ବ୍ୟାପକ ଦୁର୍ନୀତି ହୋଇଥିବା ଜଣାପଡ଼ିଛି । ଆସନ୍ତାକାଲି (ଗୁରୁବାର)ଟିମ୍‌ର ସଦସ୍ୟମାନେ ଆରଜିଏଚ୍‌ର ମର୍ଗ ହାଉସ୍ ଅନ୍ୟ ବିଭାଗରେ ହୋଇଥିବା ଦୁର୍ନୀତିର ଯାଞ୍ଚ କରିବେ ବୋଲି ଜଣାପଡ଼ିଛି । ଏନ୍‌ଏଚ୍‌ଏମ୍‌ଟିର ତଦନ୍ତକାରୀ ଟିମ୍ କହିଛନ୍ତି, ଦୁର୍ନୀତି ଅଭିଯୋଗ ବିଭାଗ ପାଖରେ ପହଞ୍ଚିବା ପରେ ସମସ୍ତ କାଗଜପତ୍ର ଯାଞ୍ଚ କରୁଛୁ । କେବଳ ହସ୍ପିଟାଲ ମ୍ୟାନେଜର ନା, ତାଙ୍କ ପଛରେ ଅନ୍ୟ କେଉଁମାନେ ଅଛନ୍ତି, ତା'ର ମଧ୍ୟ ତଦନ୍ତ କରାଯାଉଛି । ସଠିକ୍ ତଦନ୍ତ କରାଯାଉଛି । ବିସ୍ତୃତ ତଦନ୍ତ ରିପୋର୍ଟ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ପ୍ରଦାନ କରିବୁ । କାର୍ଯ୍ୟାନୁଷ୍ଠାନ କ'ଣ ହେବ ଆମେ କହିପାରିବୁ ନାହିଁ । ସେପଟେ ବିଜେପିର ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତିନିଧି ତଦନ୍ତକାରୀଟିମ୍‌କୁ ଭେଟିଥିଲେ । ହସ୍ପିଟାଲ ମ୍ୟାନେଜର ମୋହିତ ଶ୍ରୀବାସ୍ତବ ଓ ତାଙ୍କ ପଛରେ ରହିଥିବା ପୁରା ଟିମ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ସେମିତି ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ତଦନ୍ତକାରୀଟିମ୍‌ର ଅଧିକାରୀଙ୍କୁ ଭେଟି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।

# ୨୩ ଜଣ ଗଣ ଶିକ୍ଷକ ଶିକ୍ଷୟିତ୍ରୀ ନିୟମିତ ହେଲେ

ଜୟପୁର , ୧୧/୦୭ (ନି.ପ୍ର): ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀ ଙ୍କ ଅଧିନରେ କାର୍ଯ୍ୟରତ ୨୩ ଜଣ ଗଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିୟମିତ ହୋଇଛନ୍ତି । ଏ ନେଇ ଆଜି ବୋରିଗୁମ୍ମା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ରେ ନିଯୁକ୍ତି ମେଳା କରି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନିୟମିତ ଆଦେଶ ପ୍ରଦାନ କରାଯାଇଥିଲା । ଗୋଷ୍ଠୀ ଶିକ୍ଷା ଅଧିକାରୀ ସଚିନ୍ ମଲ୍ଲିକଙ୍କ ସଭାପତିତ୍ୱରେ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଯୁକ୍ତା ପଣ୍ଡା, ବରିଷ୍ଠ ସହାୟିକା ସୁଜାତା ମହାପାତ୍ର ଓ କନିଷ୍ଠ ସହାୟକ ଶଶି ଭୂଷଣ ଦାଶ୍ ଯୋଗଦାନ କରିବା ସହିତ, ନିୟମିତ ଶିକ୍ଷକ ଶ୍ରୀ ଗୋପାଳ ପାତ୍ର, ନାଗେଶ୍ୱର ରାଓ, ଶିବ ପ୍ରସାଦ ବେହେରା, ଇଶ୍ୱର ପ୍ରତ୍ୟାସା, ଧନୁର୍ଜୟ ମାଳି ବବିତା ପାତ୍ର ଙ୍କ ସମେତ ନିୟମିତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରି ନିୟମିତ ଆଦେଶ ଗ୍ରହଣ କରିଥିଲେ, । ପରିଶେଷରେ ଶ୍ରୀ ଗୋପାଳ ପାତ୍ର ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସାଂସଦ ଓ ବିଧାୟକଙ୍କୁ କଂଟାବାଞ୍ଜି ହେମାଲ ସଂଘ ଭବନରେ ସ୍ୱାଗତ ସମ୍ବର୍ଦ୍ଧନା

ବଲାଙ୍ଗୀର, ୧୧/୦୭ (ନି.ପ୍ର): ଓଡ଼ିଶାର ନବନିର୍ବାଚିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ତିନିଦିନିଆ ବଲାଙ୍ଗୀର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ ମଙ୍ଗଳବାର ଦିନ ସନ୍ଧ୍ୟାରେ କଂଟାବାଞ୍ଜି ହେମାଲ ସଂଘ ଭବନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ସ୍ୱାଗତ ସମ୍ବର୍ଦ୍ଧନା ସଭାଟିକୁ ହେମାଲ ସଂଘ ଦ୍ୱାରା ଆୟୋଜିତ କରାଯାଇଥିଲା । ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାର ସିଂହଦେଓ, କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ହେମାଲ ସଂଘ ଦ୍ୱାରା ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପାଟଣା ମହାରାଜଙ୍କ ସୁପୁତ୍ରୀ ନିବୃତି ସିଂହଦେଓ ମେଓ୍ୱାର, ହେମାଲ ସଂଘ ଉପସଭାପତି ବିଦେଶୀ ବେହେରା, ଜିଲ୍ଲା ଭାଜପା ସଭାପତି ଶିବାଜୀ ମହାନ୍ତି, ନଗର ସଭାପତି ବେଦବ୍ୟାସ ନାଗ, ଜିଲ୍ଲା ସମ୍ପାଦକ ଶ୍ରୀବସ୍ତ ବେହେରା, ମୁରିବାହାଲ ବ୍ଲକ ଅଧକ୍ଷ ହରିବନ୍ଧୁ ମେହେର, ଡି. ଆର୍. ୟୁ. ସି. ସି. ମେମ୍ବର ଅଜୟ କୁମାର ଅଗ୍ରୱାଲ ମଂଚାସୀନ ଥିଲେ । ଏହି ସ୍ୱାଗତ ସମ୍ବର୍ଦ୍ଧନା ସଭାରେ କଂଟାବାଞ୍ଜି ଅଂଚଳର ବିକାଶ ହିଁ ମୁଖ୍ୟ ଗୁରୁତ୍ୱ ଦିଆଯିବ ବୋଲି ସାଂସଦ ଶ୍ରୀମତୀ ସିଂହଦେଓ କହିଥିବା ବେଳେ ରେଳ ମରାମତି କାରଖାନା ଅଂଚଳର ଦାଦନ ଶ୍ରମିକମାନଙ୍କ ପାଇଁ ଏକ ରୋଜଗାରର ମାଧ୍ୟମ ହୋଇପାରିବ ବୋଲି କହିଥିଲେ । ସେହି ପରି ନିର୍ବାଚନୀ ସମୟରେ ଦେଇଥିବା ସମସ୍ତ ପ୍ରତିଶୃତି ପାଳନ ପାଇଁ ଆପଣମାନଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ । ସେହିପରି ବିଧାୟକ ଶ୍ରୀ ବାଗ ମଧ୍ୟ ଅଂଚଳର ବିକାଶ ପାଇଁ ସେ କାମ କରିବା ସହିତ ଜନସାଧାରଣଙ୍କ ସହଭାଗିତା ହିଁ ଅଂଚଳର ବିକାଶ ବୋଲି କହିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମଧ୍ୟ ଅଂଚଳର ବିକାଶ ଉପରେ ନିଜର ମତ ଦେଇଥିବା ସହିତ ସରକାରଙ୍କ କ୍ୟାବିନେଟ୍ ନିଷ୍ପତି ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ ।

# ପ୍ରଦୂଷଣରେ କଲବଲ ଖଣିଅଞ୍ଚଳବାସୀ

କାଳିଆପାଣି , ୧୧/୦୭ (ନି.ପ୍ର): ବର୍ଷାଦିନେ ବି ଖଣିଅଞ୍ଚଳ ମୁଖ୍ୟରାସ୍ତା ଟମକା-ମଙ୍ଗଳପୁର ସଡ଼କରେ ମାତ୍ରାଧିକ ଧୂଳି ଉଡ଼ି ସ୍ଥାନୀୟ ପରିବେଶ ପ୍ରଦୂଷିତ ହେଉଛି । ବୁଧବାର ଅପରାହ୍ନରେ ଜନଗହଳି ରହୁଥିବା ତାରିଣୀ ମାର୍କେଟ୍, ଜଗାବଳିଆ ମାର୍କେଟ୍, ଏଟିଏମ୍ ଛକ, ମହାବୀର ବଜାର ଓ ଗଣେଶ ବଜାରରେ ମାତ୍ରାଧିକ ଧୂଳି ଉଡ଼ିଥିଲା । ସଡ଼କରେ ଦୃଶ୍ୟମାନ ଦୂରତା ୫୦ ମିଟରକୁ ହ୍ରାସ ପାଇଥିଲା । ବିଷାକ୍ତ ଧୂଳି ପାଇଁ ସ୍ଥାନୀୟ ଲୋକେ କଲବଲ ହେବା ସହ ସାଧାରଣ ଦୋକାନୀ ଓ ଗ୍ରାହକ ମହଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଧୂଳି ଓ କାଦୁଅ ଯୋଗୁଁ ସାରୁଆବିଲରୁ କଲରଙ୍ଗି ଡାବା ଛକ ମଧ୍ୟରେ ପରିବେଶ ଦୁର୍ବିଷହ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ପାଣିକୋଇଲି ପୂର୍ତ୍ତ ବିଭାଜନ ଅଧୀନରେ ଥିବା ଏହି ସଡ଼କ ଅଧିକାଂଶ ସ୍ଥାନରେ ମରାମତି ଅଭାବରୁ ମରଣଯନ୍ତା ପାଲଟିଛି । ଉକ୍ତ ସଡ଼କରେ ବିଭିନ୍ନ କ୍ରିୟାଶୀଳ ଖଣିରୁ କ୍ରୋମାଇଟ୍ ପରିବହନ ପାଇଁ ଦୈନିକ ଶହଶହ ଟ୍ରକ୍ ଯାତାୟାତ କରୁଛନ୍ତି । ସେହିପରି ମାଳମାଳ ବାଲି ବୋଝେଇ ହାଇୱା ମଧ୍ୟ ଯାତାୟାତ କରୁଥିବା ଅଭିଯୋଗ ହେଉଛି । ଅଧିକ ଖାଲ ଓ ହମ୍ପ ଥିବା କାଳିଆପାଣି ଓଏମ୍‌ସି ଟାଉନସିପ ଛକରୁ କଲରଙ୍ଗି ପର୍ଯ୍ୟନ୍ତ ରାସ୍ତାରେ କ୍ୱଚିତ ଜଳ ସିଞ୍ଚନ ହେଉଛି । ଉକ୍ତ ସଡ଼କରେ ଟାଟାଷ୍ଟିଲ, ଓଡ଼ିଶା ଖଣି ନିଗମ(ଓଏମ୍‌ସି), ଇମ୍ଫା, ଫେକର-ବେଦାନ୍ତ, ବାଲେଶ୍ୱର ଆଲଏଜ୍ ଖଣିରୁ କ୍ରୋମ୍ ବୋଝେଇ ଟ୍ରକ୍ ସବୁ ଚଳାଚଳ କରୁଥିଲେ ମଧ୍ୟ ଏଠାରେ ଧୂଳି ନିୟନ୍ତ୍ରଣ ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା ନାହିଁ । ଲଗାଣ ବର୍ଷା ସତ୍ତ୍ୱେ ବିଭିନ୍ନ ଦୋକାନ ଓ ପାର୍ଶ୍ୱସ୍ଥ ଜନବସତି ଛପର ଉପରେ ଇଞ୍ଚେ ବହଳର ଧୂଳି ମାଡ଼ି ଯାଇଛି । ଧୂଳି ପ୍ରଦୂଷଣ ସମସ୍ୟାକୁ ନେଇ ସ୍ଥାନୀୟ ବଣିକ ସଂଘ ଓ ଏକାଧିକ ଯୁବକସଂଘ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଛନ୍ତି । ଏସମ୍ପର୍କରେ କାଳିଆପାଣି ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କୁ ଯୋଗାଯୋଗ କରିବାରେ ସେ ଟାଟାଷ୍ଟିଲ ଖଣି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ ଉଦ୍ୟମ କରିବେ ବୋଲି କହନ୍ତି ।

# ହିତାଧିକାରୀଙ୍କ ପିଡିଏସ୍ ଚାଉଳ ହଡ଼ପ: ସନ୍ଦେହଘେରରେ ପରିବହନ ଠିକାସଂସ୍ଥା



ରାଉରକେଲା, ୧୧/୦୭ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲାରେ ଥମୁନି ଯୋଗାଣ ବିଭାଗ କେଳେଙ୍କାରୀ । ଭୂତକାର୍ଡ ତ ଅନ୍ୟ କେତେବେଳେ ପିଡିଏସ୍ ଚାଉଳ ହେରଫେରକୁ ନେଇ ହରଡ଼ଗଣାରେ ପଡିଛନ୍ତି ବିଭାଗୀୟ ଅଧିକାରୀ । ଅନେକ ନିଲମ୍ବିତ ହୋଇଛନ୍ତି । ଆଉ କିଛି ଅଧିକାରୀ ଅନ୍ୟତ୍ର ବଦଳି ହୋଇଛନ୍ତି । ତଥାପି ଜିଲ୍ଲାରେ ଯୋଗାଣ ବିଭାଗରେ ସ୍ୱଚ୍ଛତା ଆସୁନି । ଏବେ ପରିବହନ ଠିକାସଂସ୍ଥା ଜରିଆରେ ପିଡିଏସ୍ ଚାଉଳ ହଡପ୍ ହେଉଥିବା ଅଭିଯୋଗ ହେଉଛି । ତା'ପୁଣି ମାସକୁ ୫୦ କି ୧୦୦ କ୍ୱିଣ୍ଟାଲ ନୁହେଁ ପ୍ରାୟ ୩୨୦ କ୍ୱିଣ୍ଟାଲ ପିଡିଏସ୍ ଚାଉଳ ହେରଫେର କରାଯାଉଥିବା ଜଣାପଡ଼ିଛି । କେଜି ପ୍ରତି ୩୦ ଟଙ୍କା କରି ମାସକୁ ପ୍ରାୟ ୯ଲକ୍ଷ ୬୦ ହଜାର ଟଙ୍କାକୁ ମିଳିମିଶି ଚଳୁ କରିଦିଆଯାଉଛି । ପରିବହନ ଠିକାସଂସ୍ଥା, ଆରଆରସି ଗୋଦାମ ଓ ଯୋଗାଣ କାର୍ଯ୍ୟାଳୟରେ କାର୍ଯ୍ୟରତ କିଛି ଅଧିକାରୀଙ୍କ ଭିତରି ସଲାସୁତୁରା ଏଭଳି କାମ କରାଯାଉଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ବେଦବ୍ୟାସ,ଏସ୍‌ଟିଆଇ ଓ ଏଫ୍‌ସିଆଇସ୍ଥ ଆରଆରସି ଗୋଦାମରୁ ନୂଆଗାଁ, କୁଆରମୁଣ୍ଡା, ରାଉରକେଲା, ବୀରମିତ୍ରପୁର, ବିଶ୍ରା, ରାଜଗାଙ୍ଗପୁର, ବଣାଇ ଓ ଲହୁଣିପଡା ଆଦି ବ୍ଲକକୁ ପିଡିଏସ୍ ଚାଉଳ କଣ୍ଟ୍ରୋଲ ଦୋକାନଗୁଡ଼ିକୁ ପଠାଯାଉଛି । ରାଉରକେଲାର ପ୍ରାୟ ୪୫ହଜାର ହିତାଧିକାରୀଙ୍କ ପାଇଁ ମାସକୁ ପ୍ରାୟ ୧୦ ହଜାର କ୍ୱିଣ୍ଟାଲ ଚାଉଳ ଉଠାଯାଉଛି । ସେମିତି ଲାଠିକଟାକୁ ପ୍ରାୟ ୪ ହଜାର, ନୂଆଗାଁକୁ ୫, ୬୦୦ , ବୀରମିତ୍ରପୁର ପ୍ରାୟ ୭୦୦ କ୍ୱିଣ୍ଟାଲ ଚାଉଳ ଉଠାଯାଉଛି । କେବଳ ଏତିକି ନୁହେଁ କୁଆରମୁଣ୍ଡା ପାଇଁ ପ୍ରାୟ ୫ ହଜାର, ବଣାଇ ପାଇଁ ୨ ହଜାର , ଲହୁଣିପଡ଼ା ପାଇଁ ୩ ହଜାର ଏମିତି ପ୍ରାୟ ମାସକୁ ତିନିଟି ଆରଆରସି ଗୋଦାମରୁ ପ୍ରାୟ ୩୨ ହଜାର କ୍ୱିଣ୍ଟାଲ ଉଠାଯାଉଛି । ପରିବହନ ଠିକାସଂସ୍ଥା ଜରିଆରେ ପିଡିଏସ୍ ଚାଉଳ ବ୍ଲକ, ପୌରପାଳିକାର କଣ୍ଟ୍ରୋଲ ଦୋକାନରେ ପହଞ୍ଚୁଛି ।

କଣ୍ଟ୍ରୋଲ ଦୋକାନରେ ପିଡିଏସ୍ ଚାଉଳ ଦେବାବେଳେ ପରିବହନ ଠିକାସଂସ୍ଥା ପ୍ରତି ବସ୍ତାରେ ୫୫୦ ଗ୍ରାମ (ବୁରା ଓଜନ) ଅଧିକ ଦେବାର ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । କିନ୍ତୁ ଠିକାସଂସ୍ଥା ଏଭଳି କରୁନଥିବା ପ୍ରାୟ ଅଧିକାଂଶ କଣ୍ଟ୍ରୋଲ ଦୋକାନୀ ଅଭିଯୋଗ କରିଛନ୍ତି । ପ୍ରତି ବସ୍ତାରେ ବୁରା ଓଜନର ୫୦୦ ଗ୍ରାମରୁ ଅଧିକ ଚାଉଳ ହଡ଼ପ କରାଯାଉଛି । କେବଳ ଏତିକି ନୁହେଁ, ଏଫ୍‌ସିଆଇ ଓ ଆରଆରସି ଗୋଦାମରୁ ଟ୍ରକ ଲୋଡିଂ ପରେ କଣ୍ଟା କରାଯାଉଛି । ଅନ୍‌ଲାଇନ୍ ଚାଲାଣ ବାହାର କରାଯିବା ପରିବର୍ତ୍ତେ ହାତ ଲେଖା ଚାଲାଣ ବାହାର କରାଯାଉଛି । ଏହି ଚାଲାଣରେ ମନଇଚ୍ଛା ୫ରୁ ୧୦ କ୍ୱିଣ୍ଟାଲ ଅଧିକ ଲେଖି ଦିଆଯାଉଛି । ପ୍ରତି ଟ୍ରକରେ ଏମିତି ବେଆଇନ କରାଯାଉଛି । କଣ୍ଟ୍ରୋଲ ଦୋକାନରେ ପିଡିଏସ୍ ଚାଉଳ ଦେବା ପୂର୍ବରୁ ସେଠାରେ ଓଜନ କରାଯାଉ ନାହିଁ । କଣ୍ଟ୍ରୋଲ ଦୋକାନୀ ପ୍ରତିବାଦ କରୁଥିଲେ ହେଁ, ଏହାର କୌଣସି ପ୍ରଭାବ ପରିବହନ ଠିକାସଂସ୍ଥା ଉପରେ ପଡୁନି । ପୂର୍ବରୁ ଏପରି ବେଆଇନ କାମ ପାଇଁ ପରିବହନ ଠିକାସଂସ୍ଥାକୁ କଳାତାଲିକା ଭୁକ୍ତ କରାଯାଇଥିଲା । କଳାତାଲିକାଭୁକ୍ତ ହେବା ପରେ ସମ୍ପର୍କୀୟଙ୍କ ନାଁରେ ପରିବହନ କାମ ହାତେଇ ପୁଣି ପୂର୍ବପରି ମିଳିମିଶି ପିଡିଏସ୍ ଚାଉଳ ଚଳୁ କରିବାରେ ଲାଗିପଡ଼ିଛନ୍ତି । ମାସ ମାସ ଧରି ଚାଲିଥିବା ଏଭଳି ବେଆଇନ କାମର ବିଧିବଦ୍ଧ ତଦନ୍ତ ହେବାର ଆବଶ୍ୟକତା ରହିଛି । ଏ ସଂକ୍ରାନ୍ତରେ ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଲିଖିତ ଅଭିଯୋଗ ଆସିଲେ ତଦନ୍ତ କରାଯିବ । ତଦନ୍ତରେ ଯଦି ପିଡିଏସ୍ ଚାଉଳ ହଡପ ଅଭିଯୋଗ ହେଉଥିବ, ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ମହିଳାଙ୍କୁ ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ

ଜୟପୁର, ୧୧/୦୭ (ନି.ପ୍ର): ମହିଳାକୁ ଆକ୍ରମଣ ମାମଲାରେ ଅଭିଯୁକ୍ତକୁ ଆଜି ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ବାର୍ଲାହାଣ୍ଡିର ଇଶ୍ୱର ହରିଜନ (୩୫) । ପୋଲିସ ସୂଚନା ଅନୁଯାଇ ଜୟପୁର ସଦର ଥାନା ଅନ୍ତର୍ଗତ ବାର୍ଲାହାଣ୍ଡିର ଇଶ୍ୱର ହରିଜନ ଜଣେ ମହିଳାକୁ ବାଡିରେ ଆକ୍ରମଣ କରିଥିଲେ । ଆକ୍ରମଣରେ ମହିଳାଙ୍କ ହାତ ଭାଙ୍ଗି ଯାଇଥିଲା । ଏନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ: ଫୁଲବାଣୀରେ ୧୨୫ ୟୁନିଟ୍ ଓ ବାଲିଗୁଡ଼ାରେ ୫୫ ୟୁନିଟ୍ ରକ୍ତ ସଂଗ୍ରହ

କନ୍ଧମାଳ, ୧୧/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲା ରକ୍ତଭଣ୍ଡାର ରେ ରକ୍ତର ଅଭାବକୁ ଦେଖି ରୋଗୀ ଚିକିତ୍ସା ରେ ସହାୟତା ପାଇଁ କନ୍ଧମାଳ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଜି ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ର ସଭାଗୃହରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ କନ୍ଧମାଳ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ନିଜେ ରକ୍ତଦାନ କରି ଉଦଘାଟନ କରିଥିଲେ ତାଙ୍କ ସହିତ ଫୁଲବାଣୀ ଉପଜିଲ୍ଲାପାଳ ଚିତରଞ୍ଜନ ମହାନ୍ତ, ଡିଏଫଓ ପ୍ରଶାନ୍ତ କୁମାର ପଟେଲ ମଧ୍ୟ ରକ୍ତଦାନ କରିଥିଲେ । ଏହି ଅବସରରେ ତାଙ୍କ ସହିତ ଫୁଲବାଣୀ ରକ୍ତଭଣ୍ଡାର ଅଧିକାରୀ ଡ. ଜୟଦୀପ ଘୋଷ,ଫୁଲବାଣୀ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସିକା ଦେବଜାନୀ ଭୂୟାଁ, ଜିଲ୍ଲା ଅପାତ କାଳୀନ ଅଧିକାରୀ ଅନୁପମ ଆଚାର୍ଯ୍ୟ, ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ର, ଫୁଲବାଣୀ ରକ୍ତଦାନ ସମିତି ର ସହ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଟିମ୍ ହ୍ୟୁମାନିଟି କନ୍ଧମାଳର ଆବାହକ ଭି. ଲୋକନାଥ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ । ରକ୍ତ ସଂଗ୍ରହ କାର୍ଯ୍ୟ ରକ୍ତଭଣ୍ଡାର ଅଧିକାରୀଙ୍କ ଦେଖରେଖରେ କର୍ମଚାରୀ ସୂଜିତ କୁମାର ସାହୁ,ପ୍ରଶାନ୍ତ କୁମାର ରତ୍ନାଲୁ,ଅର୍ଚ୍ଚନା ପ୍ରଧାନ ଓ ବରୁଣ ବେହେରା ପ୍ରମୁଖ ସମ୍ପାଦନ କରିଥିଲେ । ଏହି ଶିବିରରେ ଅଧିକ ସଂଖ୍ୟାରେ ମହିଳା ଓ ନୂତନ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ଆସି ରକ୍ତଦାନ କରିଥିଲେ । ଏହି ଶିବିରରେ ସମୁଦାୟ ୧୨୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ସେହିପରି ଜିଲ୍ଲାର ବାଲିଗୁଡ଼ା ଉପଖଣ୍ଡ ରକ୍ତଭଣ୍ଡାରେ ମଧ୍ୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମୋଟ ୫୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।

# ଚାଷ ଜମିରୁ ଜଳ ନିଷ୍କାସନ ପାଇଁ କୃଷକଙ୍କର ଦାବି

କେନ୍ଦ୍ରାପଡ଼ା, ୧୧/୦୭ (ନି.ପ୍ର): ଦୈତାରୀ-ପାରାଦ୍ୱୀପ ଜାତୀୟ ରାଜପଥ ର ପ୍ରଶସ୍ତିକରଣ କାର୍ଯ୍ୟ ଏବେ ୬ ଲାଇନ ହେଉ ଥିବାରୁ ଚାଷ ଜମିରୁ ଜଳ ନିଷ୍କାସନ ବାଟ ସଂପୂର୍ଣ୍ଣ ବନ୍ଦ ହୋଇ ଯାଇ ଥିବାରୁ ଚାଷିମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡା, କଳପଡା, ଶ୍ୟାମସୁନ୍ଦରପୁର ଆଦି ପଂଚାୟତ ର ଶହ ଶହ ଚାଷୀଙ୍କର ଜାତୀୟ ରାଜପଥ କଡରେ ଚାଷ ଜମି ଥିବାରୁ ଏମାନେ ଚାଷ କାର୍ଯ୍ୟ କରନ୍ତି । କିନ୍ତୁ ବର୍ତମାନ ରାସ୍ତା ପ୍ରଶସ୍ତିକରଣ ହେଉ ଥିବାରୁ ଜଳନିଷ୍କାସନ ର ବାଟ ନ ଥିବାରୁ ଚାଷ କାର୍ଯ୍ୟ ବନ୍ଦ ହୋଇ ଯାଇଛି । ଜାତୀୟ ରାଜପଥ ପୂର୍ବରୁ ୪ ଲାଇନ ଥିବାବେଳେ ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନ ବାଟ ରହିଥିଲା । ଏଥି ସହିତ ତହସିଲ କାର୍ଯ୍ୟାଳୟ ଚାଷ ଜମି ଗୁଡିକୁ କିସମ ପରିବର୍ତନ କରି ଘରବାରୀ କରୁଥିବାରୁ ବହୁ ସ୍ଥାନରେ ବଡ ବଡ ଅଟ୍ଟାଳିକା ତିଆରି କରି ଜଳ ନିଷ୍କାସନ ବାଟକୁ ସଂପୂର୍ଣ୍ଣ ବନ୍ଦ କରି ଦେଇଛନ୍ତି ।

# ବର୍ଷା ଅଭାବରୁ ରାଇବଣିଆର ପାହାଡିଆ ଉଚ୍ଚ ଜମି ମରୁଡି ଗସ୍ତ : ବିଲରେ ଚରୁଛନ୍ତି ଗୋରୁ ଗାଈ



ଜଳେଶ୍ୱର , ୧୧/୭ (ନି.ପ୍ର): ଚଳିତବର୍ଷ ନିଅଣ୍ଟିଆ ବର୍ଷା ଯୋଗୁଁ ସମଗ୍ର ଜଳେଶ୍ୱର ଅଂଚଳ ଖରିଫ ଧାନଚାଷ ପ୍ରଭାବିତ ହୋଇଥିବା ବେଳେ ରାଇବଣିଆର ୧୦ଟି ପଂଚାୟତର ଖରିଫ ଧାନଚାଷ ମରୁଡି କବଳିତ । ପାହାଡିଆ ଉଚ୍ଚ ସ୍ଥାନ ହୋଇଥିବାରୁ ତଳି ଶୁଖି ମରି ଗଲାଣି । ବିଲରେ ଗୋରୁ ଗାଈ ଚରୁଥିବା ଦେଖିବାକୁ ମିଳିଛି । ଚଳିତ ୨୦୨୪ ମସିହାରେ ରାଇବଣିଆ ଅଂଚଳରେ ଗତ ୬ ମାସ ମଧ୍ୟରେ ମାତ୍ର ୧୫୦ ମିମି ବର୍ଷା ହୋଇଥିବା ରେକଡ କରାଯାଇଛି । କିନ୍ତୁ ଏହି ସମୟରେ ୭୩୫ ମିମି ବର୍ଷା ହେବାକଥା । ବର୍ଷା ନଥିବାରୁ ସେ ଅଂଚଳରେ ଥିବା ଜଳସେଚନ ପ୍ରକଳ୍ପ ଗୁଡିକ ଶୁଖି ଯାଇଛି । ସମସ୍ତ ଗଡିଆପୋଖରୀ ଶୁଖି ଯାଇଥିବାରୁ ଗୃହପାଳିତ ପଶୁମାନେ ମଧ୍ୟ ପାଣି ପିଇବାଲାଗି ପାଇପାରୁନାହାନ୍ତି । ବିଶେଷ କରି ରଜାବଂଧ ରିଜର୍ଭରରେ ନିକଟସ୍ଥ ୮୨୩ ହେକ୍ଟର, ଗହିରାଖାଳ ଡାଇଭର୍ସନ ଖାଳରେ ୪୫୦ ହେକ୍ଟର ଏବଂ ବେଗୁନିଆ ଓ ପୁରୁଣାପାଣି ଡାଇଭର୍ସନ ଖାଳରେ ୫୦ ହେକ୍ଟର ଖରିଫ ଧାନଚାଷକୁ ପାଣି ଯୋଗାଣ ହୋଇଥାଏ । ଏସବୁ ଜମି ବହୁ ଉଚ୍ଚ ହୋଇଥିବାରୁ ବର୍ଷା ହେଲେ ମଧ୍ୟ ପାଣି ରହେନାହିଁ । ପାହାଡିଆ ହୋଇଥିବାରୁ ସେ ଅଂଚଳରେ ଉଠାଜଳସେଚନ ଆଦୌ ନାହିଁ । ଅତୀତରେ ବର୍ଷାପାଣିରେ ଖରିଫ ଧାନ ତଳି ପଡିଥିବା ବେଳେ ବର୍ଷା ଅଭାବରୁ ସେ ସବୁ ଶୁଖି ଫାଟି ଗଲାଣି । କେତେକ ସ୍ଥାନରେ ଉଈ ଚରିଲାଣି । ତଳି ପଡିବାର ସମ୍ଭାବନା ନାହିଁ ବୋଲି କେତେକ ଚାଷୀ ପ୍ରକାଶ କରିଛନ୍ତି । ଆସନ୍ତା ୧୦/୧୫ ଦିନ ମଧ୍ୟରେ ବର୍ଷା ନ ହେଲେ ସେ ଅଂଚଳରେ ଧାନଚାଷ ନ ହେବା ସଂପର୍କରେ ଚାଷୀମାନେ ମତପ୍ରକାଶ କରିଛନ୍ତି । ରାଇବଣିଆ ଅଂଚଳରେ ଜଳେଶ୍ୱର ବ୍ଲକର ୧୪ଟି ପଂଚାୟତ ଥିବା ବେଳେ ସେଥିରୁ ସର୍ଦ୍ଧାରବନ୍ଧ, ଶ୍ୟାମନଗର, ରାଇବଣିଆ, ଓଲମରା, ଖୁଆଡ, କାଳିକ, ଖୁଦିଆ ମାଝିସାହି, ମାକିଡିଆ, ଶିଖରପୁର ଇତ୍ୟାଦି ପଂଚାୟତରେ ଆଦୌ ବର୍ଷା ନ ଥିବାରୁ ବିଲରେ ଗୋରୁ ଗାଈ ଚରୁଛନ୍ତି । ବିକଳ୍ପ ଚାଷ ପାଇଁ ସେ ଅଂଚଳର ଚାଷୀମାନେ ଦାବି କରିଛନ୍ତି ।

## ରଙ୍ଗାମାଟିଆ ଛକଠାରେ ଏକ ଡ୍ରେସ୍ ଦୋକାନରୁ ଚୋରି

ବେତନଟୀ , ୧୧/୭ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥର ରଙ୍ଗାମାଟିଆ ଛକରେ କାଲି ବିଳମ୍ବିତ ରାତିରେ ଚୋରମାନେ ଏକ ଡ୍ରେସ୍ ଦୋକାନର ପକ୍କା କାନ୍ଥ ଖୋଳି ଲକ୍ଷାଧିକ ଟଂକାର ଲୁଗାପଟା ଚୋରି କରିନେଇଥିବା ଜଣାପଡ଼ିଛି । ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲାର ଗଣ୍ଡର୍ଦା ଗ୍ରାମ ନିବାସୀ ସିଦ୍ଧେଶ୍ୱର ବେହେରା ରଙ୍ଗାମାଟିଆ ଛକରେ ' ରାହୁଲ ଡ୍ରେସ୍ ' ନାମରେ ଏକ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି । ହେଲେ ଆଜି ସକାଳେ ଦୋକାନ ଖୋଲିବାକୁ ଆସି ଦେଖିଲାବେଳକୁ କାନ୍ଥରେ ସିନ୍ଧି କରାଯାଇ ଜିନିଷପତ୍ର ଚୋରି ହୋଇଥିବା ଦେଖିଥିଲେ । ଘଟଣା ସମ୍ପର୍କରେ ଖବର ପାଇ ଭାବଗ୍ରାହୀ ମହାନ୍ତଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି ।

# ରାଜ୍ୟସ୍ତରୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ କର୍ମଚାରୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଚମ୍ପିୟାନ

ବାରିପଦା , ୧୧/୭ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବୁଧବାର ଦିନ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ କର୍ମଚାରୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଚମ୍ପିୟାନ ହୋଇଛି । ଫକୀରମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କର୍ମଚାରୀ ମାନଙ୍କର ଟିମ୍ ଯୋଗ ଦେଇଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଟିମ୍ ତାର ପ୍ରଥମ ମ୍ୟାଚରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ୪-୦ ରେ ପରାସ୍ତ କରିଥିଲା ଏବଂ ଫାଇନାଲ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଶେଷକୁ ଟାଇ ବ୍ରେକରରେ ୪-୩ ରେ ପରାସ୍ତ କରି ଚମ୍ପିୟାନ ହୋଇଥିଲା । ବିଶ୍ୱବିଦ୍ୟାଳୟର ଟିମ୍‌ରେ



କୁଳସଚିବ ଶ୍ରୀ ସହଦେବ ସମାଧିଆ (ଅଧିନାୟକ), ପ୍ରଫେସର ସୁକାନ୍ତ କୁମାର ନାୟକ, ଡ. ଯତୀନ୍ଦ୍ରନାଥ ବେଶ୍ରା (ଉପ-ଅଧିନାୟକ), ଡ. ଶାନ୍ତିସ୍ୱରୂପ ବସା, ରାଜୋ ଟୁଡୁ, ସୁଧିର କୁମାର ବେହେରା, ଦୁର୍ଗା ସୋରେନ, ପିଲୁଚୁଆନୁ ଠାକୁର ମୁର୍ମୁ, ଉପେନ୍ଦ୍ର ଟୁଡୁ, ରାମଚନ୍ଦ୍ର ବାସ୍କେ, ସୁକଦେବ ସୋରେନ, ବିଶ୍ୱରଞ୍ଜନ ହେମ୍ବ୍ରମ, ରବି ମାଝୀ, ସଂଗ୍ରାମ ହାଁସଦା, ବାବୁଲାଲ ହେମ୍ବ୍ରମ, ବିଦୁ କିସ୍କୁ, ସୁଜୟ କୁଣ୍ଡୁ, ଡାକ୍ତର ମୁର୍ମୁ ପ୍ରମୁଖ ଖେଳିଥିଲେ । ଏହି ଖେଳରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, କ୍ରୀଡ଼ା ପରିଷଦର ସେକ୍ରେଟାରୀ ଡ. ପ୍ରଭଞ୍ଜନ ମଲ୍ଲିକ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ, ନଳିନୀ ରଞ୍ଜନ ଦାସ, ସଞ୍ଜୀବ କୁମାର ତନ୍ତୀ, ପ୍ରଦୀପ ବରାଳ, ଉଜିତ କୁମାର ଦାସ, ପ୍ରଦୀପ୍ତ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଆଜି ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସରେ ବିଜୟୀ ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଇଥିଲା ।

# କୁଳପତିଙ୍କ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ରଥଯାତ୍ରା ଶିବିର ପରିଦର୍ଶନ



ବାରିପଦା , ୧୧/୭ (ନି.ପ୍ର): ବାରିପଦା ରଥ ଯାତ୍ରା ରେ ଲୋକ ମାନଙ୍କୁ ପାନୀୟ ଜଳ, ସ୍ୱଚ୍ଛ ଭାରତ ଅଭିଯାନ ଏବଂ ବୃକ୍ଷ ରୋପଣ ଆଦି କାର୍ଯ୍ୟ ଆୟୋଜନ କରିବା ନିମନ୍ତେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ବିଶ୍ୱବିଦ୍ୟାଳୟ ଏନ୍ ଏସ ଏସ ୟୁନିଟ୍, ଏମ୍ ପି ସି ଅଟୋନୋମସ କଲେଜ ଏନ୍ ଏସ ଏସ ୟୁନିଟ୍ ଏବଂ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ଏନ୍ ଏସ ଏସ ୟୁନିଟ୍ ମାନଙ୍କୁ ଦାୟିତ୍ୱ ଦେଇଥିଲେ। ଗୃହ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର ସମସ୍ତ ଜାତୀୟ ସେବା ଯୋଜନା ରଥ ଯାତ୍ରା ଶିବିର ଗୁଡ଼ିକୁ ଉଦ୍ଘାଟନ କରିଥିଲେ। ଦ୍ୱିତୀୟ ଦିବସ ରେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ମାନ୍ୟବର କୁଳପତି ପ୍ରଫେସର୍ ଡ଼. ସନ୍ତୋଷ କୁମାର ତ୍ରିପାଠୀ ଶିବିର ପରିଦର୍ଶନ କରିବା ସହିତ ସ୍ୱେଚ୍ଛା ସେବୀ ମାନଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମ ବିଷୟ ରେ ଆଲୋଚନା କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ ଙ୍କୁ ପାଖରେ ପାଇ ସ୍ୱେଚ୍ଛା ସେବୀ ଓ ବିଭିନ୍ନ ମହାବିଦ୍ୟାଳୟ ର ପ୍ରୋଗ୍ରାମ ଅଫିସର୍ ମାନେ ଉତ୍ସାହିତ ହୋଇ କାର୍ଯ୍ୟ କରୁଥିଲେ। ପ୍ରଥମେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନସି ଆଣ୍ଡ ମ୍ୟାନେଜମେଣ୍ଟ ର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ,କୁଳପତି ପ୍ରଫେସର୍ ସନ୍ତୋଷ କୁମାର ତ୍ରିପାଠୀ ଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ବିଶ୍ୱବିଦ୍ୟାଳୟ ପି. ଜି. ଏନ୍ ଏସ ୟୁନିଟ୍ ପରିଦର୍ଶନସମୟରେ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ଡ଼. ବିଷ୍ଣୁ ପ୍ରିୟା ହାଁସଦା ପୁଷ୍ପ ଗୁଚ୍ଛ ଦେଇ ମାନ୍ୟବର କୁଳପତିଙ୍କୁ ସ୍ୱାଗତ କରିଥିଲେ। କୁଳପତି ପି, ଜି ୟୁନିଟ୍ ସ୍ୱେଚ୍ଛାସେବୀ ମାନଙ୍କ ସହିତ ଆଲୋଚନା କରିବା ସହିତ ଦହି ସର୍ବତ ଲୋକ ମାନଙ୍କୁ ପ୍ରଦାନ କରିଥିଲେ। ମହାରାଜା ପୂର୍ଣ୍ଣ ଚନ୍ଦ୍ର ସ୍ୱଂୟ ଶାସିତ ମହାବିଦ୍ୟାଳୟ ର ପୂର୍ବତନ ଅଧକ୍ଷା ଡ. ବନୋଜା ମହାନ୍ତି କିଛି ସମୟ ପାଇଁ ଶିବିର ରେ ଯୋଗ ଦେଇ କୁଳପତି ପ୍ରଫେସର ତ୍ରିପାଠୀ ଙ୍କ ସହିତ ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନା ଜିଲ୍ଲା ଅଧିକାରୀ ଅନାମ ଚରଣ ରାଉଳ କୁଳପତି ଙ୍କୁ ଚାରା ଗଛ ଦେଇ ସ୍ୱାଗତ କରିବା ସହିତ ମହାରାଜା ପୂର୍ଣ୍ଣ ଚନ୍ଦ୍ର ସ୍ୱଂୟ ଶାସିତ ମହାବିଦ୍ୟାଳୟ ର ଜାତୀୟ ସେବା ଯୋଜନା ଶିବିର କୁ ପରିଦର୍ଶନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହିତ ବିଶ୍ୱବିଦ୍ୟାଳୟ ପି. ଜି. କାଉନସିଲ୍ ଚେୟାରମେନ ପ୍ରଫେସର୍ ହେମନ୍ତ ସାହୁ, କୁଳସଚିବ ସହଦେବ ସମାଧିଆ, ବିତ୍ତ ନିୟନ୍ତ୍ରକ ସୁକୁଦେବ ତରାଇ, ବିଶ୍ୱବିଦ୍ୟାଳୟ ଏନ୍ ଏସ ଏସ କର୍ଡିନେଟର୍ ଡ଼. ବସନ୍ତ କୁମାର ମହାନ୍ତ ମଧ ସମସ୍ତ ଜାତୀୟ ସେବା ଯୋଜନା ଶିବିର ପରିଦର୍ଶନ କରି ଖୁସି ବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଡ଼. ତ୍ରିପାଠୀ ଓ ଅନ୍ୟ ଅଧିକାରୀ ମାନଙ୍କର ଶିବିର ପରିଦର୍ଶନ ସମୟ ରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସୀ ଆଣ୍ଡ ମ୍ୟାନେଜମେଣ୍ଟ ର ଜାତୀୟ ସେବା ଯୋଜନା ଅଧିକାରୀ ମଦନ ମୋହନ ସାହୁ, ମୀରା ସେନାପତି, ଅଧକ୍ଷ ପ୍ରଦୀପ କୁମାର ନାୟକ, ଉପାଧକ୍ଷା ସଂଘମିତ୍ରା ରାଉତ, ଅଧ୍ୟାପିକା ସୁଜାତା ପାଲ, ସସ୍ମିତା ସି, ତୃପ୍ତି ଦାସ, ଦେବସ୍ମିତା ବିଶ୍ୱାଳ, ଅଙ୍କିତା ସାହୁ, ଦିପ୍ତିଶ୍ରୀ ବେହେରା, ମିନାକ୍ଷୀ ସାହୁ, ଅଧ୍ୟାପକ ଠାକୁରା ଚରଣ ମାରାଣ୍ଡି, ଶ୍ରୀରାମ ଟୁଡୁ, ରଞ୍ଜିତ ମାରାଣ୍ଡି ପ୍ରମୁଖ ଉପସ୍ଥିତ ରହି ରଥ ଟଣା ସମୟ ରେ ଲୋକମାନଙ୍କୁ ଥଣ୍ଡା ପାଣି, ଦହି ସର୍ବତ , ଲେମ୍ବୁ ସରବତ, ବଣ୍ଟନ କରିଥିଲେ। ଶେଷରେ ମହାବିଦ୍ୟାଳୟ ର ଅଧ୍ୟାପକ କୀର୍ତ୍ତି କୌଶିକ ନାୟକ ଅକ୍ଳାନ୍ତ ପରିଶ୍ରମ ପାଇଁ ଛାତ୍ର ଛାତ୍ରୀ, ଅଧ୍ୟାପକ, ଓ ଅଧ୍ୟାପିକା ମାନଙ୍କୁ ମହାବିଦ୍ୟାଳୟ ତରଫରୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଅର୍ଦ୍ଧସୈନିକ ବାହିନୀରେ...

ସୁବିଧା ଯୋଗାଇ ଦେବାକୁ ବିରୋଧୀଙ୍କ ପକ୍ଷରୁ ଦାବି ହୋଇଛି । ଅଗ୍ନିପଥ ଯୋଜନା ଅଧୀନରେ ଅଗ୍ନିବୀରମାନଙ୍କୁ ଭାରତୀୟ ସ୍ଥଳସେନା, ବାୟୁସେନା ଏବଂ ନୌସେନାରେ ପ୍ରଶିକ୍ଷଣ ଅବଧି ସମେତ ୪ ବର୍ଷ ପାଇଁ ସାମିଲ କରାଯାଇଛି । ଏହାର ୪ ବର୍ଷ ପରେ ୨୫ ପ୍ରତିଶତ ଅଗ୍ନିବୀର ଭାରତୀୟ ସେନାରେ ସ୍ଥାୟୀ ଭାବେ ଯୋଗ ଦେଇଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ...

ଓଡ଼ିଆ ଜାତିର ମୁରବୀ । ଆମ ବିଶ୍ୱାସର କେନ୍ଦ୍ରବିନ୍ଦୁ । ଏହି ପରିପ୍ରେକ୍ଷୀରେ ମୁଁ ଆପଣଙ୍କୁ ଅନୁରୋଧ କରିବାକୁ ଚାହେଁ ଯେ ଆପଣ ନିଜେ ଦାୟିତ୍ୱ ନେଇ ଏଭଳି ଅଘଟଣ ଯେଭଳି ପୁନରାବୃତ୍ତି ନ ଘଟିବ ତାହା ସୁନିଶ୍ଚିତ କରିବେ । ମୋର ବିଶ୍ୱସ ଏ ଦିଗରେ ଆପଣଙ୍କ ଦୃଷ୍ଟାନ୍ତମୂଳକ ପଦକ୍ଷେପ କୋଟି କୋଟି ଭକ୍ତଙ୍କୁ ଆଶ୍ୱସ୍ତ କରିବାରେ ସହାୟକ ହେବ ବୋଲି ଚିଠିରେ ନବୀନ ଲେଖିଛନ୍ତି ।

### ଚୁଲବୁଲି ନାୟିକା ରିୟା ...

ତାଙ୍କ ଘରେ ଦେଢ଼ ବର୍ଷ ହେଲା କେୟାରଟେକର ଭାବେ ରହୁଥିଲେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳର ଜଣେ ଯୁବତୀ । ଅଭିଯୋଗ ଅନୁସାରେ ରିୟା ଓ ତାଙ୍କ ସ୍ୱାମୀ ଅନେକ ସମୟରେ ଯୁବତୀଙ୍କୁ ଅକଥନୀୟ ମାଡ଼ ମାରୁଥିଲେ । ନିଶାରେ ବିୟର ବୋତଲରେ ରିୟା ପିଟୁଥିବା ଅଭିଯୋଗ କରିଥିଲେ । ଯେଉଁଥିପାଇଁ ସେ ଠିକ୍‌ରେ ଚାଲି ପାରୁନଥିବା ପୀଡ଼ିତା କହିଛନ୍ତି । ଅନେକ ସମୟରେ ସିଗାରେଟ୍ ଆଣିବା ପାଇଁ ବଜାରକୁ ପଠାଉଥିଲେ । କୌଣସି କାମରେ ବାହାରକୁ ଗଲେ ଘରେ ପୂରାଇ ତାଲା ପକାଇ ଦେଉଥିଲେ । ଦିନ, ଦୁଇ ଦିନ ପର୍ଯ୍ୟନ୍ତ ବନ୍ଦ ଘରେ ବିତାଇବାକୁ ପଡୁଥିଲା ବୋଲି ପୀଡ଼ିତା କହିଥିଲେ । ଦୁଇ ଦିନ ତଳେ କିଛି ସମାଜସେବୀ ବନ୍ଦ ଘରୁ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲେ । ପୀଡ଼ିତା ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଘଟଣାଟି କଟକ ଟାଉନ୍ ଅଞ୍ଚଳରେ ଘଟିଥିବାରୁ ଚନ୍ଦ୍ରଶେଖରପୁର ଥାନା ପୁଲିସ୍ ମାମଲାକୁ ବିଡାନାସୀ ଥାନାକୁ ଟ୍ରାନ୍ସଫର କରିଥିଲା । ବିଡାନାସୀ ଥାନା ପୁଲିସ୍ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଆଜି ପୀଡ଼ିତାଙ୍କ ବୟାନ୍ ରେକର୍ଡ କରିବ ବୋଲି ଅତିରିକ୍ତ ଡିସିପି ଅନୀଲ ମିଶ୍ର କହିଛନ୍ତି । ପୀଡ଼ିତାଙ୍କ ଅଭିଯୋଗ ନେଇ ରିଆ ଓ ତାଙ୍କ ସ୍ୱାମୀଙ୍କ ପ୍ରତିକ୍ରିୟା ମିଳିପାରିନି । ଅନ୍ୟପକ୍ଷରେ ରିଆଙ୍କ ସ୍ୱାମୀ ଗତ ୮ ତାରିଖରେ ବିଡ଼ାନାସୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଘରେ କେୟାରଟେକର ଭାବେ ରହୁଥିବା ଯୁବତୀ ନିଖୋଜ ଅଛନ୍ତି ବୋଲି ଏଫ୍ଆଇଆରରେ ଦର୍ଶାଇଥିଲେ । ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମିଶିଂ ମାମଲା ରୁଜୁ କରିଥିଲା । ଏବେ ତାଙ୍କର ଠିକଣା ମିଳିଯାଇଥିବାରୁ ଦୁଇଟି ଅଭିଯୋଗର ତଦନ୍ତ ଏକା ସାଙ୍ଗରେ ହେବ ବୋଲି ପୁଲିସ୍ କହିଛି ।

### ଘୁଞ୍ଚିଲା ମନୀଷ ସିସୋଦିଆଙ୍କ...

ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ସଂଜୟ କୁମାର ମନୀଷ ସିସୋଦିଆଙ୍କ ଜାମିନ ଆବେଦନ ଉପରେ ଶୁଣାଣି କରିବା ପୂର୍ବରୁ ଏହି ମାମଲାରୁ ନିଜକୁ ଅଲଗା କରିନେଇଛନ୍ତି । ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ବିରୋଧରେ ଦିଲ୍ଲୀ ଅବକାରୀ ନୀତି ମାମଲାରେ ଅର୍ଥ ହେରଫେର ନେଇ ମାମଲା ଚାଲିଛି ।

### ଝାଡ଼ଖଣ୍ଡରେ ଆଗୁଆ ହୋଇପାରେ...

ବ୍ୟାସ ମୁଖ୍ୟ ନିର୍ବାଚନ ଅଧିକାରୀ କେ ରବି କୁମାର ଏବଂ ସମସ୍ତ ୨୪ଟି ଜିଲ୍ଲାର ରିଟର୍ଣ୍ଣିଂ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକ କରି ଭୋଟର ତାଲିକା ସଂଶୋଧନ ଓ ମତଦାନ କେନ୍ଦ୍ର ପ୍ରସ୍ତୁତି ର ସମୀକ୍ଷା କରିଛନ୍ତି । ଗୁରୁବାର ପାତ୍ରଟୁଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ନିର୍ବାଚନ ଆୟୋଗ ଟିମ୍ ଭୋଟରଙ୍କ ଘରକୁ ଘର ବୁଲି ଯାଞ୍ଚ, ଡିଜିଟାଇଜେସନ୍, ପୁରୁଣା ଲେମିନେଟେଡ୍ ଭୋଟର ପରିଚୟପତ୍ର ନବୀକରଣ, ମତଦାନ କେନ୍ଦ୍ରରେ ଆବଶ୍ୟକ ସର୍ବନିମ୍ନ ସୁବିଧା, ଜନସାଧାରଣଙ୍କ ଅଭିଯୋଗର ସମାଧାନ ଓ ଲୋକସଭା ନିର୍ବାଚନରେ ମତଦାନ ପ୍ରତିଶତ ଆଦି ବିଷୟରେ ସୂଚନା ନେଇ ଆବଶ୍ୟକ ମାର୍ଗଦର୍ଶିକା ପ୍ରଦାନ କରିଥିଲେ ।

### ଅସହ୍ୟ ହେଲା ଯନ୍ତ୍ରଣା...

ବେଶ ହସ ଖୁସିରେ ଚାଲିଥିଲା ପରିବାର । କାର୍ତ୍ତିକ କାମଦାମ କରି ଯାହା ରୋଜଗାର କରୁଥିଲେ, ସେଥିରେ ଚଳୁଥିଲା ପୂରା ପରିବାର । ଅଭିଯୋଗ ଅନୁସାରେ ୬ ମାସ ତଳେ କାର୍ତ୍ତିକ ଏକ ଭୟଙ୍କର ଦୁର୍ଘଟଣାରେ ଶିକାର ହୋଇଥିଲେ । ଯେଉଁଥିରେ ସେ ଗୁରୁତର ଆହତ ହୋଇଥିଲେ । ମେଡିକାଲରେ ଚିକିତ୍ସା ପରେ ଜୀବନ ସିନା ବଞ୍ଚିଗଲା, ହେଲେ ଚାଲି ବୁଲି ପାରିଲେ ନାହିଁ । ସବୁବେଳେ ବିଛଣା ପଡ଼ି ରହିଲେ । ଏପରି ସ୍ଥିତିରେ ଘର ଚଳିବ କେମିତି ? ଖାଇବେ କ'ଣ ? ଭାଇ ବନ୍ଧୁ କେତେଦିନ ଖାଇବା ପାଇଁ ଦେବେ ? ଏହି ଚିନ୍ତାରେ ଘାଣ୍ଟି ହେଲେ ପିଙ୍କି । ସମ୍ପର୍କୀୟମାନେ ଯାହା ଦେଉଥିଲେ ସେଥିରେ ଚଳି ଯାଉଥିଲେ । ଦାରିଦ୍ର୍ୟରେ ଜୀବନ ବିତାଉଥିଲେ ମଧ ମନ ଭିତରେ ଥିବା ଦୁଃଖକୁ ନିଜ ଛାତି ଭିତରେ ଚାପି ରଖୁଥିଲେ । ସେପଟେ ପ୍ରେମ ବିବାହ କରିଥିବାରୁ ବାପ ଘର ଲୋକଙ୍କ ସହିତ ଯୋଗାଯୋଗ କରିବାକୁ ସାହସ ପାରୁନଥିଲେ । ସବୁଆଡୁ ନିରାଶ ହେବା ପରେ ସ୍ୱାମୀ ଓ ସ୍ତ୍ରୀ ନେଲେ ଚରମ ନିଷ୍ପତ୍ତି । ଅଭିଯୋଗ ଅନୁସାରେ ବୁଧବାର ବିଳମ୍ବିତ ରାତିରେ ନିଜ ଘର ଭିତରେ ଝୁଲି ପଡ଼ିଥିବା ଅଭିଯୋଗ ହୋଇଛି । ଆଜି ସକାଳେ ଘରର କବାଟ ଖୋଲିନଥିଲା । ତେଣୁ ସମ୍ପର୍କୀୟମାନେ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ । ସେହି ସମୟରେ ସ୍ୱାମୀ ଓ ସ୍ତ୍ରୀ ଝୁଲୁଥିବା ଦେଖିବାକୁ ପାଇଥିଲେ । ଏନେଇ ଅଭିଯୋଗ ହେବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି । ପୁଲିସ୍ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି । ତେବେ ଏନେଇ ପୁଲିସ୍ ?ର ପ୍ରତିକ୍ରିୟା ମିଳିପାରିନି ।

# '୧୪ରେ ରତ୍ନଭଣ୍ଡାର ଖୋଲାଯିବା ପ୍ରାୟତଃ ସ୍ପଷ୍ଟ, କେବଳ ଏସଓପିକୁ ତର୍ଜମା କରାଯିବ'



ଭୁବନେଶ୍ୱର, ୧୧/୭ (ନି.ପ୍ର): 'ଜୁଲାଇ ୧୪ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପ୍ରାୟତଃ ସ୍ପଷ୍ଟ । କେବଳ ପରିଚାଳନା କମିଟି ଯେଉଁ ଏସଓପି ସୁପାରିଶ କରିଛି ତାର ବିଭିନ୍ନ ଦିଗକୁ ଯାଞ୍ଚ କରାଯିବ । ନୀତିକାନ୍ତି ସହ ଖାପ ଖୁଆଇ ସବୁ ଦିଗକୁ ସୁବିଧା ହେବା ଭଳି ନିଷ୍ପତ୍ତି ନିଆଯିବ ।' ଆଜି ଏପରି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଆଇନମନ୍ତ୍ରୀ କହିଛନ୍ତି, ଶ୍ରୀମନ୍ଦିର ପରିଚାଳନା କମିଟି ଯେଉଁ ତାରିଖ ଧାର୍ଯ୍ୟ କରିଛି ସେହି ଦିନ ରତ୍ନ ଭଣ୍ଡାର ଖୋଲିବ । ରତ୍ନ ଭଣ୍ଡାର ଯାଞ୍ଚ କମିଟିର ସୁପାରିଶକୁ ମୋହର ମାରିଛି ପରିଚାଳନା କମିଟି । ତାହା ଆଜି ସରକାରଙ୍କ ନିକଟରେ ପହଞ୍ଚିବ । ଯେଉଁ ଏସଓପି ସେମାନେ ତିଆରି କରିଛନ୍ତି ତାହାକୁ ସଠିକ ଭାବେ ଯାଞ୍ଚ କରାଯିବ । ଏହାକୁ ବାଦ ଦେଲେ ଯାଞ୍ଚ କମିଟି ଯେଉଁ ତାରିଖ ସ୍ଥିର କରିଛି ସେ ତାରିଖରେ ହିଁ ରତ୍ନ ଭଣ୍ଡାର ଖୋଲିବା ପ୍ରାୟତଃ ସ୍ପଷ୍ଟ ବୋଲି କହିଛନ୍ତି ଆଇନମନ୍ତ୍ରୀ । ଗତ ୯ ତାରିଖରେ ରତ୍ନ ଭଣ୍ଡାର ଯାଞ୍ଚ କମିଟିର ଦ୍ୱିତୀୟ ବୈଠକ ବସି ୧୪ ତାରିଖରେ ରତ୍ନ ଭଣ୍ଡାର ଖୋଲାଯିବା ନେଇ ତାରିଖ ଧାର୍ଯ୍ୟ ହୋଇଥିଲା । କେବଳ ସରକାରଙ୍କ ଅନୁମତିକୁ ଅପେକ୍ଷା ଥିବା କହିଥିଲେ ରତ୍ନ ଭଣ୍ଡାର ଯାଞ୍ଚ କମିଟି ଅଧକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ । ଗତ ୯ ତାରିଖରେ ରତ୍ନ ଭଣ୍ଡାର କମିଟିର ଦ୍ୱିତୀୟ ବୈଠକ ବସିଥିବା ବେଳେ ଏ ନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିବା କହିଥିଲେ ଜଷ୍ଟିସ ରଥ । ରତ୍ନ ଭଣ୍ଡାର ଖୋଲାଯିବା ସମୟରେ ଠାକୁରଙ୍କ ରୀତିନୀତି ଓ ଶ୍ରଦ୍ଧାଳୁଙ୍କ ଦର୍ଶନରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ସମସ୍ତେ ଯତ୍ନବାନ ହେବେ । ରତ୍ନଭଣ୍ଡାର ଖୋଲାଯିବା ବେଳେ ଭକ୍ତଙ୍କ ଦର୍ଶନ ବନ୍ଦ ହେବନି । ହୁଏତ ଭକ୍ତମାନଙ୍କୁ ସାମାନ୍ୟ ଦୂରରୁ ଦର୍ଶନ କରିବାକୁ ପଡ଼ିପାରେ ବୋଲି ସେ କହିଥିଲେ । ଏଥିସହ କହିଥିଲେ, ଉକ୍ତ ଦିନ ଗଣତି ଆରମ୍ଭ କରାଯିବ । ତାହା କେବେ ସରିବ ତାହା ନିର୍ଦ୍ଧାରିତ ହୋଇନି । ଏଥିନିମନ୍ତେ ପ୍ରଥମେ ଠାକୁରଙ୍କ ଗହଣା ଚିହ୍ନି ପାରିବା ସହ ତାହାର ଗୁଣବତ୍ତା ପରଖି ପାରୁଥିବା ବଣିଆଙ୍କୁ ଚୟନ କରାଯିବ ବୋଲି କହିଛନ୍ତି ଜଷ୍ଟିସ୍ ରଥ ।

## ବାପାକୁ ଟାଙ୍ଗିଆରେ ହାଣି ହତ୍ୟା କଲା ପୁଅ

ଭୁବନେଶ୍ୱର/ ପଦ୍ମପୁର, ୧୧/୭ (ନି.ପ୍ର): ବାପାକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି ପୁଅ । ଗତକାଲି ବିଳମ୍ବିତ ରାତିରେ ଘଟିଛି ଏଭଳି ଘଟଣା । ଏହାପରେ ସାଙ୍ଗେ ସାଙ୍ଗେ ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବୁର୍ଲାକୁ ନିଆ ଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଖବର ପାଇ ପାଇକମାଳ ଥାନାର ପୋଲିସ ଅଧିକାରୀ ବୁର୍ଲା ଯାଇ ତଦନ୍ତ କରିଛନ୍ତି । ପାଇକମାଳ ଥାନା ନିକଟ ଡୁଙ୍ଗୁରୀପାଲି ଗ୍ରାମର ଧନୁର୍ଜ୍ଜ ଅଜଗର(ପ୍ରାୟ ୪୫ ବର୍ଷ)ଙ୍କୁ ତାଙ୍କର ପୁଅ ବିଦ୍ୟାଧର ଅଜଗର(୨୧ବର୍ଷ) ହତ୍ୟା କରିଥିବା ଜଣାପଡିଛି ।

## ଭଦ୍ରକରେ ମିଳିଲା ଉତ୍କଳ ପ୍ରସଙ୍ଗର ରଥଯାତ୍ରା ବିଶେଷାଙ୍କ

ଭଦ୍ରକ, ୧୧/୭ (ନି.ପ୍ର): ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଜରିଆରେ ପ୍ରକାଶିତ ହେଉଥିବା ମାସିକ ପତ୍ରିକା ଓଡ଼ିଆ ଭାଷାରେ ଉତ୍କଳ ପ୍ରସଙ୍ଗ ଓ ଇଂରାଜୀରେ ଓଡ଼ିଶାରିଭ୍ୟୁ ର ରଥ ବିଶେଷାଙ୍କ ପବିତ୍ର ରଥଯାତ୍ରା ଅବସରରେ ଉନ୍ମୋଚିତ ହୋଇସାରିଛି । ଏହି ଅବସରରେ ଭଦ୍ରକ ଜିଲ୍ଲା ପାଇଁ ଉତ୍କଳ ପ୍ରସଙ୍ଗର ରଥ ବିଶେଷାଙ୍କ ସ୍ଥାନୀୟ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଉପଲବ୍ଧ କରାଯାଇଛି । ଏହା ସହ ଶ୍ରୀ ଜଗନ୍ନାଥ ଭଜନ ଜଣାଣ ଓ ଚଉତିଶା ପୁସ୍ତିକା ମଧ ବିକ୍ରୟ କରାଯାଉଛି । ଉତ୍କଳ ପ୍ରସଙ୍ଗର ମୂଲ୍ୟ ଖଣ୍ଡପ୍ରତି ୫ ଟଙ୍କା ଏବଂ ଜଗନ୍ନାଥ ଜଣାଣ ପୁସ୍ତିକା ଖଣ୍ଡପ୍ରତି ମୂଲ୍ୟ ୧୦ ଟଙ୍କା ମାତ୍ର ରଖାଯାଇଛି । ଆଗ୍ରହୀ ଓ ଇଚ୍ଛୁକ ପାଠକ ମାନେ ଉକ୍ତ କାର୍ଯ୍ୟାଳୟରୁ ସରକାରୀ କାର୍ଯ୍ୟ ଦିବସ ଓ ସମୟ ମଧ୍ୟରେ ସଂଗ୍ରହ କରିପାରିବେ ବୋଲି ସୂଚନା ପ୍ରଦାନ କରାଯାଇଛି । ହରିବୋଲ କ୍ଷେତ୍ର କେଶପୁର ରଥଯାତ୍ରା ପାଳନ ଅବସରରେ ତିହିଡ଼ି ବ୍ଲକ୍ ଗୁଆମାଳର ମୋଡ଼ସାହିରେ ଅନୁଷ୍ଠିତ ହେବାକୁ ଥିବା ବାହୁଡ଼ା ଯାତ୍ରାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଖୋଲାଯିବାକୁ ଥିବା ଅସ୍ଥାୟୀ ସୂଚନା କେନ୍ଦ୍ରରେ ମଧ ଏହି ପତ୍ରିକା ଓ ଜଣାଣ ପୁସ୍ତିକା ବିକ୍ରୟ କରାଯିବ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି ।

ଶୁକ୍ରବାର, ଜୁଲାଇ ୧୨, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଭାରତରେ ସଶକ୍ତ ଜନ ସଂଖ୍ୟା ସମାନ ସଂହିତା ଆଇନ ପ୍ରଣୟନ୍ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର, ୧୧/୭ (ନି.ପ୍ର): ଦେଶରେ ସବୁ ନାଗରିକ ମାନଙ୍କ ପାଇଁ ସଶକ୍ତ ଜନ ସଂଖ୍ୟା ସମାନ ସଂହିତା ଆଇନ ପ୍ରଣୟନ ସହିତ ଜାତି ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ନାଗରିକ ନିମନ୍ତେ ଦୁଇ ସନ୍ତାନ ଆଇନ ଲାଗୁ କରିବା ପାଇଁ ପ୍ରଧାନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳଙ୍କ ଜରିଆରେ ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ଓଡ଼ିଶା ବାଲେଶ୍ୱର ଶାଖା ତରଫରୁ ପ୍ରଦେଶ କମିଟି ର ଉପ ସଭାପତି ଜିତେନ୍ଦ୍ର ପୁହାଣଙ୍କ ନେତୃତ୍ୱରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି।ସ୍ୱାଧୀନ ଭାରତରେ ଆମ ସମ୍ବିଧାନକୁ ଅବମାନନା କରା ଯାଇ ଦେଶରେ ଧାର୍ମିକ ଆଧାରରେ ବିଭିନ୍ନ ଧର୍ମାବଲମ୍ବୀ ମାନଙ୍କ ପାଇଁ ଅଲଗା ଅଲଗା ଆଇନ ପ୍ରଚଳନ ହେଉ ଅଛି। ଯାହା ଫଳରେ କିଛି ନାଗରିକ ଦୈତ୍ ଆଇନ ଉପଭୋଗ କରୁ ଅଛନ୍ତି। ଗୋ ଟିଏ ଦେଶରେ ଏକାଧିକ ଆଇନ ପ୍ରଚଳନ ଭାରତୀୟ ସମ୍ବିଧାନର୪୪ ଧାରା କୁ ଅପମାନ ନା କରୁ ଅଛି। ଦେଶ ର ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସବୁ ନାଗରିକ ପାଇଁ ସମାନ ଆଇନ ପ୍ରଣୟନ କରିବାକୁ ଏହି ଦାବି ପାତ୍ର ମଧମ୍ ରେ ଜଣାଇ ଅଛୁ। ଏହି କାର୍ଯ୍ୟକ୍ରମ ରେ ସଂଘଠାନ ର ରାଷ୍ଟ୍ରୀୟ ସମ୍ପାଦକ ସମୀର ପାତ୍ର। ଜିଲ୍ଲା ସଭାପତି ଆଇନ ଜିବି ପ୍ରତାପ ଚନ୍ଦ୍ର ମହାନ୍ତି।ପର୍ଶୁରାମ ବେହେରା, ସୋନ୍ତୋଷ କୁମାର ସେଠୀ। ହେମନ୍ତ କୁମାର ଜେନା,ରଶ୍ମି ରେଖା ଜେନା, ସୁମି ତ ଦେ, ଯଦୁନାଥ ନାୟକ,ସତ୍ୟାନନ୍ଦ ଦାସ,ଶରତ ପାଣଗ୍ରାହୀ,ପ୍ରବୀର୍ କୁମାର ଦାସ, ସନାତନ ଦାସ ମାନସ ଦାସ, ସମେ ତ ବହୁ କାର୍ଯ କର୍ତ୍ତା ଉପସ୍ଥିତ ଥିଲେ।




## ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ



ନୀଳଗିରି , ୧୧/୭ (ନି.ପ୍ର): ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇ କେନ୍ଦ୍ର ଅନୁଦାନରେ ନିର୍ମିତ ଶେରଗଡ଼ - ନୀଳଗିରି -ଝରଣାଘାଟି ରାସ୍ତାର ସମ୍ପ୍ରସାରଣ ସହିତ ନବୀକରଣ ଏବଂ ପଞ୍ଚଲିଙ୍ଗେଶ୍ୱର ରାସ୍ତାରେ ରହିଥିବା ବିଭିନ୍ନ ପ୍ରତିବନ୍ଧକ ଦୂର କରିବା ନେଇ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କର ବୈଠକ ଡାକି ସମସ୍ୟା କିପରି ଦୂର କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆଙ୍କ ସମେତ ବାଲେଶ୍ୱର ଡି. ଏଫ୍.ଓ ଖୁସବନ୍ତ୍ ସିଂ, ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଏସ. ଡି. ଓ, କନିଷ୍ଠ ଯନ୍ତ୍ରୀ ମାନେ ଯୋଗ ଦେଇ ଖୁବଶୀଘ୍ର ସମସ୍ୟାର କିଭଳି ସମାଧାନ ହୋଇପାରିବ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ।

## ବିପ୍ଳବୀ ଚକ୍ରଧର ବେହେରା ଜୟନ୍ତୀ ପାଳନ ଉପଲକ୍ଷେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା



ଭଦ୍ରକ, ୧୧/୭ (ନି.ପ୍ର): ବିପ୍ଳବୀ ଚକ୍ରଧର ବେହେରା ସଂଗ୍ରାମ ଭୂମି ଭଦ୍ରକର ଅନ୍ୟତମ ଗର୍ବ ଓ ଗୌରବ। ରାଜ୍ୟ ସରକାରଙ୍କ ଆନୁକୂଲ୍ୟରେ ରାଜ୍ୟ ସ୍ତରରେ ଭୁବନେଶ୍ୱର ଠାରେ ଏବଂ ଭଦ୍ରକ ଜିଲ୍ଲା ସଦର ମହକୁମାରେ ସ୍ୱର୍ଗତ ବେହେରାଙ୍କ ଜୟନ୍ତୀ ପାଳନ କରାଯାଇଥାଏ। ଜୁଲାଇ ୧୬ ତାରିଖରେ ଏହି ଜୟନ୍ତୀ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସୂଚନା ଓ ଲୋକ ସଂପର୍କ ବିଭାଗ ଜରିଆରେ ସଂସ୍କୃତି ଭବନରେ ହାଇସ୍କୁଲ ପିଲାମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅବସର ପ୍ରାପ୍ତ ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ କରୁଣାକର ଉପାଧ୍ୟାୟ ଏବଂ ବାଦଲ କିଶୋର ମହାପାତ୍ର ବିଚାରକ ଦାୟିତ୍ୱ ତୁଲାଇଥିଲେ। "ବିପ୍ଳବୀ ଚକ୍ରଧର ବେହେରା ଚିର ସ୍ମରଣୀୟ" ଶୀର୍ଷକ ଆଧାରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ଭଦ୍ରକ ପୌରାଞ୍ଚଳ ଓ ବିଭିନ୍ନ ବ୍ଲକ୍‌ରୁ ପ୍ରତିଯୋଗୀ ମାନେ ଅଂଶ ଗ୍ରହଣ କରିଥିଲେ। ଏସ୍.ବି.ଡ଼ି. ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରୀ ତୃପ୍ତିତନୟା ପଣ୍ଡା ପ୍ରଥମ, ଉକ୍ତ ବିଦ୍ୟାଳୟର ଛାତ୍ର ଆସ୍ଥା ନାୟକ ଏବଂ ଉମାଚରଣ ସହଯୋଗ ବିଦ୍ୟାପୀଠ ମହରମ୍‌ପୁର, ତିହିଡ଼ି ର ଆଦ୍ୟାଶା ସାହୁ ଯୁଗ୍ମ ଦ୍ୱିତୀୟ, ମୂରଲୀଧର ଉଚ୍ଚ ବିଦ୍ୟାପୀଠ ଧୂଷୁରୀର ଛାତ୍ରୀ ପ୍ରାଚୀ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିପ୍ଳବୀ ଚକ୍ରଧର ବେହେରା ସ୍ମୃତି କମିଟିର ସମ୍ପାଦକ ଉପେନ୍ଦ୍ର କୁମାର ବାରିକ୍ ମଧ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଶ୍ରଦ୍ଧା ଓ ଭକ୍ତି କ୍ଷେତ୍ରରେ ହେରା ପଞ୍ଚମୀ ପାଳିତ



ବାଲିଆପାଳ , ୧୧/୭ (ନି.ପ୍ର): ବାଲିଆପାଳ ଶ୍ରଦ୍ଧା ଓ ମାନ୍ଧାତା ଭକ୍ତି କ୍ଷେତ୍ରରେ ଗୁରୁବାର ପବିତ୍ର ହେରା ପଞ୍ଚମୀ ପାଳିତ ହୋଇଯାଇଛି। ପ୍ରାତଃ ରୁ ଏଥି ପାଇଁ ଶ୍ରୀ ଜୀଉ ମାନଙ୍କର ସମସ୍ତ ନୀତି କାନ୍ତି ଆରମ୍ଭ ହୋଇ ଥିଲା। ସନ୍ଧ୍ୟା କୁ ମାତା ଲକ୍ଷ୍ମୀ ଙ୍କ ନିର୍ଦ୍ଦେଶ ରେ କେତେକ ସେବାୟତ ମନ୍ଦିର ରୁ ଆସି ରଥ ଗୁଡିକୁ ଭଙ୍ଗା ରୁଜା କରିଛନ୍ତି। ଏହା ଏକ ପରମ୍ପରା। ମାତା ଲକ୍ଷ୍ମୀ ଙ୍କୁ ପ୍ରଭୁ ଜଗନ୍ନାଥ ସାଙ୍ଗରେ ନ ଆଣି ମାଉସୀ ମନ୍ଦିର ଘରକୁ ଆସି ଥିବାରୁ ଲକ୍ଷ୍ମୀ କ୍ରୋଧିତ ହୋଇ ଏପରି କରି ଥାନ୍ତି। ଶ୍ରଦ୍ଧା କ୍ଷେତ୍ରରେ ଶହ ଶହ ଭକ୍ତ ଙ୍କୁ ଅପରାହ୍ନ ରେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରସାଦ ଖେଚୁଡ଼ି ବଣ୍ଟନ କରାଯାଇଥିଲା। କାର୍ଯ୍ୟ କ୍ରମ କୁ ଟ୍ରଷ୍ଟ ବୋର୍ଡ ସମ୍ପାଦକ ବ୍ରଜ କିଶୋର ଭୂୟାଁ, କାଳି ଚରଣ ଦେ, ପ୍ରିୟ ନାଥ ସେଠୀ , ମଧୁସୂଦନ ବାରିକ୍, ସଞ୍ଜୟ କୁମାର ଦେ , ସୁଶାନ୍ତ କୁମାର ମହାପାତ୍ର, ମୁରଲୀ ମୋହନ ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ , ମଧୁସୂଦନ ସାହୁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସେହିପରି ଭକ୍ତି କ୍ଷେତ୍ରର ଟ୍ରଷ୍ଟ ବୋର୍ଡ ର ସଭାପତି ଗୋପାଳ କୃଷ୍ଣ ପାତ୍ର, ସମ୍ପାଦକ ସନାତନ ପାତ୍ର , କୃଷ୍ଣା ନନ୍ଦ ପାତ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

## ରାସ୍ତା ଅବରୋଧ ପ୍ରସଙ୍ଗ: କ୍ଷୋଭ ପ୍ରକାଶ କଲେ କାଉନସିଲର ଖଣ୍ଡେଲୱାଲ

ଉଦଳା , ୧୧/୭ (ନି.ପ୍ର): ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଲାଗି ରହିଥିବା ଏକ ସର୍ବସାଧାରଣ ରାସ୍ତାକୁ ପ୍ରଶାସନ ଗେଟ ବସାଇ ବନ୍ଦ କରିଦେବା ଫଳରେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହା ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ୱାର୍ଡ଼ ନଂ-୧ରେ ଥିବାରୁ ଉକ୍ତ ୱାର୍ଡ଼ର ବାସିନ୍ଦା ସବୁଠାରୁ ଅଧିକ ଅସୁବିଧାର ସମ୍ମୁଖିନ ହେଉଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି । ଏହି ୱାର୍ଡ଼ର କାଉନସିଲର ଧିରେନ୍ଦ୍ର ଖଣ୍ଡେଲୱାଲ ଏଥିପାଇଁ କ୍ଷୋଭ ପ୍ରକାଶ କରିବା ସହ ଆଜି ଜୁଲାଇ ୧୧ ତାରିଖ ଗୁରୁବାର ଦିନ ଲିଖିତ ଆକାରରେ ଉଦଳା ନଗରପାଳ ପ୍ରମିଳା ପଣ୍ଡାଙ୍କ ସମେତ ସ୍ଥାନୀୟ ବିଧାୟକ ଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତୁରନ୍ତ ଏହି ଗେଟକୁ ଉଠାଇଦେବା ସହ ରାସ୍ତାକୁ ସର୍ବସାଧାରଣଙ୍କ ପାଇଁ ଖୋଲିଦେବାକୁ ସେ ଅନୁରୋଧ ଜଣାଇଛନ୍ତି । ଏହି ରାସ୍ତା ଦେଇ ନିୟମିତ ଲୋକେ ଷ୍ଟେଟବ୍ୟାଙ୍କ, ପଂଚାୟତ ସମିତି କାର୍ଯ୍ୟାଳୟ, ଆହାର କେନ୍ଦ୍ର, ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ଓ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟକୁ ଯିବା ଆସିବା କରୁଥିଲେ । ବର୍ତମାନ ଲୋକ ମାନଙ୍କୁ ଏଥିପାଇଁ ପ୍ରାୟ ୨ କିମି ରାସ୍ତା ଅଧିକ ବୁଲିବାକୁ ପଡୁଛି । ପ୍ରଶାସନ ଏହି ଅନୁରୋଧକୁ ରକ୍ଷା ନକଲେ ବଳ ପ୍ରୟୋଗ କରି ଯୋର ଜବରଦସ୍ତ ଏହାକୁ ଭାଙ୍ଗି ଦିଆଯିବ ବୋଲି ସାଧାରଣ ଜନତାଙ୍କ ତରଫରୁ ଚେତାବନି ଦିଆଯାଇଥିବାର କଥା କାଉନସିଲର ଖଣ୍ଡେଲୱାଲ ପ୍ରକାଶ କରିଛନ୍ତି । ଉଦଳାରେ ନିର୍ବାଚନ ପୁର୍ବରୁ ଚାଲିଥିବା ଅଫିସର ରାଜର ପରିଣାମ ଓ ଏଥିପାଇଁ ମୁଣ୍ଡ ଟେକୁଥିବା ଜନଅସନ୍ତୋଷର ଏହା ଏକ ରୂପ ବୋଲି ଅନେକ ମତ ଦେଇଛନ୍ତି ।

## କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନରେ ୭୫ତମ ବନ ମହୋତ୍ସବ ଓ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ



ବେତନଟୀ , ୧୧/୭ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ପାଟଳିପୁରା ଗ୍ରାମ ପଞ୍ଚାୟତର କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଜନ ସଂଖ୍ୟା ନିୟନ୍ତ୍ରଣ ଦିବସ ଓ ୭୫ତମ ବନ ମହୋତ୍ସବ ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବେତନଟୀ ବନାଞ୍ଚଳ ଅଧିକାରୀ ମନୱାର ଖାଁ, ସମ୍ମାନିତ ଅତିଥି ଭାବରେ ଆଲୁମିନୀ ସଭାପତି ସର୍ବେଶ୍ୱର ମହାନ୍ତି, ମୁଖ୍ୟ ବକ୍ତା ଭାବରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଗଡଦେଉଳିଆ ଶାଖାର ମ୍ୟାନେଜର ଶ୍ରୀମତୀ ପଙ୍କଜିନୀ ସେଠୀ, ସମ୍ମାନିତ ବକ୍ତା ଭାବରେ ଓଷ୍ଟା ବେତନଟୀ ବ୍ଲକର ଉପସଭାପତି ଶିଶିର କୁମାର ନାୟକ, ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ଯୋଗଦାନ କରି କ୍ଷିପ୍ର ଜନସଂଖ୍ୟା ବୃଦ୍ଧି ପରିବେଶ ଧ୍ୱଂସର ପ୍ରମୁଖ କାରଣ ବୋଲି କହି ଏହାର ନିରାକରଣ ପାଇଁ ଦୃଢ଼ କାର୍ଯାନୁଷ୍ଠାନ ଗ୍ରହଣ ଅତ୍ୟାବଶକ ବୋଲି କହିଥିଲେ । ଏହି ଅବସରରେ ଜନସଂଖ୍ୟା ନିୟନ୍ତ୍ରଣ ଓ ପରିବେଶ ସୁରକ୍ଷା ଉପରେ ଆଧାରିତ ବକ୍ତୃତା, ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ କୃତି ପ୍ରତି ଯୋଗୀମାନଙ୍କୁ ମୁଖ୍ୟ ଅତିଥି ଏବଂ ମୁଖ୍ୟ ବକ୍ତାଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବନରକ୍ଷୀ ଉତ୍ତମ କୁମାର ଦାସ, ପ୍ରିୟଙ୍କା ସାହୁ. ଓ.ଏଫ. ଡି. ସି ର ରଂଜିତା କର,ଶିକ୍ଷୟିତ୍ରୀ ରିତାରାଣୀ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଇକୋ କ୍ଲବର ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ । ଧନ୍ୟବାଦ ଅର୍ପଣ କରୁଥିଲେ ଶିକ୍ଷକ ଚତୁର୍ଭୁଜ ମଲ୍ଲିକ । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶ ଗ୍ରହଣ କରିଥିଲେ।

## ବନ ମହୋତ୍ସବ ସପ୍ତାହ ଅବସରରେ ଟିପିଏନଓଡିଏଲ ପକ୍ଷରୁ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ



ନିଳଗିରି, ୧୧/୭ (ନି.ପ୍ର): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଛି। 'ବନ ମହୋତ୍ସବ ସପ୍ତାହ ୨୦୨୪' ଅବସରରେ ଟିପିଏନଓଡିଏଲର ବିଦ୍ୟୁତ୍ ବିତରଣ କ୍ଷେତ୍ର ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। "ସଷ୍ଟେନେବଲ୍ ଇଜ ଆଟେନେବଲ" ତତ୍ତ୍ୱକୁ ନିଶ୍ଚିତ କରିବା ତଥା ସୁସ୍ଥ ପରିବେଶ ପ୍ରତି ପ୍ରତିବଦ୍ଧତା ଏବଂ ଦାୟିତ୍ୱବୋଧକୁ ଟିପିଏନଓଡିଏଲର ଏହି ପଦକ୍ଷେପ ଦର୍ଶାଇଥିବାବେଳେ ସବୁଜ ଭବିଷ୍ୟତ ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଏବଂ ଉତ୍ସର୍ଗୀକୃତ ମନୋଭାବ କରିବା ମଧ୍ୟ ଉଦ୍ଦେଶ୍ୟ ରହିଥିଲା। ଏହି ଅବସରରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶତାଧିକ ଚାରା ରୋପଣ କରାଯାଇଥିଲା।

## ପୋଷଣ ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ



ଖୋର୍ଦ୍ଧା, ୧୧/୭ (ନି.ପ୍ର): ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ପୋଷଣ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଇନ ମନ୍ତ୍ରୀ ତଥ ଚିଲିକା ବିଧାୟକ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂ, ଜଟଣୀ ବିଧାୟକ ବିଭୁତିଭୂଷଣ ବଲବନ୍ତରାୟ, ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜିଲ୍ଲାପରିଷଦ ଅଧକ୍ଷା ରୁପଶ୍ରୀ ରାଣୀ ଗୁମାନସିଂହ ପ୍ରମୁଖ ଅତିଥିମାନେ ଯୋଗ ଦେଇଥିଲେ । ଜିଲ୍ଲାପାଳ ଚଂଚଳ ରାଣା ସଭାପତିତ୍ୱ କରିଥିବା ବେଳେ ବୈଠକ ରେ ସ୍ୱାଗତ ଭାଷଣ ରଖିଥିଲେ କୁସୁମ କୁମାରୀ ପ୍ରହରାଜ । ବୈଠକ ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି 'କୁପୋଷଣ (ପୁଷ୍ଟି ହୀନତା )ମୁକ୍ତ ଭାରତ' ଗଠନ । ଏହି କାର୍ଯ୍ୟକ୍ରମ ପ୍ରଧାନ ମନ୍ତ୍ରୀ ଙ୍କର ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀକ ପୋଷଣ କାର୍ଯ୍ୟକ୍ରମ । ପିଲାମାନଙ୍କର ଉଚ୍ଚତା ଏବଂ ଓଜନ ମାଧ୍ୟମରେ ପୁଷ୍ଟି ହୀନତା ବିଷୟରେ ଜଣା ଯିବା । ଜିଲ୍ଲାପାଳ ତାଙ୍କ ବକ୍ତବ୍ୟ ରେ କହିଥିଲେ ଶିଶୁ ହେଉଛନ୍ତି ଦେଶ ର ଭବିଷ୍ୟତ । ଅଙ୍ଗନବାଡି କର୍ମୀ, ଆଶା କର୍ମୀ ମା' ମାନେ ନିଷ୍ଠାପର ଭାବେ ପୁଷ୍ଟି ହିନ ଶିଶୁ ଙ୍କୁ ଚିହ୍ନଟ କରଣ କରିବାରେ ଉଦ୍ୟମ କରିବା ଏବଂ ଖୋର୍ଦ୍ଧା ଜିଲ୍ଲା ରେ ଶୂନ୍ୟ ପୁଷ୍ଟି ହିନ ପାଇଁ ତତ୍ପର ରହିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଙ୍କର ଏହା ଏକ ଗୁରୁତ୍ୱ ଦିଆ ଯାଇଥିବା ଜାତୀୟ ପୁଷ୍ଟି ହୀନତା ର ପୋଷଣ କାର୍ଯ୍ୟକ୍ରମ । ପୁଷ୍ଟିହିନ ଶିଶୁଙ୍କୁ ସକ୍ଷମ କରିବା ଏହି ଯୋଜନାର ଏକବିରାଟ ବଡ ଲକ୍ଷ ଏବଂ ଦେଶ ରେ ଆଗାମୀ ଭବିଷ୍ୟତ ସକ୍ଷମ ଭାରତ ବର୍ଷ ସକ୍ଷମ ଶିଶୁ ଏବଂ ସକ୍ଷମ କିଶୋର ମାନଙ୍କର ଆବଶ୍ୟକତା ରହିଛି । ସେ ଉଦାହରଣ ଦେଇ ପୁଷ୍ଟି ହୀନତା ର ଶିକାର ହୋଇଥିବା 'ନଗଡା' ଭଳି ଦୁଃଖଦାୟକ ଘଟଣା ବର୍ଣ୍ଣନା କରି ଦୁଃଖ ପ୍ରକାଶ କରିଥିଲେ । ସେ କହିଥିଲେ କେହି ଜାଣି ଶୁଣି ଅପପୁଷ୍ଟି ର ଶିକାର ହୋଇନଥାନ୍ତି, ମୁଖ୍ୟତଃ ଦାରିଦ୍ର୍ୟ ଯୋଗୁଁ ଶିଶୁ ମାନେ ଅପପୁଷ୍ଟି ର ଶିକାର ହୋଇଥାନ୍ତି ଓ ତେଣୁ ସେମାନଙ୍କୁ ସହାୟତା ର ହାତ ବଢାଇ ଦାରିଦ୍ର୍ୟ ଦୂରୀ କାରଣ କରା ଯାଇପାରିବ । ଉଚ୍ଚତା ଏବଂ ଓଜନ ଏହି ଦୁଇଟି ବଡ ଟାର୍ଗେଟ ପୋଷଣ ଟ୍ରାକର । ଏକ ଡାଟାବେସ୍ ରେ ପରିବାର ର ସଦସ୍ୟମାନଙ୍କର ଙ୍କର ପୁଷ୍ଟି ହୀନତା ର ମାତ୍ରା ଚିହ୍ନଟିକରଣ କରାଗଲେ ପୁଷ୍ଟି ହୀନତା ସମ୍ପୂର୍ଣ୍ଣ ଭାବେ ନିରାକରଣ କରା ଯାଇପାରିବ । ଆସନ୍ତା ୨ ବର୍ଷ ଭିତରେ ଆମ ଜିଲ୍ଲା ରେ ଗୋଟିଏ ପରିବାର ପୁଷ୍ଟି ହୀନତା ର ଶିକାର ନ ହେଉ ଏବଂ ଆମ ଜିଲ୍ଲା 'ଶୂନ ଅପପୁଷ୍ଟି 'ଜିଲ୍ଲା ଭାବେ ପରିଚିତ କରିବା ଆମର ଲକ୍ଷ ହେଉ । ସବୁ ପରିବାରଙ୍କୁ ସହାୟତା ର ହାତ ବଢାଇ ପାରିଲେ ଏବଂ ସଚେତନିତା ର ବାର୍ତ୍ତା ଜାହିର ରଖା ଗଲେ, ମା ମାନେ ସଚେତନ ହେଲେ ପୁଷ୍ଟି ହୀନତା ଦୂର କରା ଯାଇ ପାରିବ । ଏହା ଛଡା ମନ୍ତ୍ରୀ କହିଲେ, ମା' ମାନେ ସଚେତନ ହେଲେ ପିଲା ମାନଙ୍କୁ ସଠିକ ଭାବେ ଟୀକାକରଣ କରା ଯାଇପାରିବ ଏବଂ ଜିଲ୍ଲା ରେ ନିୟମିତ ମନିଟରିଂ ଓ ଟ୍ରାକି' ପ୍ରକ୍ରିୟା ରେ ଆମ ଅଂଚଳ ରେ ସମ୍ପୂର୍ଣ୍ଣ ଅପପୁଷ୍ଟି ଦୂରୀକରଣ କରା ଯାଇପାରିବ ଉତର ପିଢୀ ଙ୍କୁ ସମାଜ ସହିତ ଯୋଡାଯାଇ ପାରିଲେ ଆମ ଜୀବନ ସାର୍ଥକ ହେବ ବୋଲି କହିଥିଲେ । କାର୍ଯ୍ୟକ୍ରମ କୁ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ର ସ୍ୱାତି ମିଶ୍ର ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବାଦଲ ମହାନ୍ତି, ରାଜ୍ୟସ୍ତରୀୟ ସମୀକ୍ଷକ ଶୀତାଂଶୁ ସିଂ, ସୌରଭ ଭଟ୍ଟାଚାର୍ଯ୍ୟ, ବିନାୟକ କନ୍ଧପାନ, ଜିଲ୍ଲା ର ସମସ୍ତ ଆଇସିଡିଏସ ସୁପରଭାଇଜର, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ହେରାପଞ୍ଚମୀ ନୀତି ସମ୍ପନ୍ନ

ନୀଳଗିରି , ୧୧/୭ (ନି.ପ୍ର): ମହାପ୍ରଭୁଙ୍କ ମାନବୀୟ ଲୀଳାର ନିଆରା ପରମ୍ପରା ହେରାପଞ୍ଚମୀ। ଆଜି ପବିତ୍ର ହେରାପଞ୍ଚମୀ ଗୁଣ୍ଡିଚାଯାତ୍ରାର ପଞ୍ଚମ ଦିବସ ଷଷ୍ଠୀ ତିଥି। ଶ୍ରୀମନ୍ଦିରରେ ସ୍ୱୀ ଲକ୍ଷ୍ମୀଙ୍କୁ ଏକୁଟିଆ ଛାଡି ଭାଇଭଉଣୀଙ୍କ ସହିତ କାଳିଆଠାକୁର ଜଗତର ନାଥ ଜଗନ୍ନାଥ ଗୁଣ୍ଡିଚା ଘରେ ଅବସ୍ଥାନ କରୁଛନ୍ତି। ବଡ଼ଦେଉଳରେ ମା ଲକ୍ଷ୍ମୀ ସାଆନ୍ତାଣୀ ଅଭିମାନ କରି ରହିଛନ୍ତି। ଦୀର୍ଘଦିନ ଧରି ମହାପ୍ରଭୁଙ୍କ ସହ ମହାଲକ୍ଷ୍ମୀଙ୍କ ସାକ୍ଷାତ ହୋଇନାହିଁ। ତେଣୁ ଘୋଷଯାତ୍ରାର ପଞ୍ଚମଦିନରେ ମା ଲକ୍ଷ୍ମୀ ସାଆନ୍ତାଣୀ ସ୍ୱାମୀ ପ୍ରଭୁ ଜଗନ୍ନାଥଙ୍କୁ ଦେଖିବାକୁ ଗୋପନରେ ଗୁଣ୍ଡିଚା ଯାତ୍ରା କରିବାର ପରମ୍ପରା ରହିଛି। ହରଙ୍କୁ ମନରେ ସ୍ମରଣ କରି ଯାତ୍ରା କରିଥିବାରୁ ମହାଲକ୍ଷ୍ମୀଙ୍କ ଏହି ଯାତ୍ରା ହେରାପଞ୍ଚମୀ ନାମରେ ପ୍ରସିଦ୍ଧ। ଏହି ପବିତ୍ର ଦିବସରେ କାଳିଆ ସାଆନ୍ତ ମା ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ଦେଖିବେ ମା ସାଆନ୍ତାଣୀ ମଧ କାଳିଆ ସାଆନ୍ତଙ୍କୁ ଦେଖିବେ।ଏହି ଯାତ୍ରା ଜଗନ୍ନାଥ ସଂସ୍କୃତିର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ବିଶେଷ। ପରମ୍ପରା ଅନୁଯାୟୀ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିରରୁ ମା ଲକ୍ଷ୍ମୀଙ୍କୁ ବିମାନରେ ବସାଇ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଅଣାଯାଇଥିଲା। ପରେ ଜଗନ୍ନାଥଙ୍କ ଆଜ୍ଞାମାଳ ଆସିବାପରେ ଉଭୟ କାଳିଆ ସାଆନ୍ତ ଏବଂ ମା ଲକ୍ଷ୍ମୀ ସାଆନ୍ତାଣୀଙ୍କ ସହିତ ଭେଟଘାଟ କରାଯାଇଥିଲା। ପରେ ଫେରିବା ରାସ୍ତାରେ ମା'ଙ୍କ ଆଗ୍ରହରେ ବିମାନକୁ ଜଗନ୍ନାଥଙ୍କ ରଥ ନିକଟକୁ ନିଆଯାଇଥିଲା। ପ୍ରେମର ସୂଚକ ଭାବରେ ରଥର ହଂସପଟାର ଗୋଟିଏ ଅଂଶକୁ ସେବକଙ୍କ ଭିତରୁ ଜଣେ ଭାଙ୍ଗି ଦେଇଥିଲେ। ଏହାପରେ ଲକ୍ଷ୍ମୀ ସାଆନ୍ତାଣୀ ଶ୍ରୀମନ୍ଦିର ଫେରିଯାଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo